# ଅମର ଜୀବନ

( ସ୍ୱର୍ଗୀୟ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୀବନୀ )

odia.org

ଶ୍ରୀ ଶ୍ରଦ୍ଧାକର ସୂପକାର

# ଅମର-ଜୀବନ

## ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୀବନୀ

ଲେଖକ
ଶ୍ରୀ ଶ୍ରଦ୍ଧାକର ସୂପକାର

ପ୍ରଥମ ମୁଦ୍ରଣ—୧୦୦୦

୧୯୬୨

ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରକାଶକ—ଶ୍ରୀ ହୃଷଚରଣ ପାଢ଼ୀ
ସାରସ୍ୱତ ପୁସ୍ତକ ଭଣ୍ଡାର, ସମ୍ବଲପୁର

ମୂଲ୍ୟ—ଏକ ଟଙ୍କା ମାତ୍ର

# ସୂଚୀପତ୍ର


| | | | |
|---|---|---|---|
| ୧ । ଜନ୍ମ ଓ ବାଲ୍ୟକାଳ | ... | ... | ୧ |
| ୨ । ଉଚ୍ଚ ଶିକ୍ଷା | ... | ... | ୭ |
| ୩ । ଗାର୍ହସ୍ଥ୍ୟ ଜୀବନରେ ଲୋକସେବା | | ... | ୨୨ |
| ୪ । ରାଜନୈତିକ ଜୀବନ | ... | ... | ୩୫ |
| ୫ । ଡାକ୍ତର ପୂଜାରୀଙ୍କ ସାହିତ୍ୟସେବା | | ... | ୪୪ |
| ୬ । ପୂଜାରୀଙ୍କର ଧର୍ମପୂଜା | ... | ... | ୫୪ |
| ୭ । ଅନ୍ତିମ ଜୀବନ... | ... | ... | ୬୧ |

# ଭୂମିକା

ସମ୍ବଲପୁର ଜିଲ୍ଲାର ତିନିଜଣ ସନ୍ତାନ ଚିରସ୍ମରଣୀୟ ହୋଇ ରହିବେ । ସେମାନେ ହେଉଛନ୍ତି ବୀର ସୁରେନ୍ଦ୍ର ସାଏ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ପ୍ରାତଃସ୍ମରଣୀୟ ଡାକ୍ତର ଜନାର୍ଦ୍ଦନ ପୂଜାରୀ । ସମସ୍ତ ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ଚୌହାନବୀର ସୁରେନ୍ଦ୍ର ସାଏ ଜ୍ୱଳନ୍ତ ସ୍ୱଦେଶପ୍ରେମ ଓ ଅଧୃଷ୍ୟ ବୀରତା ପାଇଁ ଅମର ନମସ୍ୟ, କବିବର ଗଙ୍ଗାଧର ଓଡ଼ିଶାର ସାହିତ୍ୟକ୍ଷେତ୍ରରେ ସମ୍ବଲପୁରର ମୁଖ ଉଜ୍ଜ୍ୱଳ କରିଛନ୍ତି ଓ ଓଡ଼ିଆ ସାହିତ୍ୟରେ ତାଙ୍କର ଆଦର୍ଶ ଚରିତ୍ର ଚିତ୍ରଣ ଓ ପ୍ରକୃତି-ପ୍ରେମ ଯୋଗୁଁ ଅମର ହୋଇଛନ୍ତି । ଡାକ୍ତର ଜନାର୍ଦ୍ଦନ ପୂଜାରୀ ଆଦର୍ଶ କର୍ମବୀରରୂପେ ସମ୍ବଲପୁର ଜିଲ୍ଲାରେ ଚିରସ୍ମରଣୀୟ ହୋଇ ରହିବେ ।

ଡାକ୍ତର ପୂଜାରୀ ସମ୍ବଲପୁର ଜିଲ୍ଲା ବାହାରେ ଅପେକ୍ଷାକୃତ ଅପରିଚିତ କାରଣ ଖ୍ୟାତି କହିଲେ ଆମେ ଯାହା ବୁଝୁଁ, ସେ ସେଥିରୁ ଯଥେଷ୍ଟ ଦୂରରେ ରହୁଥିଲେ । ସେ ଥିଲେ ସ୍ଥିତପ୍ରଜ୍ଞତାର ମୂର୍ତ୍ତିମାନ୍ ଅବତାର, ତେଣୁ ସାଂସାରିକ ଖ୍ୟାତିଲିପ୍ସା କେବେ ତାଙ୍କର ଚିତ୍ତରେ କୌଣସି ପ୍ରଭାବ ପକାଇ ପାରି ନାହିଁ । ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟରେ କଥିତ ଅଛି—

"ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।"

"ଐହିକ ଆଡ଼ମ୍ବର, ପ୍ରସିଦ୍ଧି ଲିପ୍‌ସା ଇତ୍ୟାଦି ବୈଷୟିକ ବସ୍ତୁମାନଙ୍କରେ ରତ ରହିଥିବା ଯୋଗୁଁ ସାଧାରଣ ଜୀବ ସେଥିପାଇଁ ସଚେତନ ଥାଆନ୍ତି, କିନ୍ତୁ ତତ୍ତ୍ୱଦର୍ଶୀ ମୁନିଙ୍କ ସକାଶେ ତାହା ରାତ୍ରି ସମାନ ।"

ଡାକ୍ତର ଜନାର୍ଦ୍ଦନ ପୂଜାରୀ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ପାରିଥାନ୍ତେ; କିନ୍ତୁ ସେ ସର୍ବୋଚ୍ଚ ଜନପ୍ରିୟତା ଅର୍ଜନ କରିଥିଲେ ସୁଦ୍ଧା କେବେହେଁ ସେ ନିର୍ବାଚନମୂଳକ ପଦବୀ ପାଇଁ ମନ ବଳାଇ ନ ଥିଲେ । ନିଃସ୍ୱାର୍ଥ ସେବା ଥିଲା ତାଙ୍କର ଜୀବନର ବ୍ରତ ।

ସେ ଉଚ୍ଚକୋଟିର ସାହିତ୍ୟିକ ହୋଇ ପାରିଥାନ୍ତେ । ତାଙ୍କର ସାହିତ୍ୟସେବା ବିଷୟରେ ଆଲୋଚନା କଲେ ଏ ବିଷୟ ସ୍ପଷ୍ଟ ହେବ । ମାତ୍ର ସାହିତ୍ୟରେ ସୁଦ୍ଧା ଖ୍ୟାତି ଅର୍ଜନ କରିବାକୁ ସେ କେବେ ଗୃହିଁ ନାହାନ୍ତି । ଏହା ଛଡ଼ା ଅଭିନୟ ଓ ଶିଳ୍ପ କଳାରେ ସେ ଯୌବନରେ ଯେପରି ଦକ୍ଷତା ଦେଖାଇ ଥିଲେ ସେଥିରେ ମଧ୍ୟ ସେ ଉତ୍କଳ-ବିଖ୍ୟାତ ହୋଇ ପାରିଥାନ୍ତେ । ମାତ୍ର ସେ ଏ ବିଷୟରେ ମଧ୍ୟ ଉଦାସୀନ ଥିଲେ ।

ଯେ ତାଙ୍କର ଜୀବନକାଳରେ ଏପରି ବୀତସ୍ପୃହ ଜୀବନ ଯାପନ କରୁଥିଲେ, ତାଙ୍କର ଐହିକ ଜୀବନ ପରେ ତାଙ୍କୁ ସର୍ବଜନବିଦିତ କରିବା ଏ ପୁସ୍ତକର ଉଦ୍ଦେଶ୍ୟ ନୁହେଁ । ତାଙ୍କ ଜୀବନକାଳରେ ତାଙ୍କର ଆଦର୍ଶ ଜୀବନ-ଚରିତ ସଙ୍କଳନ କରିବାର ଚେଷ୍ଟାକୁ ସେ ପସନ୍ଦ କରି ନ ଥିଲେ ଓ ସେଥିପାଇଁ ତାଙ୍କର ଜୀବନ ବିଷୟରେ ଜିଜ୍ଞାସୁମାନଙ୍କର ପ୍ରଶ୍ନକୁ ସେ ବରାବର ଏଡ଼ାଇ ଦେଉଥିଲେ । କିନ୍ତୁ ତାଙ୍କର ଜୀବନର ଯେଉଁ ମହତ ଘଟଣାବଳୀ ଆମ୍ଭମାନଙ୍କୁ ଏକ ଉତ୍ତମ ଆଦର୍ଶରେ ଅନୁପ୍ରାଣିତ କରିବ, ସେପରି ଘଟଣାମାନଙ୍କର ଏକ

ସଙ୍କଳନ ଅମ୍ଭମାନଙ୍କୁ ସତ୍‌ପଥରେ ପରିଚାଳିତ କରିବ ଏହି ଆଶାକରି ଏ ଜୀବନୀ ପ୍ରକାଶ କରାଯାଉଛି । ଏଥିରେ ଅବଶ୍ୟ ତାଙ୍କର ଜୀବନର ଛାୟାର କିୟଦଂଶ ମାତ୍ର ପ୍ରତିଫଳିତ ହୋଇଛି । ତାଙ୍କର ବିରାଟ ବ୍ୟକ୍ତିତ୍ୱର ପୂର୍ଣ୍ଣ ଚିତ୍ର ଦେବାରେ ଏ ପୁସ୍ତକ ଅକ୍ଷମ ।

ଏ ପୁସ୍ତକ ପ୍ରକାଶ ପାଇଁ ଡା. ଜନାର୍ଦ୍ଦନ ପୂଜାରୀଙ୍କ ଜ୍ୟେଷ୍ଠ ଭ୍ରାତା ଶ୍ରୀଯୁକ୍ତ ପ୍ରସନ୍ନକୁମାର ପୂଜାରୀଙ୍କର ଲେଖା:ଓ କଥା ଅନେକ ପ୍ରେରଣା ଦେଇଛି । ଏହା ଛଡ଼ା ତାଙ୍କର ପରିବାରର ଅନ୍ୟ ଲୋକେ ଓ ମୋର ବ୍ୟକ୍ତିଗତ ସଂସର୍ଗ ଏ ପୁସ୍ତକ ପ୍ରଣୟନରେ ଯଥେଷ୍ଟ ସାହାଯ୍ୟ କରିଛି ।

ଡାକ୍ତର ପୂଜାରୀଙ୍କ ଜୀବନରୁ ଆମର ଅନେକ ଶିଖିବାର ଅଛି । କିନ୍ତୁ ସେ ଜୀବନର ଛାୟା ଏ ଜୀବନୀରେ ସ୍ପଷ୍ଟ ଭାବରେ ପଡ଼ି ନ ଥିବାରୁ ଓ ଡାକ୍ତର ପୂଜାରୀଙ୍କ ଜୀବନରୁ ଶିକ୍ଷଣୀୟ ଘଟନାବଳୀ ଏ ଜୀବନୀରେ ଖୁବ୍ କମ୍ ଦିଆଯାଇଥିବାରୁ ଏହା ତାଙ୍କର ଉପଯୁକ୍ତ ଜୀବନ ବୃତ୍ତାନ୍ତ ହୋଇ ପାରିଲା ନାହିଁ । ଏଥିପାଇଁ ଡାକ୍ତର ପୂଜାରୀଙ୍କ ଜୀବନ ବିଷୟରେ ମୋର ଅନଭିଜ୍ଞତା ଓ ତାଙ୍କର ଚରିତ୍ରର ସମ୍ୟକ୍ ବର୍ଣ୍ଣନାରେ ମୋର ଅକ୍ଷମତା ମୁଖ୍ୟତଃ ଦାୟୀ ତଥାପି ମୁଁ ଆଶା କରୁଛି ଏ ଜୀବନୀରୁ ଓଡ଼ିଶାର ତଥା ସମ୍ବଲପୁରର ଜନସାଧାରଣ ଡାକ୍ତର ପୂଜାରୀଙ୍କର ଉଚ୍ଚ ଆଦର୍ଶବାଦ ବିଷୟରେ କିଛି କିଛି ଧାରଣା କରି ସେହି ଆଦର୍ଶରେ ଅନୁପ୍ରାଣିତ ହେବେ । ଇଂରେଜ କବି ଦିନେ ଲେଖିଥିଲେ—

Lives of great men all remind us
We can make our lives sublime.

ଡା. ପୂଜାରୀଙ୍କ ସତ୍ ସଙ୍ଗରେ ଯେଉଁମାନେ ଆସିଛନ୍ତି, ସେମାନେ ନିଜର ଜୀବନକୁ ଉନ୍ନତ ଓ ପବିତ୍ର କରିବାର ସୁଯୋଗ ପାଇଛନ୍ତି । ଏ

ଜୀବନ ବୃତ୍ତାନ୍ତ ପାଠ କରି ଯଦି ଜଣେ ଯୁବା ପାଠକ ବା ପାଠିକା ଡାକ୍ତର ସୁଜାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତି ତେବେ ଏ ପୁସ୍ତକ ପ୍ରଣୟନରେ ମୋର ସମସ୍ତ ଶ୍ରମ ସାର୍ଥକ ହେବ ।

। ଇତି ।

ଶ୍ରଦ୍ଧାକର ସୂପକାର

୨୭।୧।୭୨



ସ୍ୱର୍ଗୀୟ ଡାକ୍ତର ଜନାର୍ଦ୍ଦନ ପୂଜାରୀ

# ଅମରଜୀବନ

## ଜନ୍ମ ଓ ବାଲ୍ୟକାଳ

ଡାଃ ଜନାର୍ଦ୍ଦନ ପୂଜାରୀଙ୍କର ପିତା ଦାଶରଥି ପୂଜାରୀ ସମ୍ବଲପୁରର ଜଣେ ଗଣ୍ୟମାନ୍ୟ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ଓ ତାଙ୍କର ମାତା ଦେବକୀ ଦେବୀ ସେହିପରି ଜଣେ ପତିପରାୟଣା ଓ ଆଦର୍ଶ ମହିଳା ଥିଲେ । ସ୍ୱର୍ଗତ ଦାଶରଥି ପୂଜାରୀଙ୍କ ନିଜର କେତେ ଜମି ବାଡ଼ି ଥିଲା ଓ ସମ୍ବଲପୁର ସହରର ହୁତାପଡ଼ା ମନ୍ଦିରର ସେ ସେବାୟତ ଥିଲେ । ତଥାପି ସେ ସାମାନ୍ୟ ପାଟୁଆରିରୂପେ ସରକାରୀ ଚାକିରି ଆରମ୍ଭ କରି ଥିଲେ ଓ ନିଜର ଦକ୍ଷତା ଯୋଗୁଁ ରାୟସାହେବ ଉପାଧି ପାଇଥିଲେ । ସେ ଚାକିରି ସମୟରେ ସମ୍ବଲପୁର ସହର ବାହାରେ ବରଗଡ଼ ଓ ଅନ୍ୟାନ୍ୟ ସ୍ଥାନରେ ରହିଥିଲେ ଓ ପରେ ରେଢ଼ାଖୋଲକୁ ଦେଓ୍ୱାନରୂପେ ଯାଇଥିଲେ । ଦାଶରଥି ପୂଜାରୀଙ୍କର ରେଢ଼ାଖୋଲରେ ଅବସ୍ଥିତି ସମୟରେ ଡା. ଜନାର୍ଦ୍ଦନ ପୂଜାରୀ ୧୮୯୩ ସାଲ ନଭେମ୍ବର ମାସ ୧୦ ତାରିଖ ଦିନ ବିକ୍ରମାବ୍ଦ ୧୯୫୦ ସାଲ କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ ରେଢ଼ାଖୋଲରେ ଜନ୍ମଗ୍ରହଣ କରିଥିଲେ ।

ଏଠାରେ ଡା. ପୂଜାରୀଙ୍କର ବଂଶପରିଚୟ ଦେବା ଦରକାର । ତାଙ୍କର ଜ୍ୟେଷ୍ଠଭଗିନୀ ରୁକ୍ମିଣୀ ଦେବୀ ଦାଶରଥି ପୂଜାରୀଙ୍କ ପ୍ରଥମ ସନ୍ତାନ; ସମ୍ବଲପୁରର ପ୍ରସିଦ୍ଧ ଜନନାୟକ ୰ ଚନ୍ଦ୍ରଶେଖର ବେହେରାଙ୍କର

ପତ୍ନୀ । ଚନ୍ଦ୍ରଶେଖର ବେହେରା ସମ୍ବଲପୁରରେ ଓକିଲ ଥିଲେ । ଅନେକ ସମୟ ପର୍ଯ୍ୟନ୍ତ ସମ୍ବଲପୁର ମ୍ୟୁନିସିପାଲିଟିର ଚେୟାରମେନ୍ ଥିଲେ ଓ ସମ୍ବଲପୁରରେ କଂଗ୍ରେସ ଆନ୍ଦୋଳନର ଅନ୍ୟତମ ପ୍ରତିଷ୍ଠାତା ଥିଲେ । ସେ ୧୯୧୯ ସାଲରେ ପୁରୀରେ ହୋଇଥିବା ଉତ୍କଳ ସମ୍ମିଳନୀର ସଭାପତି ଥିଲେ । ୧୯୩୬ ସାଲରେ ସେ ପ୍ରାଣତ୍ୟାଗ କରିଛନ୍ତି :। ସମ୍ବଲପୁର-ଜିଲ୍ଲା ସ୍କୁଲ୍ ଓ ଏକ ବାଳିକା ମଧ୍ୟ ଇଂରେଜି ସ୍କୁଲ୍ ତାଙ୍କର ନାମରେ ନାମିତ ହୋଇଅଛି ।

୧୮୭୭ ସାଲରେ ଦାଶରଥି ପୂଜାରୀଙ୍କର ଜ୍ୟେଷ୍ଠ ପୁତ୍ର ବୈକୁଣ୍ଠନାଥ ବରଗଡ଼ରେ ଜନ୍ମଗ୍ରହଣ କରିଥିଲେ । ସେ ସମୟରେ ସମ୍ବଲପୁର ଜିଲ୍ଲାରେ ଉଚ୍ଚଶିକ୍ଷାର ପ୍ରସାର ହୋଇ ନ ଥିଲେ ସୁଦ୍ଧା ଓ ନାନା ବାଧାବିଘ୍ନ ଥିଲେ ସୁଦ୍ଧା ବୈକୁଣ୍ଠନାଥ ଅସାଧାରଣ ଧୀମତ୍ତା ଓ ଅଧ୍ୟବସାୟ ଯୋଗୁଁ ପ୍ରବେଶିକା ପରୀକ୍ଷାରେ ଶୀର୍ଷସ୍ଥାନ ଲାଭ କରି ୧୮୯୬ ସାଲରେ ନାଗପୁରରୁ ବି. ଏ ପାଶ କରିଥିଲେ । ସେ ୧୮୯୮ ସାଲରେ କଲିକତା ବିଶ୍ୱବିଦ୍ୟାଳୟରୁ ରସାୟନ ବିଦ୍ୟାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ ଓ ସମ୍ବଲପୁରରେ ଅତିରିକ୍ତ ସହକାରୀ କମିଶନରରୂପେ ୧୯୦୦ ସାଲରେ ନିଯୁକ୍ତ ହେଲେ । ସେ ଜଣେ ସୁଦକ୍ଷ କର୍ମଚାରୀରୂପେ ଅଳ୍ପକାଳ ମଧ୍ୟରେ ସୁନାମ ଅର୍ଜନ କରିଥିଲେ । ସାମାଜିକ ଉନ୍ନତି, ଲୋକସେବା; ବିଚ୍ଛିନ୍ନ ଅଞ୍ଚଳ ମିଶ୍ରଣ ଇତ୍ୟାଦିରେ ତାଙ୍କର ଅକ୍ଳାନ୍ତ କର୍ମଠତା ଯୋଗୁଁ ତାଙ୍କୁ କର୍ମବୀର କୁହାଯାଇପାରେ । ଏଠାରେ ସ୍ମରଣ କରାଯାଇପାରେ ଯେ ସେ ସମୟରେ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ଥିଲା ଓ ସମ୍ବଲପୁର ଜିଲ୍ଲା ଓଡ଼ିଶା ସଙ୍ଗେ ୧୯୦୫ରେ ମିଶିବା ମୂଳରେ ବୈକୁଣ୍ଠନାଥଙ୍କର ପ୍ରଚେଷ୍ଟା ମଧ୍ୟ ଥିଲା । ତାଙ୍କର ସାମାଜିକ ସେବା ଓ ଆଦର୍ଶ ଚରିତ ବିଷୟରେ Baikunth and his lettersରୁ ଯଥେଷ୍ଟ ପରିଚୟ ମିଳେ ।

ଦୁର୍ଭାଗ୍ୟବଶତଃ ଅତି ଅଳ୍ପ ବୟସରେ ମାତ୍ର ସତେଇଶ ବର୍ଷ ବୟସରେ ୧୯୦୩ ସାଲରେ ସେ ଯକ୍ଷ୍ମାରୋଗରେ ପ୍ରାଣ ହରାଇଥିଲେ ।

ବୈକୁଣ୍ଠନାଥଙ୍କ ପରେ ନୀଳକଣ୍ଠ ୧୮୮୦ ସାଲରେ ଜନ୍ମଗ୍ରହଣ କରିଥିଲେ । ସେ ମଧ୍ୟ ବୈକୁଣ୍ଠନାଥଙ୍କ ପରି ମେଧାବୀ ଓ କର୍ମଠ ଛାତ୍ର ଥିଲେ ଓ ବି. ଏ. ବି. ଏଲ ପରୀକ୍ଷା ପାଶ କରିଥିଲେ । ମାତ୍ର ଛାତ୍ରାବସ୍ଥା ଶେଷ ହେବାର ଅଳ୍ପକାଳ ପରେ ସେ ମଧ୍ୟ ୧୯୦୫ ସାଲରେ ମାତ୍ର ୨୫ ବର୍ଷ ବୟସରେ ଅଳ୍ପ କେତେ ଦିନ ଜ୍ୱର ରୋଗରେ ପ୍ରାଣତ୍ୟାଗ କରିଥିଲେ । ବୈକୁଣ୍ଠନାଥ ସମ୍ବଲପୁର ଜିଲ୍ଲାର ପ୍ରଥମ ଗ୍ରେଜୁଏଟ୍ ଥିଲେ । ସେ ଓ ତାଙ୍କର ଭାଇ ନୀଳକଣ୍ଠ ସମ୍ବଲପୁର ସହରରେ ଶିକ୍ଷା ବିସ୍ତାର, ସମାଜ ସଙ୍ଗଠନ ଓ ସେ ସମୟରେ ସମ୍ବଲପୁର ମଧ୍ୟପ୍ରଦେଶରେ ଥିବାରୁ ଏ ଜିଲ୍ଲାର ଜନସାଧାରଣଙ୍କ ମନରେ ଓଡ଼ିଆ ଜାତିବୋଧ ଜାଗ୍ରତ କରିବାରେ ଚେଷ୍ଟା କରିଥିଲେ । ଏ ଦୁଇଭାଇ ଯଦି ଅକାଳରେ ପ୍ରାଣତ୍ୟାଗ କରି ନ ଥାନ୍ତେ ତେବେ ସେମାନଙ୍କର ଚେଷ୍ଟାରେ ସମ୍ବଲପୁର ଜିଲ୍ଲାର ଅନେକ ଉନ୍ନତି ହୋଇ ପାରିଥାନ୍ତା ।

ଏ ଦୁଇଭାଇଙ୍କ ଛଡ଼ା ଡା. ଜନାର୍ଦ୍ଦନ ପୂଜାରୀଙ୍କର ଅନ୍ୟ ଦୁଇ ଅଗ୍ରଜ ଶ୍ରୀ ପ୍ରସନ୍ନକୁମାର ପୂଜାରୀ ଓ ଶ୍ରୀ ବନମାଳୀ ପୂଜାରୀ ଓ ଜଣେ ସାନଭାଇ ଶ୍ରୀ ଗୋକୁଳଚନ୍ଦ୍ର ପୂଜାରୀ ଅଛନ୍ତି । ଶ୍ରୀ ପ୍ରସନ୍ନକୁମାର ପୂଜାରୀ ସରକାରୀ ଚାକିରିରେ ବହୁ ବର୍ଷ ରହି ରେଭିନ୍ୟୁ ବିଭାଗ ଓ ପଲିଟିକାଲ୍ ବିଭାଗରେ ନାଗପୁର ଓ ଖଣ୍ଡପଡ଼ାରେ ଦେଓ୍ୱାନ୍ କାମ ଅନେକ ବର୍ଷ କରିଅଛନ୍ତି । ସେ Baikunth & his letters ନାମକ ଇଂରେଜୀ ବହିର ପ୍ରଣେତା । ଏହି ପୁସ୍ତକରୁ ଊନବିଂଶ ଶତାବ୍ଦୀର ଶେଷ ଶତକ ଓ ବିଂଶ ଶତାବ୍ଦୀର ପ୍ରଥମ ଶତକରେ ସମ୍ବଲପୁର ସହରର ଏକ ସାମାଜିକ ଚିତ୍ର ଦେଖିବାକୁ ମିଳେ । ଏହି ପୁସ୍ତକରେ କଥା ପ୍ରସଙ୍ଗରେ କବିବର ଗଙ୍ଗାଧର ମେହେରଙ୍କର ଜୀବନର ଏକ ଅନୁଧ୍ୟାନ ଯୋଗ୍ୟ ଅତି କରୁଣ ସ୍ମୃତି ଚର୍ଚ୍ଚିତ ହୋଇଅଛି ।

ଶ୍ରୀ ବନମାଳୀ ପୂଜାରୀ ମଧ୍ୟ ସରକାରୀ ଚାକିରିରେ ପଲିଟିକାଲ ଏଜେଣ୍ଟ୍ ଅଫିସ ଓ ତତ୍ ସମ୍ପର୍କୀୟ ଅନ୍ୟାନ୍ୟ ଅଫିସମାନଙ୍କରେ କାମ କରି ଅଛନ୍ତି ।

ଡ଼ଃ ଜନାର୍ଦ୍ଦନ ପୂଜାରୀଙ୍କର ବାଲ୍ୟକାଳରୁ ତାଙ୍କର ପିତାମାତାଙ୍କର ଧର୍ମପରାୟଣତା ଓ ଜ୍ୟେଷ୍ଠ ଭ୍ରାତୃଦ୍ୱୟଙ୍କର କର୍ତ୍ତବ୍ୟପରାୟଣତା ଓ ଦେଶାତ୍ମବୋଧ ତାଙ୍କର ମନରେ ଗଭୀର ରେଖାପାତ କରିଥିଲା । ଏ ସମୟରେ ହିଁ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଆଦିଙ୍କର ପ୍ରେରଣା ଏ ଦେଶରେ ଧର୍ମର ଏକ ନୂତନ ପ୍ରେରଣା ଆଣିଥିଲା । ଏହି ସମୟରେ ଅରବିନ୍ଦ ରାଜନୈତିକ ବନ୍ଦୀ ଅବସ୍ଥାରୁ ଜଣେ ମହାତ୍ମା ହୋଇଥିଲେ । ସେହି ଯୁଗର ପ୍ରଭାବ ଓ ଜ୍ୟେଷ୍ଠ ଭ୍ରାତୃଦ୍ୱୟଙ୍କର ଅକାଳ ବିୟୋଗ ଜନାର୍ଦ୍ଦନବାବୁଙ୍କର ବାଳକମନକୁ ବିଶେଷ ପ୍ରଭାବିତ ଓ ଧର୍ମରେ ଅନୁପ୍ରାଣିତ କରିଥିବ ବୋଲି ମନେ ହୁଏ । ସେ ସେଥିପାଇଁ ପ୍ରାୟ ଦଶବର୍ଷ ବୟସରୁ ଏକାନ୍ତପ୍ରିୟ ହେଲେ ଓ ତିତିକ୍ଷାଗୁଣର ବିକାଶ ପାଇଁ ଦୁଃଖ କଷ୍ଟ ସହିବାର ଅଭ୍ୟାସ କରୁଥିଲେ । କେବେ ପ୍ରଚଣ୍ଡ ଗ୍ରୀଷ୍ମକାଳରେ ମହାନଦୀର ତପ୍ତ ବାଲିକାରେ ସେ ଧ୍ୟାନ କରୁଥିବାରୁ ତାଙ୍କର ପିତା ଦେଖି ତାଙ୍କୁ ଏ ପ୍ରକାର କଷ୍ଟରୁ ନିବୃତ୍ତ ହେବାପାଇଁ କହିଛନ୍ତି । କେବେ ସେ ବୁଢ଼ାରଜାର ପର୍ବତ ଉପରେ ନିର୍ଜନରେ ଘଣ୍ଟା ଘଣ୍ଟା ଧରି ଧ୍ୟାନ କରୁଥିବାର ଦେଖାଯାଉଥିଲା । ବିଂଶ ଶତାବ୍ଦୀର ଷଷ୍ଠଦଶକରେ ଏହା ଲୋକଙ୍କୁ ଅସ୍ୱାଭାବିକ ମନେ ହୋଇପାରେ; କିନ୍ତୁ ଆମକୁ ମନେରଖିବାକୁ ହେବ ପୁରା କାଳରେ ବାଲ୍ମୀକି, ବିଶ୍ୱାମିତ୍ରଙ୍କଠାରୁ ଆରମ୍ଭ କରି ଐତିହାସିକ ଯୁଗରେ ବୁଦ୍ଧ ଓ ମହମ୍ମଦ ଓ ଆଧୁନିକ ଯୁଗରେ ରାମକୃଷ୍ଣ ପରମହଂସ ଓ ଯୋଗୀ ଅରବିନ୍ଦ ଆଦି ମହାପୁରୁଷଗଣ ଏହି ତପସ୍ୟାବଳରେ ହିଁ ପୃଥିବୀରେ ପୂଜ୍ୟ ହୋଇ ପାରିଛନ୍ତି । ଏତେ ଅଳ୍ପ ବୟସରୁ ସାଧନା ପ୍ରତି ତାଙ୍କର ମନ ଯିବା ଫଳରେ ଧର୍ମ ପ୍ରତି ସଂସ୍କାର ତାଙ୍କ ମନରେ ଜୀବନରେ ଉତ୍ତରୋତ୍ତର ବୃଦ୍ଧି ପାଇଥିଲା । ତାଙ୍କର ପିତା ଓ

ଜ୍ୟେଷ୍ଠ ଭ୍ରାତା ଯେପରି ସନ୍ଧ୍ୟୋପାସନା ଆଦି ନିୟମିତ ଭାବରେ କରୁଥିଲେ ଡାଃ ପୂଜାରୀ ମଧ୍ୟ ବାଲ୍ୟକାଳରୁ ସେହିପରି ଉପାସନା ଆଦି ନିୟମିତ ଭାବରେ କରୁଥିଲେ ।

ବୈକୁଣ୍ଠନାଥ ଦୈନନ୍ଦିନ ବ୍ୟାୟାମ ମୁଷ୍ଟିଭିକ୍ଷା ଆଦି ସମାଜ ସଂସ୍କାର ପାଇଁ ଯେଉଁ ଅନୁଷ୍ଠାନମାନ ଆରମ୍ଭ କରିଥିଲେ ଏଥିରେ ଡାଂ ପୂଜାରୀ ତାଙ୍କର କିଶୋରାବସ୍ଥାରେ ଉତ୍ସାହର ସହିତ କାର୍ଯ୍ୟ କରୁଥିଲେ ।

ଶ୍ରୀ ପୂଜାରୀ ସମ୍ବଲପୁର ଜିଲ୍ଲା ସ୍କୁଲରେ ଅଧ୍ୟୟନ କରି ପ୍ରାୟ ଅଠର ବର୍ଷ ବୟସରେ ମେଟ୍ରିକ୍ୟୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ପୂର୍ବରୁ ୧୯୦୯ ସାଲରେ ତାଙ୍କର ପିତା ଦାଶରଥି ପୂଜାରୀଙ୍କର ଦେହାନ୍ତ ହୋଇଥିଲା ଓ ତହିଁର ପରବର୍ତ୍ତୀ ବର୍ଷ ୧୯୧୦ ସାଲରେ ତାଙ୍କର ଜ୍ୟେଷ୍ଠା ଭଗିନୀ ରୁକ୍ମିଣୀ ଦେବୀଙ୍କର ଦେହାନ୍ତ ହେଲା । ବୈକୁଣ୍ଠନାଥ ଓ ନୀଳକଣ୍ଠଙ୍କ ଜୀବିତ ଅବସ୍ଥାରୁ ସେମାନେ ମାଆଙ୍କର ଉପରେ ଦୈନନ୍ଦିନ ବ୍ୟୟ ପାଇଁ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଥିଲେ । ନୀତିମାନ୍ ବୈକୁଣ୍ଠନାଥ ସେ ସମୟରେ ଦୁର୍ଲଭ ଅଢ଼େଇ ଶହ ଟଙ୍କା ବେତନରେ ଚାକିରି ଆରମ୍ଭ କରିଥିଲେ ସୁଦ୍ଧା ନିଜର ସବୁ ବେତନ ମାଆଙ୍କୁ ଦେଉଥିଲେ ଓ ନିଜର ପକେଟ୍ ଖର୍ଚ୍ଚ ପାଇଁ ମାଆଙ୍କଠାରୁ ଟଙ୍କା ମାଗି ଖର୍ଚ୍ଚ କରୁଥିଲେ । କଲିକତା ବା ନାଗପୁରରେ ଥିଲା ସମୟରେ ପରିବାରର ଅନ୍ୟ ଲୋକଙ୍କପାଇଁ କୌଣସି ପୋଷାକପତ୍ରର ବରାଦ ପାଇଲେ ପ୍ରଥମରୁ ମାଆଙ୍କର ଅନୁମତି ନେଇ ତାହା ଆଣୁଥିଲେ । ଏଣୁ ତାଙ୍କର ମାଆ ଶିକ୍ଷିତା ଥିଲେ ଓ ପରିବାରକୁ ସୁବ୍ୟବସ୍ଥିତ ଭାବରେ ଚଳାଉଥିଲେ । ୧୯୦୯ ସାଲରେ ଦାଶରଥି ପୂଜାରୀଙ୍କ ମୃତ୍ୟୁ ପରେ ଦେବକୀ ଦେବୀଙ୍କ ଉପରେ ପରିବାରର କର୍ତ୍ତୃତ୍ୱ ପଡ଼ିଥିଲା । ସେହି ସମୟରେ ପରିବାରରେ ଉପାର୍ଜନକାରୀ ନ ଥିବାରୁ ଶ୍ରୀପ୍ରସନ୍ନ-କୁମାର ପୂଜାରୀ ଓ ବନମାଳୀ ପୂଜାରୀ ଅଳ୍ପ ବେତନରେ ଚାକିରି

କରିବାକୁ ବାଧ୍ୟ ହେଲେ । ଗୃହର ଯୋଗୁଁ ସେମାନଙ୍କୁ ଅନେକ ସମୟ ବାହାରେ ରହିବାକୁ ପଡୁଥିଲା ।

ଏହି ପରିସ୍ଥିତିରେ ପୂଜାରୀଙ୍କର ସମ୍ବଲପୁରର ଛାତ୍ରଜୀବନ ଶେଷ ହେଲା ୧୯୧୬ ସାଲରେ । ସମ୍ବଲପୁରର ଅନ୍ୟତମ କୃତି ସନ୍ତାନ ଶ୍ରୀ ବୋଧରାମ ଦୁବେ, ଶ୍ରୀ ଶଙ୍କରପ୍ରସାଦ ମିଶ୍ର, ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଓ ସ୍ୱର୍ଗତ ଶ୍ରୀ ଗୋକୁଳଚନ୍ଦ୍ର ବାବୁ ( ଯେ ବହୁ ବର୍ଷ ଧରି ସମ୍ବଲପୁର ଡିଷ୍ଟ୍ରିକ୍ଟ୍ କାଉନ୍ସିଲ୍ ଚେୟାରମେନ୍ ଥିଲେ ) ଡାକ୍ତର ପୂଜାରୀଙ୍କ ସହପାଠୀ ଥିଲେ । ସବୁ ଛାତ୍ରମାନଙ୍କ ମଧ୍ୟରୁ ଧର୍ମ ଓ ସାହିତ୍ୟ ପ୍ରତି ଶ୍ରୀ ପୂଜାରୀଙ୍କ ଅନୁରାଗ ଅଧିକ ଥିଲା ।

## ଉଚ୍ଚଶିକ୍ଷା

ଧର୍ମପ୍ରବୃତ୍ତି ସଙ୍ଗେ ସଙ୍ଗେ ଉଚ୍ଚାକାଙ୍କ୍ଷା ଡା. ପୂଜାରୀଙ୍କ ମନରେ ଛାତ୍ରାବସ୍ଥାରୁ ବଳବତୀ ଥିଲା । କୈଶୋରସୁଲଭ ଉଚ୍ଚାକାଂକ୍ଷାରେ ପ୍ରଣୋଦିତ ହୋଇ ମେଟ୍ରିକ୍ ପାସ୍ କଲା ପରେ ସେ ବିଦେଶକୁ ଉଚ୍ଚଶିକ୍ଷା ପାଇଁ ଯିବାକୁ ମନ ବଳାଇଲେ । ବୈକୁଣ୍ଠନାଥ ଓ ନୀଳକଣ୍ଠ ସେ ସମୟରେ ଜୀବିତ ଥିଲେ ହୁଏତ ଏ ବିଷୟରେ ସେମାନେ ଆର୍ଥିକ ସ୍ୱଚ୍ଛଳତା ଯୋଗୁଁ ତହିଁର ଉପଯୁକ୍ତ ବ୍ୟବସ୍ଥା କରି ପାରିଥାନ୍ତେ । ମାତ୍ର ସେ ସମୟରେ ସାମାନ୍ୟ ଜମିବାଡ଼ି ଛଡ଼ା ତାଙ୍କର ବିଶେଷ ସମ୍ପତ୍ତି ନ ଥିଲା । ତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀ ପ୍ରସନ୍ନକୁମାର ପୂଜାରୀ ସେହି ସମୟରେ ରାୟଗଡ଼ରେ ମୋଟେ ଷାଠିଏ ଟଙ୍କା ବେତନରେ ଚାକିରି କରୁଥିଲେ ।

ଘରର ଆର୍ଥିକ ପରିସ୍ଥିତି ଜନାର୍ଦ୍ଦନ ପୂଜାରୀଙ୍କର ଯୁବକସୁଲଭ ଉତ୍ସାହକୁ ଦମନ କରି ପାରି ନ ଥିଲା । ୧୯୧୨ ସାଲ ମଇ ମାସରେ ସେ ଘରୁ ଟ୍ରେନ୍‌ରେ ବାହାରି ରାୟଗଡ଼ରେ ଜ୍ୟେଷ୍ଠ ଭ୍ରାତା ଶ୍ରୀ ପ୍ରସନ୍ନକୁମାର ପୂଜାରୀଙ୍କ ବସାରେ ଉପସ୍ଥିତ ହୋଇ ଉଚ୍ଚ ଶିକ୍ଷା ପାଇଁ ଆମେରିକା ଯିବାର ଅଭିପ୍ରାୟ ବ୍ୟକ୍ତ କଲେ । ଅଳ୍ପ ବେତନଭୋଗୀ ଶ୍ରୀ ପ୍ରସନ୍ନ କୁମାର ପୂଜାରୀ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅର୍ଥାଭାବ ହେତୁରୁ ସାନଭାଇଙ୍କୁ ବିଦେଶ ଯିବାରୁ ନିବର୍ତ୍ତାଇବାକୁ ଚେଷ୍ଟା କଲେ । ମାତ୍ର ତାଙ୍କର ଚେଷ୍ଟା ବ୍ୟର୍ଥ ହେଲା । ଜାପାନ ପର୍ଯ୍ୟନ୍ତ ଯିବାଭଳି ସାମାନ୍ୟ କେତେ ଟଙ୍କା ଧରି ଡାଃ ପୂଜାରୀ ମଇ ମାସର ପ୍ରଥମ ସପ୍ତାହ ବେଳକୁ କଲିକତାରେ ପହଞ୍ଚି ଜାପାନକୁ ଯାଉଥିବା ଗୋଟିଏ ଜାହାଜରେ ଜାପାନ ଯିବାପାଇଁ ବ୍ୟବସ୍ଥା କଲେ । ଆଜିକାଲି ପରି ସେ ସମୟରେ ମୁଦ୍ରା ବିନିମୟ, ପାସପୋର୍ଟ ଆଦିର ଏତେ ଅସୁବିଧା ବୋଧହେଉ ନ ଥିଲା ।

ଜାପାନକୁ ବାହାରିବା ପୂର୍ବରୁ ସେ କଲିକତାରେ ଥିବା ତାଙ୍କର ଶିକ୍ଷକ ଶ୍ରୀ ଅମୃତଲାଲ ଗୁପ୍ତଙ୍କ ସଙ୍ଗରେ ଦେଖା କରିଥିଲେ । ଶ୍ରୀ ଗୁପ୍ତ ଏଥିପୂର୍ବରୁ ୧୯୦୯-୧୦ ସାଲରେ ସମ୍ବଲପୁର ଜିଲ୍ଲା ସ୍କୁଲର ହେଡ଼ମାଷ୍ଟର ଥିଲେ ଓ ଜନାର୍ଦ୍ଦନ ବାବୁଙ୍କୁ ଖୁବ୍ ଭଲ ପାଉଥିଲେ । ସେତେବେଳେ ସମ୍ବଲପୁର ଓଡ଼ିଶା ସଙ୍ଗେ ଥିବାରୁ ତାହା ସେ ସମୟରେ ବଙ୍ଗ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା । ଶ୍ରୀ ଗୁପ୍ତ ସମ୍ବଲପୁର ଜିଲ୍ଲା ସ୍କୁଲରୁ ଯାଇ କଲିକତାରେ ଥିଲେ । ଜନାର୍ଦ୍ଦନ ବାବୁଙ୍କର ଜାପାନ ଓ ଆମେରିକା ଯାତ୍ରାର ପ୍ରସ୍ତାବ ଶୁଣି ସେ ମଧ୍ୟ ଆଶ୍ଚର୍ଯ୍ୟ ହେଲେ ଓ ତାଙ୍କୁ ପଚାରିଲେ, "ତୁମଠାରେ କେତେ ଟଙ୍କା ଅଛି ?" ଜନାର୍ଦ୍ଦନ ବାବୁ ଟଙ୍କା ହିସାବ କରି ଦେଖିଲେ, ସେତେବେଳେ ତାଙ୍କ ପାଖରେ ଦୁଇଟଙ୍କା କେତେ ଅଣା ମାତ୍ର ଥିଲା । ଜାହାଜ ଭଡ଼ା ସେ ତା ପୂର୍ବରୁ ଦେଇ ପାରିଥିଲେ । ଏଥିରେ ବିଚଳିତ ହୋଇ ଶ୍ରୀ ଗୁପ୍ତ ତାଙ୍କୁ ଘରରୁ ଟଙ୍କା ପାଇଁ ଟେଲିଗ୍ରାମ୍ କରିବାକୁ ବାଧ୍ୟ କଲେ ଓ ଜାହାଜ ଛାଡ଼ିଲା ସମୟରେ ଗୋଟିଏ ଦଶଟଙ୍କିଆ ନୋଟ୍ ନିଜ ହାତରୁ ଦେଇଥିଲେ । ଏହିପରି ହାତରେ ମାତ୍ର ବାରଟଙ୍କା କେତେ ଅଣା ଧରି ଜନାର୍ଦ୍ଦନ ବାବୁ ସେହି ଜାହାଜରେ କଲିକତାରୁ ମଇମାସ ୧୧ ତାରିଖରେ ଜାପାନ ଅଭିମୁଖରେ ଯାତ୍ରା କଲେ ।

ଅଠର ବର୍ଷ ବୟସରେ ନିଃସମ୍ବଳ ଭାବରେ ବନ୍ଧୁହୀନ ପୁଣି ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ କଲିକତାରୁ ଆମେରିକା ଅଭିମୁଖେ ବାହାରିବା ଏକ ଆଶ୍ଚର୍ଯ୍ୟର ବିଷୟ । ଭାଗ୍ୟକ୍ରମେ ଜାହାଜରେ ଜଣେ ବଙ୍ଗାଳୀ ଡାକ୍ତରଙ୍କ ସଙ୍ଗେ ତାଙ୍କର ପରିଚୟ ହେଲା ଓ ବଙ୍ଗାଳୀ ଡାକ୍ତର ମହାଶୟ ଯାତ୍ରା ସମୟରେ ତାଙ୍କର ଯତ୍ନ ନେଉଥିଲେ । ଏତେ ଅଳ୍ପ ବୟସରେ ସମୁଦ୍ର ଯାତ୍ରାରେ ପ୍ରଥମେ ପ୍ରଥମେ ବାନ୍ତି ଓ ଅସ୍ୱସ୍ତି ସତ୍ତ୍ୱେ ସେ ଆଦୌ ବିଚଳିତ ନ ହୋଇ ସେ ଚାଲିଲେ । ତାଙ୍କର ଏହି ସମୁଦ୍ର ଯାତ୍ରାର ବିବରଣୀ ସେ ପରେ ଘରକୁ ଲେଖିଥିବା ଗୋଟିଏ ଚିଠିରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି—

"ପ୍ରଥମ ଦିନ ମୋର ଥରେ ମାତ୍ର ନଅଟା ବେଳକୁ ବାନ୍ତି ହୋଇଥିଲା । ବାନ୍ତି (ବନ୍ଦକର) ପାଇଲି ନାହିଁ । କିନ୍ତୁ ଯିମିତି ବାନ୍ତି-ହେଲା, ଜାହାଜ ଉପରେ ଯାଇ ଖୁବ୍ ଏ ପାଖ ସେ ପାଖ ବୁଲିଲି । ବେଶ୍ ଟେନ୍‌ଟେନ୍ । ଡାକ୍ତର ବାବୁ ସଙ୍ଗରେ ଖୁବ୍ ଅଳାପ ହୋଇ-ଥିଲାଣି । ଜାହାଜରେ ଦେଶର ଲୋକ କେହି ନ ଥିବାରୁ ସେ ମୋ କୁଠରିକୁ ପ୍ରତିଦିନ ଆସି ପଚାରୁଥିଲେ । କିନ୍ତୁ ଏହି କେତେଦିନ ମୁଁ ଡାକ୍ତରବାବୁଙ୍କ ପାଖକୁ ଗଲି । ଯେଉଁ ଦିନ ବାନ୍ତି ହେଲା, ସେ ଦିନ ଡାକ୍ତରବାବୁ ଆସି କହିଲେ,—"ଏହିପରି ସମସ୍ତଙ୍କର ହୋଇଛି, ସାହେବମାନଙ୍କର ମଧ୍ୟ—ଏହିପରି ଝଡ଼ ହେଲେ ଜାହାଜର ବଡ଼ ଭୟ—ତୁମ୍ଭେ ଯାଇ ଚୁପ୍ କରି ଶୋଇ ପଡ଼, ଏହିପରି ୪।୫ ଦିନ ହେବ । ତୁମ୍ଭର ଅଧିର ଭୟ, କାହିଁକି ନା ଏହା ତୁମ୍ଭର ପ୍ରଥମ ଯାତ୍ରା ।" ମୁଁ କହିଲି "ଡାକ୍ତର ବାବୁ, ଆପଣଙ୍କ କଥା ଓ ମୋ କଥା ଅନେକ ପ୍ରଭେଦ । ଶୋଇବା କଥା ମୋର ହେବ ନାହିଁ । ଆପଣ ମୋଟା ଲୋକ; ଏଥିପାଇଁ ଏତେ ଶୋଇବା କଥା ପକାନ୍ତି ।" ୨ ଦିନ ପରେ ଡାକ୍ତରବାବୁ ଆସି ପଚାରିଲେ,—"କିପରି ?" ମୁଁ କହିଲି, "ତା'ପରେ ଆଉ କିଛି ହୋଇ ନାହିଁ । ଦେଖୁଛନ୍ତି—ଶୁଖା ଲୋକର କିଛି ହେବ ନାହିଁ ।" ଡାକ୍ତର ବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ "Oh ! You are a very good soldier, I see ! I have come across very few men possessed of such wonderful strength. You are a very delicate figure and that is what wonders me most" (ଅର୍ଥାତ୍ ମୁଁ ଦେଖୁଛି ତୁମେ ଜଣେ ଭଲ ସୈନିକ (ଭଲଆ) ତୁମଭଳି ଆଶ୍ଚର୍ଯ୍ୟଜନକ ଶକ୍ତି ଥିବା ଲୋକ ମୁଁ ଖୁବ୍ କମ୍ ଦେଖିଛି । ତୁମର ଦେହ ଏତେ ପତଳା ଏହା ଦେଖି ମୁଁ ବେଶୀ ଆଶ୍ଚର୍ଯ୍ୟ ହେଉଛି) ।

ବାଟରେ ପେନାଙ୍ଗ୍, ସିଙ୍ଗାପୁର ଓ ହଂକଙ୍ଗ୍, ସହର ଦେଇ ଜାହାଜଟି ଜାପାନର କୋବେ ସହରରେ ଜୁନ୍ ମାସ ସାତ ତାରିଖରେ

ପହଞ୍ଚିଲା । କଲିକତାରୁ ଯେଉଁ ବାରଟଙ୍କା ନେଇଥିଲେ ବାଟରେ ଧୋବା ଖର୍ଚ୍ଚ ଓ ସହର ଦେଖା ଆଦି ଅନ୍ୟାନ୍ୟ ଖର୍ଚ୍ଚରେ ତାହା ପ୍ରାୟ ଶେଷ ହୋଇ ଯାଇଥିଲା ଓ କୋବେ ସହରରେ ପହଞ୍ଚିଲା ବେଳକୁ ଶ୍ରୀପୂଜାରୀ ପ୍ରାୟ କପର୍ଦ୍ଦକଶୂନ୍ୟ ହୋଇ ପଡ଼ିଥିଲେ କିନ୍ତୁ ତାଙ୍କ ମନରେ ଗଭୀର ଈଶ୍ୱର ବିଶ୍ୱାସ ଓ ଆତ୍ମବିଶ୍ୱାସ ଥିଲା ।

ସେହି ସମୟରେ କୋବେରେ G. Dossa & Co ବୋଲି ଗୋଟିଏ ଗୁଜୁରାଟି ବ୍ୟବସାୟୀ କମ୍ପାନୀ କାର୍ଯ୍ୟ କରୁଥିଲେ । ଶ୍ରୀପୂଜାରୀ ସେହି କମ୍ପାନୀ ଅଫିସ୍‌କୁ ଗଲେ । ସେଠାରେ ସେ କିପରି ପରିଚୟ ସ୍ଥାପନ କଲେ ସେ ବିଷୟରେ ମଧ୍ୟ ତାଙ୍କ ଠାରୁ କିମ୍ବା ଲିଖିତ କେତେ ଧାଡ଼ି ନିଜର ବର୍ଣ୍ଣନା ଅନୁସାରେ ଦିଆଗଲା—

"ତା'ପରେ ଗୋଟିଏ ଘରର ଉପର ମହଲକୁ ଯାଇ କୋମ୍ପାନୀର ଲୋକଙ୍କୁ ପାଇଲି । ପଚାରିଲି, "ଜଣେ ବ୍ରହ୍ମଚାରୀ ଆସିଛି । ତାହାର ସମସ୍ତ ବନ୍ଦୋବସ୍ତ କରି ପାରିବ ତ ହାତ ମିଲାଅ— ନୋହିଲେ ଫେରିଯାଏଁ । ମୋର ସିନ୍ଦୁକଟିଏ ତଳେ କୁଲି ହାତରେ ରହିଛି ।" ହଠାତ୍ ଏପରି ଜଣେ କଡ଼ା କଡ଼କର କଥା କହିବା ଦେଖି ପ୍ରଥମରେ ସମସ୍ତେ ଚୁପ୍ କରି ରହିଲେ । ଏହା ଦେଖି ସଲାମଟିଏ ବଜାଇ । (ପକାଇ) ବାହାରି ଆସୁଥିଲି, ଏପରି ସମୟରେ ଏଠାର ମେନେଜର ତାଙ୍କ ହାତ ବଢ଼ାଇ ଦେଲେ । ତାହାପରେ ସମସ୍ତ କଥା କହିଲି । ଅନେକ କଥା ହେଲା । ଏମାନେ ଗୁଜୁରାଟି ବ୍ରାହ୍ମଣ ଜାତି । ଏଠାରେ ଲୁଗା ବ୍ୟବସାୟ କରନ୍ତି । ଖୋବ୍ ବଡ଼ ମହାଜନ ବୋଲି ବୋଧ ହେଲା ।"

ଉପରିଲିଖିତ କମ୍ପାନୀର ମେନେଜର ଭାରତରୁ ଆସିଥିବା ଯୁବକ ପୂଜାରୀଙ୍କୁ ଅତିଥି କରି ତାଙ୍କର ଉଚ୍ଚାକାଂକ୍ଷା ବିଷୟ ଆଲୋଚନାରୁ ଜାଣି ତାଙ୍କୁ ଆମେରିକା ଯିବାର ଖର୍ଚ୍ଚ ପାଇଁ ପ୍ରାୟ ପାଞ୍ଚଶହ ଟଙ୍କା

ଦେବାକୁ ସ୍ୱୀକାର କଲେ । ଶ୍ରୀ ପୂଜାରୀ କୋବେରେ ସାତ ତାରିଖରେ ବାହାରି ୧୫ ତାରିଖରେ ଆମେରିକା ଯାତ୍ରା କରୁଥିବା ଗୋଟିଏ ଜାହାଜରେ ସାନ୍‌ଫ୍ରାନ୍‌ସିସ୍‌କୋ ଯିବା ଉଦ୍ୟୋଗ କଲେ ।

ଏହି ଯାତ୍ରାର ବ୍ୟବସ୍ଥା ମଧ୍ୟ ସେ ଯେଉଁ ଭାବରେ କରି ପାରିଥିଲେ, ତାହା ମଧ୍ୟ କୌତୂହଳଜନକ । ସେ ଦିନେ କୋବେ ସହରର ସମୁଦ୍ର କୂଳରେ ବୁଲୁଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଆମେରିକା ଯାତ୍ରୀ-ଜାହାଜର ସନ୍ଧାନ । ଏହି ସମୟରେ ଗୋଟିଏ ଆମେରିକାନ୍ ଜାହାଜର ଜଣେ ବୃଦ୍ଧ କପ୍ତାନଙ୍କର ସଙ୍ଗେ ତାଙ୍କର ଦେଖାହେଲା । ପରିଚୟ ଜିଜ୍ଞାସା ସମୟରେ କପ୍ତାନ ଯୁବକ ପୂଜାରୀଙ୍କୁ ପୁତ୍ତଳିକାପୂଜକ ବୋଲି ଥଟ୍ଟାରେ କହି ପକାଇଲେ । ଏଥିରେ ପୂଜାରୀ ଚଟ୍ କରି ଜବାବ ଦେଲେ "ଆପଣ କ'ଣ ଆମଠାରୁ ଅଧିକ ପୁତ୍ତଳିକାପୂଜକ ନୁହନ୍ତି ?" କପ୍ତାନ ଯୁବକଙ୍କର ଏ ଯୁକ୍ତିରେ ଗମ୍ଭୀର ହୋଇ କହିଲେ, "ନା, କଦାପି ନୁହେଁ, ତୁମେ ତୁମର ଅଭିଯୋଗର ପ୍ରମାଣ କରି ପାରିବ କି ? ଯୁବକ ପୂଜାରୀ ତାଙ୍କୁ କହିଲେ, "ତୁମର ପିତା, ମାତା ବା ଗୁରୁଜନମାନଙ୍କର ବା ପ୍ରିୟତମାର ଫଟୋରେ ତୁମେ ଫୁଲମାଳ ଦିଅ କି ? ଗୁରୁଜନ-ମାନଙ୍କର ବା ରଜା ବା ରାଣୀଙ୍କର ଛବି ଦେଖାଇ ଯଦି କେହି ତୁମ୍ଭଙ୍କୁ ସେଥିରେ ଛେପ ପକାଇବାକୁ କହେ, ତେବେ ତୁମେ ଖୁବ୍ ରାଗିଯାଇ ତା'ର ଜୀବନ ନେବାକୁ ବାହାରିବ । କିନ୍ତୁ ବାସ୍ତବିକ କ'ଣ ତୁମର ଗୁରୁଜନମାନଙ୍କର ଫଟୋକୁ ଫୁଲମାଳ ଦେଲେ ସେମାନେ ତହିଁର ସୁଗନ୍ଧ ପାଆନ୍ତି ? ସମ୍ରାଟଙ୍କ ଜନ୍ମଦିବସ ଉପଲକ୍ଷ୍ୟେ ଦେଶ ବିଦେଶରେ ଘରେ ଘରେ ଅଗ୍ନ୍ୟୁତ୍ସବ ହୁଏ । ସମ୍ରାଟ୍ କ'ଣ ସେଠା ଦେଖି ପାରନ୍ତି ? ତୁମେ ଫଟୋରେ ଫୁଲମାଳ ଦେଲେ ତୁମର ବାପା ଜାଇଁଥିଲେ ସୁଦ୍ଧା ଜାଣି ପାରିବେ ନାହିଁ । କିନ୍ତୁ ମୁଁ ଯେତେବେଳେ ମୋର ଈଶ୍ୱରଙ୍କୁ ମୂର୍ତ୍ତିରୂପେ

କଲ୍ପନା କରି ତାଙ୍କୁ ଫୁଲମାଳ ଦଏଁ । ମୁଁ ଜାଣେ ସର୍ବବ୍ୟାପୀ ଈଶ୍ବର ସେହି ମୂର୍ତ୍ତି ଦେଇ ମୋର ଭକ୍ତି ଗ୍ରହଣ କରୁଛନ୍ତି ।”

ଅଜାତଶ୍ମଶ୍ରୁ ଯୁବକଙ୍କର ଏପରି ଯୁକ୍ତିରେ କପ୍ତାନ ମୁଗ୍ଧ ହେଲେ ଓ ତାଙ୍କୁ ନିଜ ଜାହାଜରେ କାମ କରି ଆମେରିକା ଯିବାକୁ ଆମନ୍ତ୍ରଣ କଲେ । ଜାହାଜରେ ଜାପାନରୁ ଆମେରିକା ଯାତ୍ରା ସମୟରେ ବୃଦ୍ଧ କପ୍ତାନ ଯୁବକ ପୂଜାରୀଙ୍କଠାରୁ ହିନ୍ଦୁ ଧର୍ମର ଓ ଗୀତାର ନିଗୂଢ଼ ତତ୍ତ୍ୱମାନ ଶୁଣି ମୁଗ୍ଧ ହୋଇଥିଲେ ।

ଜାହାଜ ଯାଇ ସାନ୍‌ଫ୍ରାନ୍‌ସିସ୍କୋ ପୋତାଶ୍ରୟରେ ପହଞ୍ଚିଲା, ମାତ୍ର ସେଠାରୁ ଓହ୍ଲାଇବାରେ ବାଧା ଦେଖାଗଲା । ସେ ସମୟରେ ଆମେରିକାରେ ବର୍ଣ୍ଣବିଦ୍ୱେଷ ପ୍ରବଳ ଥିଲା ଓ ଯୁକ୍ତରାଷ୍ଟ୍ର ଅଧିବାସୀମାନେ ଭାରତରୁ ଯାଉଥିବା ବହୁସଂଖ୍ୟକ ଅଧିବାସୀମାନଙ୍କର ସେ ଦେଶକୁ ଯିବାର ବିରୋଧ କରୁଥିଲେ । ଏଥିପାଇଁ ସେ ସମୟରେ ଗଦର ଆନ୍ଦୋଳନ ହୋଇଥିଲା ଓ ସ୍ୱର୍ଗତ ଲାଲା ଲଜପତ ରାୟଙ୍କୁ ଏଥିପାଇଁ ଆମେରିକାରୁ ଜବରଦସ୍ତି ଭାରତ ପଠାଇ ଦିଆଯାଇଥିଲା । ସେଥିପାଇଁ ଯୁବକ ପୂଜାରୀ ଯେଉଁ ଜାହାଜରେ ଯାଇଥିଲେ ସେହି ଜାହାଜରେ ଥିବା ବହୁ ସଂଖ୍ୟକ ଶିଖ ଓ ଅନ୍ୟାନ୍ୟ ଭାରତୀୟମାନଙ୍କର ସେଠାରେ ଓହ୍ଲାଇବାରେ ବାଧା ଦିଆଗଲା । ତଥାପି ସାନ୍‌ଫ୍ରାନ୍‌ସିସ୍‌କୋ ସହରରେ ଦିନେ କାର୍ଣ୍ଣିଭେଲ ଦେଖି ପାରିଥିଲେ ।

ଏହି ସମୟରେ ଓଡ଼ିଶାର ସ୍ୱନାମଧନ୍ୟ ଶ୍ରୀ ଶାରଙ୍ଗଧର ଦାସ ଆମେରିକାରେ ଛାତ୍ର ଥିଲେ । ସେ ମଧ୍ୟ ଡାଃ ପୂଜାରୀଙ୍କ ପରି ଅତି ନିଃସ୍ୱ ଅବସ୍ଥାରେ ସେ ଦେଶକୁ ଯାଇଥିଲେ । ସ୍ୱର୍ଗୀୟ ଶ୍ରୀ ଶାରଙ୍ଗଧର ଦାସଙ୍କର ସହିତ ପ୍ରସନ୍ନ ବାବୁଙ୍କର ପୂର୍ବରୁ ପରିଚୟ ଥିବାରୁ ଓ ଭାଇଟି ଏକାକୀ ଅସହାୟ ଅବସ୍ଥାରେ ବିଦେଶରେ ପହଞ୍ଚିଲେ କ’ଣ କରିବ ଏହି ଦୁର୍ଭାବନା ମନରେ ରଖି ଶ୍ରୀ ପ୍ରସନ୍ନକୁମାର ପୂଜାରୀ ଶାରଙ୍ଗଧର ବାବୁଙ୍କୁ

ଏ ବିଷୟରେ ଚିଠି ଲେଖି ଦେଇଥିଲେ ଓ ଶାର୍ଙ୍ଗଧର ବାବୁ ମଧ୍ୟ ଯୁବକ ଓଡ଼ିଆ ବନ୍ଧୁଙ୍କୁ ସବୁ ପ୍ରକାରରେ ସାହାଯ୍ୟ ଦେବାକୁ ଉତ୍ସୁକ ଥିଲେ । ମାତ୍ର ଯୁବକ ପୂର୍ଣ୍ଣାଶୀଙ୍କର ଓ ଅନ୍ୟାନ୍ୟମାନଙ୍କର ସାନ୍‌ଫ୍ରାନସିସ୍କୋରେ ଓହ୍ଲାଇବା ପାଇଁ ମଧ୍ୟ କର୍ତ୍ତୃପକ୍ଷ ଅନୁମତି ନ ଦେବାରୁ ଯୁବକ ପୂର୍ଣ୍ଣାଶୀଙ୍କର ସମସ୍ତ ଉଚ୍ଚାକାଂକ୍ଷା ମୂଳରୁ ବିଫଳ ହେଲା । ସେ ସେଠାରୁ ଫେରିବାକୁ ବାଧ୍ୟ ହେଲେ ।

ସାନ୍‌ଫ୍ରାନ୍‌ସିସ୍କୋରୁ ସିଧା ଭାରତ ଆସିବାକୁ କୌଣସି ଜାହାଜ ସୁବିଧାରେ ନ ପାଇବା ଯୋଗୁଁ ଓ ବୋଧହୁଏ ଦେଶଭ୍ରମଣ ଇଚ୍ଛାରେ ସେ ଆମେରିକାରୁ ଅଷ୍ଟ୍ରେଲିଆ ଗଲେ, ଅଷ୍ଟ୍ରେଲିଆରେ କେତେ ଦିନ ରହି ଭାରତବର୍ଷକୁ ଆସୁଥିବା ଜାହାଜର ସନ୍ଧାନରେ ରହିଲେ । ଏହି ସମୟରେ ସେ ବେଲୁଚିସ୍ଥାନର ସୈନ୍ୟମାନଙ୍କର ଏକ ଜାହାଜ ଦେଖିଲେ । ସେଠାରେ ସୈନିକମାନେ ଶ୍ରୀ ପୂର୍ଣ୍ଣାଶୀଙ୍କୁ କଥା ପ୍ରସଙ୍ଗରେ ନିଜ ଖାଦ୍ୟପେୟର ଅସୁବିଧା କଥା ଜଣାଇଲେ କାରଣ ସେମାନେ ଊର୍ଦ୍ଧ୍ୱତନ ଶ୍ୱେତାଙ୍ଗ କର୍ମଚାରୀଙ୍କୁ ନିଜର ଅସୁବିଧା କଥା ଜଣାଇପାରୁ ନ ଥିଲେ । ଶ୍ରୀ ପୂର୍ଣ୍ଣାଶୀ ଉକ୍ତ ସୈନ୍ୟବାହିନୀର ଉପସ୍ଥିତ ଅଧ୍ୟକ୍ଷଙ୍କ ସଙ୍ଗେ କଥାବାର୍ତ୍ତା କରି ସୈନିକମାନଙ୍କର ଅସୁବିଧା ଦୂର କରିପାରିଥିଲେ ଓ ସେହି ଜାହାଜରେ ଯାତ୍ରା କରିବାର ଅନୁମତି ପାଇଲେ । ସେହି ଜାହାଜରେ ସେ ଅଷ୍ଟ୍ରେଲିଆରୁ ଜାପାନକୁ ପୁଣି ଗଲେ ଓ ସେହି ସମୟରେ ସେ ଜାପାନର ଅନ୍ୟାନ୍ୟ ସହର ମଧ୍ୟ ଦେଖି ତାଙ୍କର ପୂର୍ବ ପରିଚିତ 'କୋବେ' ସହରକୁ ଗଲେ । ସେଠାରୁ ସେ ପୁଣି ଘରକୁ ନିଜର କୁଶଳ ସମ୍ବାଦ ପଠାଇଲେ । କୋବେରୁ କଲିକତାକୁ ଫେରିଲା ସମୟରେ ସେ ନିଜ ସାଙ୍ଗରେ ଜାପାନୀ ପୋଷାକ ଓ କାଠଉ ଆଦି ଆଣିଥିଲେ । ଏହିପରି ଛାତ୍ରଜୀବନରେ ସେ ପ୍ରାୟ କପର୍ଦ୍ଦକଶୂନ୍ୟ ହୋଇ ଉପରିଲିଖିତ ଦେଶମାନ ଭ୍ରମଣ କରି ଅଭିଜ୍ଞତା ଅର୍ଜନ କରିଥିଲେ । ଦୀର୍ଘକାଳ ପରେ ତାଙ୍କର ପରିବାରବର୍ଗ ତାଙ୍କୁ ଫେରିବାର

ଓ ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତ ହୋଇଥିବାର ଦେଖି ଆଶ୍ୱସ୍ତ ଓ ଆନନ୍ଦିତ ହେଲେ ।

ବିଦେଶଯାତ୍ରା ସମ୍ବନ୍ଧରେ ଏକ ଦିଗରେ ବିଦେଶରେ ଉଚ୍ଚ ଶିକ୍ଷାର ବଳବତୀ ଆକାଂକ୍ଷା ଓ ଅନ୍ୟ ଦିଗରେ ମାତା ଓ ଜ୍ୟେଷ୍ଠଭ୍ରାତା-ମାନଙ୍କର ଅନୁମତି ନେଇ ନ ଥିବା ବିଷୟ ତାଙ୍କର ତରୁଣ ମନରେ ବିପ୍ଳବର ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା । ସେ ସ୍ନେହମୟୀ ଜନନୀଙ୍କର କ୍ଷମାଭିକ୍ଷା କରି ତାଙ୍କର ପତ୍ରରେ ପଦ୍ୟାକାରରେ ଯାହା ଲେଖିଥିଲେ ତାହା ଏଠାରେ ଦିଆଗଲା :—

'କାନ୍ଦନା କାନ୍ଦନା ଜନନୀ ଗୋ ମୋର
କାନ୍ଦ ନା ମା ଆଉ କରୁଣ ରୋଷ
ଅଜ୍ଞାନ ସନ୍ତାନ ମୂର୍ଖ ଗୋ ତୁମର
କ୍ଷମା କର ମାତା ଏ ମୋର ଦୋଷ ।

କେତେ ଦୋଷ ମାଗୋ କରିଛି ଜୀବନେ
କ୍ଷମା କରିଅଛ ଆନନ୍ଦ ମନେ
ଆଜି ଏ ଦୋଷଟି ଭୁଲି ଯାଅ ମାତା
ମାଗୁଅଛି ଭିକ୍ଷା ତବ ଚରଣେ ।

ପୁଅ ଦୋଷ ଯଦି ଧରିବ ଜନନୀ
କିଏ ଆଉ କ୍ଷମା କରିବ ତେବେ
କ୍ଷମାର ସାଗର ସ୍ନେହର ଭଣ୍ଡାର
ମାଆ ଛଡ଼ା ଆଉ କେ ଅଛି ଭବେ ।"

ବିଦେଶରେ ଉଚ୍ଚଶିକ୍ଷା କରିବା ଆଶାରେ ବିଫଳ ହୋଇ ଶ୍ରୀ ପୂଜାରୀ କଲିକତାରେ ବିଦ୍ୟାସାଗର କଲେଜରେ ଆଇ ଏ ଶ୍ରେଣୀରେ ନାମ ଲେଖାଇଲେ । ସେଠାରେ ସେ ଦୁଇ ବର୍ଷ ପଢ଼ି କୃତିତ୍ୱ

ମେଡ଼ିକାଲ୍ କଲେଜରେ ନାମ ଲେଖାଇଲେ । ବାଲ୍ୟକାଳରୁ ହିଁ ଜନସେବା ତାଙ୍କର ଏକମାତ୍ର ଲକ୍ଷ୍ୟ ଥିବାରୁ ଚିକିତ୍ସା ବିଦ୍ୟା ଅଧ୍ୟୟନକୁ ସେ ବାଛି ନେଇଥିଲେ ଓ ବିଦେଶଯାତ୍ରା ସମୟରେ ଏହି ବିଦ୍ୟା ଅଧ୍ୟୟନ କରିବାର ଲକ୍ଷ୍ୟ ରଖି ସେ ଯାତ୍ରା କରିଥିଲେ । ଚିକିତ୍ସା ବିଦ୍ୟାର ଛାତ୍ର ଜୀବନର କିମ୍ବଦନ୍ତୀ ଘଟଣାମାନ ତାଙ୍କର ଚରିତ୍ରର ବିଶେଷତ୍ୱର ନିଦର୍ଶନ ।

କଲିକତା ମେଡ଼ିକେଲ କଲେଜରେ ନାମ ଲେଖାଇବାକୁ ଯାଇ ପ୍ରଥମେ ସେ ତତ୍କାଳୀନ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟଙ୍କ ଗୃହରେ ଛାତ୍ରା-ବାସରେ ସ୍ଥାନ ପାଇବା ଆଶାରେ ଉପସ୍ଥିତ ହେଲେ । ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ପାଇଁ ଛାତ୍ରାବାସରେ ସ୍ଥାନ ପାଇଁ ଚେଷ୍ଟା କରି ଅକୃତକାର୍ଯ୍ୟ ହେଲେ । ମାତ୍ର ଛାତ୍ରାବାସର ସବୁଠାରୁ ଉପର ମହଲରେ ଗୋଟିଏ କୋଠରି ଥିଲା ମାତ୍ର ତାହା ସ୍ୱାସ୍ଥ୍ୟ ପକ୍ଷରେ ଅନୁପଯୁକ୍ତ ମନେ କରି ସେଠାରେ କାହାକୁ ରହିବାକୁ ଅନୁମତି ଦିଆଯାଉ ନ ଥିଲା । ଶ୍ରୀ ପୂଜାରୀ ଉକ୍ତ କୋଠରିଟି ଏକାନ୍ତ ଥିବାରୁ ବାସ ଉପଯୋଗୀ ମନେ କରି ସେହି-ଠାରେ ରହିବା ପାଇଁ ଅନୁମତି ଭିକ୍ଷା କଲେ ଓ ଛାତ୍ରାବାସର ଅଧ୍ୟକ୍ଷଙ୍କଠାରୁ ସେ ବିଷୟରେ ଅନୁମତି ପାଇଲେ ।

ଏପରି ଏକ ଏକାନ୍ତ ପ୍ରକୋଷ୍ଠ ଅଧ୍ୟୟନ ପକ୍ଷରେ ଅନୁକୂଳ ଥିଲା ଓ ଏକାନ୍ତରେ ଧ୍ୟାନପ୍ରିୟ ଶ୍ରୀ ପୂଜାରୀଙ୍କ ବିଶେଷ କାମ୍ୟ ଥିଲା । ଏହା ଅନ୍ୟ ଛାତ୍ରମାନଙ୍କର ମଧ୍ୟ ଲୋଭନୀୟ ଥିଲା—ମାତ୍ର ପୂର୍ବରୁ ଅନ୍ୟ କାହାକୁ ସ୍ୱାସ୍ଥ୍ୟ କାରଣରୁ ଦିଆଯାଇ ନ ଥିଲା । ଜଣେ ଛାତ୍ର ଶ୍ରୀ ପୂଜାରୀଙ୍କର ଏକାନ୍ତ ବାସର ସୁବିଧା ସହି ନ ପାରି ତାଙ୍କୁ ବିଭିନ୍ନ ଉପାୟରେ ବିରକ୍ତ କରିବାକୁ ଚେଷ୍ଟା କଲେ ଓ ତାଙ୍କର କୋଠରିର ଦ୍ୱାର ଦେଶରେ ପରିସ୍ରା କରିବାକୁ ଲାଗିଲେ । ଶ୍ରୀ ପୂଜାରୀ ଏଥିରେ ତିଳେମାତ୍ର ବିଚଳିତ ନ ହୋଇ ପ୍ରତିଦିନ ସକାଳେ ନିଜ ହାତରେ ଜଳଦ୍ୱାରା ପରିସ୍ରା ସ୍ଥାନ

ସଫା କରୁଥିଲେ । ପରୀକ୍ଷା ସମୟ ନିକଟ ହେବା ସମୟରେ ତାଙ୍କ ପଢ଼ା ବହିମାନ କେତେକ ଚୋରି ଗଲା । ସେଥିରେ ସେ ବିଚଳିତ ନ ହୋଇ ଅନ୍ୟମାନଙ୍କଠାରୁ ବହିପତ୍ର ମାଗିଆଣି ପଢ଼ିବାକୁ ଲାଗିଲେ । ସେଥିରେ ମଧ୍ୟ ତାଙ୍କର ଧୈର୍ଯ୍ୟରେ କୌଣସି ତ୍ରୁଟି ନ ହେଉଥିବାର ଦେଖି ସେହି ଛାତ୍ର ରାତିରେ ତାଙ୍କର କୋଠରୀ ସାମନାରେ ମଳତ୍ୟାଗ କରିବା ଆରମ୍ଭ କଲେ । ମାତ୍ର ଡାକ୍ତରୀ ଛାତ୍ର ଶ୍ରୀ ପ୍ରକାଶ ନିଜର କର୍ତ୍ତବ୍ୟ ବୋଲି ଭାବି ନିଜେ ତାହା ସଫା କରିବାରେ ଲାଗିଲେ । କିଛି କାଳ ପରେ ଉକ୍ତ ଛାତ୍ରଟି ନିଜର ଦୁଷ୍କର୍ମ ପାଇଁ ଲଜ୍ଜିତ ହୋଇ ଶ୍ରୀ ପ୍ରକାଶଙ୍କଠାରେ କ୍ଷମା ପ୍ରାର୍ଥନା କଲେ । ଶ୍ରୀ ପ୍ରକାଶ ତାଙ୍କୁ ଆଶ୍ୱାସନା ଦେଇ କହିଲେ, "ତୁମେ ଯଦି ଅନୁତାପ କରୁଛ, ତାହା ହିଁ ଯଥେଷ୍ଟ । ଭଗବାନ୍ ତୁମଙ୍କୁ ନିଶ୍ଚୟ କ୍ଷମା ଦେବେ ।"

ଉକ୍ତ ମେଡିକାଲ କଲେଜରେ ପଢ଼ୁଥିବା ସମୟରେ ଥରେ ଶ୍ରୀ ପ୍ରକାଶ କୌଣସି ଲୁଗା ଦୋକାନକୁ ଯାଇ ନିଜର ପରିଧାନ ସକାଶେ କମିଜ ତିଆରି ପାଇଁ କନା କିଣିଲେ । ସେ ସମୟରେ ଦୋକାନର ମାଲିକ ନିଜେ ଉପସ୍ଥିତ ନ ଥିଲେ । ଜଣେ କର୍ମଚାରୀ ଭୁଲବଶତଃ ବେଶୀ ଦାମ୍‌ର ଗୋଟିଏ ପ୍ରକାର କନା ତାଙ୍କୁ କମ୍ ଦାମ୍‌ରେ ଦେଲେ ଓ ଡାକ୍ତର ପ୍ରକାଶ ତାହା ନେଇ ଛାତ୍ରାବାସକୁ ଫେରିଲେ । ତାଙ୍କର ସହପାଠୀମାନେ କନାର ମୂଲ୍ୟ ଶସ୍ତା ଦେଖି ସେହି ପ୍ରକାର କନା କିଣିବାକୁ ଚାହିଁଲେ ଓ ଶ୍ରୀ ପ୍ରକାଶଙ୍କ ସଙ୍ଗେ ଉକ୍ତ ଦୋକାନକୁ ଗଲେ । ସେଠାରେ ସେ ସମୟରେ ଦୋକାନର ମାଲିକ ନିଜେ ଉପସ୍ଥିତ ଥିଲେ ଓ ଉକ୍ତ ପ୍ରକାର କନାର ମୂଲ୍ୟ ଅଧିକ ଥିବାର ପ୍ରକାଶ କଲେ । ସେତେବେଳେ ଶ୍ରୀ ପ୍ରକାଶ ଅଯାଚିତ ଭାବରେ ଦୋକାନୀଙ୍କୁ ଅଧିକା ମୂଲ୍ୟ ଦେବାକୁ ଚାହିଁଲେ । ମାତ୍ର ପୂର୍ବ ଦିନର ବିକ୍ରୀ ଉପରେ ଦୋକାନୀ ଅଧିକ ଦାମ୍ ନେବାକୁ ରାଜି ହେଲେ ନାହିଁ । ଅଧିକ ଦାମ୍ ନେବାକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଦୋକାନୀ ଦାମ୍

ନେବାକୁ ରାଜି ନ ହେବାରୁ ଶ୍ରୀ ପୂଜାରୀ କଳା ଫେରାଇ ଦେବାକୁ ଚାହିଁଲେ ଓ ଶେଷରେ ଦୋକାନୀଙ୍କୁ ଅଧିକା ଦାମ୍ ଦେଲେ ।

ଶ୍ରୀ ପୂଜାରୀ ଛାତ୍ରାବସ୍ଥାରୁ ଜନସେବା-ବ୍ରତ ଗ୍ରହଣ କରିଥିଲେ ଓ ଡାକ୍ତରୀ ଶିକ୍ଷା ତାଙ୍କୁ ଏଥିପାଇଁ ଅଧିକ ସୁବିଧା ଓ ସୁଯୋଗ ଦେଇଥିଲା । ୧୯୧୫ ସାଲରେ ସେ ମେଡ଼ିକାଲ୍ କଲେଜ୍‌ର ଦ୍ୱିତୀୟ ବାର୍ଷିକ ଛାତ୍ର ଥିବା ସମୟରେ ଗ୍ରୀଷ୍ମାବକାଶରେ ସେ ସମ୍ବଲପୁରକୁ ଆସିଥିବା ସମୟରେ ସମ୍ବଲପୁର ସହରରେ ଭୀଷଣ ଭାବରେ କଲେରାର ପ୍ରାଦୁର୍ଭାବ ହେଲା । ଆଜି କାଲି କଲେରା କହିଲେ ଜନସାଧାରଣ ବିଚଳିତ ହୁଅନ୍ତି ନାହିଁ, କାରଣ ଆଧୁନିକ ପ୍ରତିଷେଧ ବ୍ୟବସ୍ଥା ଓ ଚିକିତ୍ସା ଯୋଗୁଁ ବ୍ୟାପକ ମାରାତ୍ମକତାକୁ ଅତି ସୀମିତ କରାଯାଏ । କିନ୍ତୁ ସେ ଯୁଗରେ କଲେରା ଥିଲା ବାସ୍ତବିକ ମହାମାରୀ । ଗାଁରେ କଲେରା ଲାଗିଲା ମାତ୍ରେ ଗାଁ ସାରା ଲୋକେ ଗାଁ ଛାଡ଼ି ପଳାଉଥିଲେ । ରୋଗୀର ମୃତ୍ୟୁ ନିଶ୍ଚିତ ଜାଣି ତା'ର ଖଟ ଖୁରାରେ ଗୋରୁ ବାନ୍ଧି ଦେଇ ଯାଉ ଥିଲେ, ଯେପରି କି ସନ୍ଧ୍ୟାକୁ ଗୋରୁ ଚରିଗଲା ସମୟରେ ମୃତ ବ୍ୟକ୍ତିକୁ ଖଟ ସମେତ ଗାଁ ବାହାରକୁ ନେଇ ଯାଇ ପାରିବ । ରୋଗୀର ଶୁଶ୍ରୂଷା ପାଇଁ ଓ ମୃତ ବ୍ୟକ୍ତିର ଶବସତ୍କାର ପାଇଁ କେହି ବାହାରୁ ନ ଥିଲେ ଓ ଅତି ଦୁଃଖଦାୟକ ମୃତ୍ୟୁରେ ରୋଗୀମାନେ ମରୁଥିଲେ । 'କଲେରା'ର ଅନ୍ୟ ନାମ ଥିଲା 'ଚଳରେ' । ୧୯୧୫ ସାଲରେ ଯେତେବେଳେ ସମ୍ବଲପୁର ସହରରେ କଲେରା ଆରମ୍ଭ ହେଲା, ତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀ ବନମାଳୀ ପୂଜାରୀଙ୍କ ତିନି ବର୍ଷ ବୟସର ଝିଅ କଲେରାରେ ଆକ୍ରାନ୍ତ ହୋଇ ମରିଗଲା । ତହିଁର ଦୁଇଦିନ ଭିତରେ ଘରର ଗୋଟିଏ ଗଉଡ଼ ଚାକରକୁ କଲେରା ଧରିଲା । ଚାକରାଣୀ କାମକୁ ଆସିଲା ନାହିଁ । ଘରର ବୋହୂମାନେ ନଦୀରୁ ନିଜେ ପାଣି ଆଣି ବାସନ ମାଜି ଘର କାମ ଚଳାଇଲେ । ଗୌଡ଼ ଚାକରକୁ ଯେଉଁ ଦିନ ରାତିରେ କଲେରା ଧରିଲା ବିଚରା ଅର୍ଦ୍ଧଚେତନ ଅବସ୍ଥାରେ ଖଟରୁ

ଉଠି ଶୋଷରେ ପାଣି ପିଇବାକୁ ମାଠିଆ ଅଡ଼କୁ ଆସୁଥାଏ, ତା'ର ଧୋତି ପାଣିଅ ଝାଡ଼ାରେ ମଇଳା ହୋଇଯାଇଥାଏ । ଏହି ସମୟରେ ଶ୍ରୀ ପୂଜାରୀ ଓ ତାଙ୍କର ବଡ଼ଭାଇ ଶ୍ରୀ ପ୍ରସନ୍ନକୁମାର ପୂଜାରୀ ତାକୁ ଉଠାଇ ନେଇ ଖଟରେ ଶୁଆଇଲେ । ଶ୍ରୀ ପ୍ରସନ୍ନକୁମାର ପୂଜାରୀ ଗୃହକରଟିର ଗୋଡ଼ ଦୁଇଟା ଧଇଲେ କାଳେ କଲେରା ବୀଜାଣୁ ନିଜଦେହକୁ ଆସିଯିବେ ଭାବି ଜନାର୍ଦ୍ଦନବାବୁଙ୍କୁ ଅଣ୍ଟା ଧରି ଉଠାଇବାକୁ କହିଲେ । ଗୃହକରକୁ ଉଠାଇ ଖଟରେ ଶୁଆଇ ଶ୍ରୀ ପୂଜାରୀ ତାକୁ କିଛି ଔଷଧ ଦେବାରୁ ସେ କିଛି ସୁସ୍ଥ ହୋଇ ଶ୍ରୀପୂଜାରୀଙ୍କଠାରେ କୃତଜ୍ଞତା ଜଣାଇଲା । ମାତ୍ର ସେ ଅଳ୍ପ ସମୟ ପରେ ମରିଗଲା ।

କଲେରାର ପ୍ରକୋପ ବଢ଼ିଯିବାରୁ ପୂଜାରୀ ପରିବାର ସହର ଛାଡ଼ି ପାଞ୍ଚମାଇଲ ଦୂରରେ ଥିବା ଉଣ୍ଡ୍ରେଇପାଲି ନାମକ ଗାଁକୁ ଚାଲିଗଲେ । ଗାଁରେ କିନ୍ତୁ ଆତଙ୍କିତ ଗ୍ରାମବାସୀମାନେ ସେମାନଙ୍କର ପ୍ରବେଶ ଦେଖି ମହାମାରୀ ସଂକ୍ରମଣ ଭୟରେ ସେମାନଙ୍କୁ ଗାଁ ଭିତରକୁ ଯିବାକୁ ଆପତ୍ତି କଲେ । କିନ୍ତୁ ଏମାନେ ଗାଁର ଜଳାଶୟର ଜଳସ୍ପର୍ଶ ନ କରିବାକୁ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଆଶ୍ୱସ୍ତ କରିଥିଲେ । ଏ ଗାଁରେ ଥିବା ସମୟରେ ସବୁ ପ୍ରତିଷେଧମୂଳକ ବ୍ୟବସ୍ଥା କରିଥିଲେ ।

ମହାମାରୀଠାରୁ ଦୂରରେ ରହିବା ଡାକ୍ତରୀ ଛାତ୍ର ଓ ଜନସେବୀ ଶ୍ରୀ ପୂଜାରୀଙ୍କ ଇଚ୍ଛା ବିରୁଦ୍ଧ ଥିଲା, କିନ୍ତୁ ପରିବାରବର୍ଗ ସହରରେ ବିପଦ ମଝିରେ ରହିବାକୁ ନାରାଜ । ପ୍ରତିଦିନ ବହୁସଂଖ୍ୟକ ଲୋକ ସମ୍ବଲପୁର ସହରରେ କଲେରାରେ ଆକ୍ରାନ୍ତ ଓ ମୃତ ହେଉଥିବା ଜାଣି ଶ୍ରୀପୂଜାରୀ କିଛି ଔଷଧ ଧରି ସାଇକେଲରେ ସମ୍ବଲପୁର ସହରକୁ ଆସି ରୋଗୀମାନଙ୍କର ଚିକିତ୍ସାରେ ନିଯୁକ୍ତ ରହୁଥିଲେ । ଅସ୍ପୃଶ୍ୟମାନଙ୍କର ଶବ ସଂସ୍କାର ପାଇଁ ସେ ସମୟରେ ଲୋକେ ନିତାନ୍ତ ଆତଙ୍କିତ ଓ ଅନିଚ୍ଛୁକ ଥିବାରୁ ଶ୍ରୀ ପୂଜାରୀ ନିଜେ ଶବବାହକରୂପେ ମଧ୍ୟ ସାହାଯ୍ୟ

କରୁଥିଲେ । ଦିନଯାକ ଅକ୍ଲାନ୍ତ ପରିଶ୍ରମ କରି ସେ ପ୍ରତିଦିନ ଗଭୀର ରାତ୍ରିରେ ସାଇକେଲ୍‌ରେ ଗାଁକୁ ଫେରୁଥିଲେ । ଜନାର୍ଦ୍ଦନ ବାବୁଙ୍କର ଏ ପ୍ରକାର ସେବା କର୍ମଠତା ଗ୍ରାମବାସୀ ତାଙ୍କର ପରିବାରବର୍ଗଙ୍କୁ ସୁହାଉ ନ ଥିଲା । ଅନେକ ସମୟରେ ତାଙ୍କର ଜ୍ୟେଷ୍ଠ ଭ୍ରାତା ତାଙ୍କୁ ମୃଦୁ ଭର୍ତ୍ସନା କରି କହୁଥିଲେ, "ଜନାର୍ଦ୍ଦନ ! ଆମେ ମହାମାରୀ ସଂକ୍ରମଣରୁ ରକ୍ଷାପାଇବା ପାଇଁ ଗାଁକୁ ଆସିବା ବୃଥା ହେଲା, କାରଣ ତୁମେ ହୁଏତ ନିଜେ ସହରରୁ ପ୍ରତିଦିନ ରୋଗର ବୀଜାଣୁ ନେଇ ଆସୁଛ ।" ଏଥିରେ ଜନାର୍ଦ୍ଦନବାବୁ ଉତ୍ତର ଦେଉଥିଲେ, "ଦାଦା, ଆଉ ଅନ୍ୟ ଉପାୟ କ'ଣ ଅଛି ? ଗରିବ ଲୋକେ କେତେ ଅସହାୟ ଅବସ୍ଥାରେ ମରୁଛନ୍ତି । ସେମାନଙ୍କୁ ସାହାଯ୍ୟ ନ କଲେ, ଔଷଧ ନ ଦେଲେ, ମୁର୍ଦ୍ଦାର ନ ଉଠାଇଲେ, ଆଉ କିଏ ସେମାନଙ୍କୁ ସାହାଯ୍ୟ କରିବ ?"

ଏହି ସମୟରେ ଗୋଟିଏ କୌତୁକିଆ ଘଟଣା ଘଟିଥିଲା । ସେ ସମୟରେ କଲେରା ବସନ୍ତ ସଙ୍ଗରେ ସାଧାରଣ ଆତଙ୍କ ଓ ମୃତ୍ୟୁର ଆଧିକ୍ୟ ଯୋଗୁଁ ଭୂତଭୟ ମଧ୍ୟ ବ୍ୟାପିଥିଲା । ଦିନେ ପ୍ରାୟ ଅଧରାତି ସମୟରେ ଶ୍ରୀ ପୂଜାରୀ ସମ୍ବଲପୁରରୁ ଗାଁକୁ ସାଇକେଲ୍‌ରେ ଫେରୁଥିଲେ । ଶୁକ୍ଳ ପକ୍ଷ ଥିଲା । ଜଣେ ବାଟୋଇ ବିପରୀତ ଦିଗରୁ ଆସୁଥିଲା । ସେ ଶ୍ରୀ ପୂଜାରୀଙ୍କ ଆଖି ଚଶମାରେ ଚନ୍ଦ୍ର-କିରଣର ପ୍ରତିବିମ୍ବ ଯୋଗୁଁ ନିଆଁ ଭଳିଆ ଆଖି ଥିବା ଗୋଟିଏ ଭୂତ ଅସ୍ୱାଭାବିକ ଗତିରେ ନିଜ ଆଡ଼କୁ ଆସୁଥିବାର କଳ୍ପନା କରି ସାଇକେଲ୍‌ରେ ଜଣେ କେହି ଚଶମାଧାରୀ ଲୋକ ଆସୁଥିବାର କଳ୍ପନା ସୁଦ୍ଧା କରି ନ ପାରି ଭୟରେ 'ଭୂତ, ଭୂତ' ବୋଲି ଚିତ୍କାର କରି ରାସ୍ତା ଛାଡ଼ି ରାସ୍ତା କଡ଼ରେ ଥିବା ଖେତଆଡ଼େ ଧାଇଁବାକୁ ଲାଗିଲା ଓ କିଛି ଦୂର ଗଲା ପରେ ମୂର୍ଚ୍ଛିତପ୍ରାୟ ହୋଇ ପଡ଼ିଗଲା । ଶ୍ରୀ ପୂଜାରୀ ଏ କୌତୁହଳଜନକ ଦୃଶ୍ୟ ଦେଖି ସାଇକେଲ୍‌ରୁ ଓହ୍ଲାଇ ପଡ଼ି ଲୋକଟି ଆଡ଼କୁ ଦୌଡ଼ିଗଲେ, ଓ ତାକୁ ପ୍ରକୃତିସ୍ଥ କରାଇ ସାନ୍ତ୍ୱନା

ଦେଲେ, "ମୁଁ ଭୂତ ନୁହେଁ । ଗାଇଁଙ୍କ ମଣିଷ । ଉଠ, ଡରିବାର କିଛି ନାହିଁ ।" ଏହା ଶୁଣି ଲୋକଟିର ମନରେ ଧୈର୍ଯ୍ୟ ଦେଇ ତା'ର ଗାଁକୁ ପଠାଇଦେଲେ । ପରେ ଘରେ ପହଞ୍ଚି ପରିବାର ଲୋକଙ୍କୁ ଏ କଥା ବର୍ଣ୍ଣନା କରି ହାସ୍ୟ ରସ ସୃଷ୍ଟି କରିଥିଲେ ।

ଶ୍ରୀ ପୂଜାରୀ ଡାକ୍ତରି ଛାତ୍ରରୂପେ ଓ ପରେ ହାଉସ୍ ସର୍ଜନରୂପେ କଲିକତାରେ ୧୯୨୭ ସାଲ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ ।

ଛାତ୍ର ଅବସ୍ଥାରେ ଓ ପରେ ସେ ଅଭିନେତା ଓ ସାହିତ୍ୟିକରୂପେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ସାହିତ୍ୟସେବା ବିଷୟରେ ପରବର୍ତ୍ତୀ ଏକ ଅଧ୍ୟାୟରେ ସବିଶେଷ ଆଲୋଚନା କରାଯିବ । ସେ ଯେତେବେଳେ କଲିକତାରେ ଛାତ୍ର ଥିଲେ, ସେହି ସମୟରେ ଓଡ଼ିଶାରୁ ଗୋଟିଏ ନାଟକଦଳ କଲିକତା ଯାଇଥିଲେ ଓ ମନମୋହନ ଥିଏଟରରେ ଓଡ଼ିଆ ନାଟକମାନ ଅଭିନୟ କରୁଥିଲେ । ସେହି ଦଳ ଯେଉଁଦିନ କଳାପାହାଡ଼ ନାଟକ ଅଭିନୟ ଦେଖାଇବାର କଥା, ତହିଁର ପୂର୍ବଦିନ ମୁଖ୍ୟ ଅଭିନେତା ନିମୋନିଆ ରୋଗରେ ଆକ୍ରାନ୍ତ ହେଲେ । ଏହି ସମୟରେ ଶ୍ରୀ ପୂଜାରୀ ଦଳର ମଧ୍ୟରେ ମୁଖ୍ୟ ଅଭିନେତାରୂପେ କଳାପାହାଡ଼ ଭୂମିକାରେ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ଦର୍ଶକମାନଙ୍କୁ ତାଙ୍କର ଅଭିନୟ କଳା କୁଶଳତାରେ ମୁଗ୍ଧ କରିଥିଲେ । ସେହି ସମୟରେ ଅନେକ ବଙ୍ଗୀୟ କଳାକାର ତାଙ୍କର ଅଭିନୟପଟୁତାରେ ମୁଗ୍ଧ ହୋଇଥିଲେ ।

ଏହାପରେ ସେ ସମ୍ବଲପୁରରେ ଡାକ୍ତରୀ ବ୍ୟବସାୟ କଲା ସମୟରେ ଫ୍ରେଜର କ୍ଲବରେ ସମ୍ବଲପୁର ଏମେଚର ନାଟ୍ୟସଂଘ ବୋଲି ଗୋଟିଏ ଅନୁଷ୍ଠାନ ସେ ମୁଖ୍ୟପ୍ରାଣ ଥିଲେ । ସେ ନିଜେ ବଙ୍ଗଳାରୁ ଅନେକ ନାଟକ ଓଡ଼ିଆରେ ଅନୁବାଦ କରି ନାଟକମାନଙ୍କରେ ମୁଖ୍ୟ ଅଭିନେତା

ଓ ପ୍ରଯୋଜକ ହିସାବରେ ସମସ୍ତଙ୍କୁ ମୁଗ୍ଧ କରୁଥିଲେ । ଶାହଜାହାନ, କଳାପାହାଡ଼ ନାଟକରେ ମୁଖ୍ୟ ବ୍ୟକ୍ତି ହିସାବରେ ଓ ଚନ୍ଦ୍ରଗୁପ୍ତ ନାଟକରେ ଚାଣକ୍ୟରୂପେ, 'ବର୍ଗୀ'ରେ ଭାସ୍କର ପଣ୍ଡିତ ଓ ସୀତା ନାଟକରେ ରାମ ଭୂମିକାରେ ତାଙ୍କର ଅଭିନୟ ଯେ ଥରେ ଦେଖିଛି, ସେ ତାହା କଦାପି ଭୁଲି ପାରିବ ନାହିଁ । ଗମ୍ଭୀର ନାଟକ ଛଡ଼ା ପ୍ରହସନରେ ମଧ୍ୟ ସେ ବିଶେଷ ସାଫଲ୍ୟ ଲାଭ କରିଥିଲେ । ବଙ୍ଗଳା 'ଘଢ଼ିଲଣା' ପ୍ରହସନକୁ ସେ ସମ୍ବଲପୁରୀ ଭାଷାରେ ଅନୁବାଦ କରି ତହିଁର ମୁଖ୍ୟ ଭୂମିକାରେ ଦର୍ଶକବୃନ୍ଦଙ୍କୁ ହସାଇ ଗଡ଼ାଇ ପାରୁଥିଲେ ।

ଅଭିନୟ କଳା-କୁଶଳତା ସଙ୍ଗେ ସଙ୍ଗେ ତାଙ୍କର ବାଗ୍ମିତା ମଧ୍ୟ ଅସାଧାରଣ ଥିଲା । ସେ କୌଣସି ସଭା ସମିତିରେ ଯୋଗ ଦେବାକୁ କୁଣ୍ଠା ବୋଧ କରୁଥିଲେ । ମାତ୍ର ସେ ସାଧାରଣ ସଭାରେ ବକ୍ତୃତା ଦେଲେ ବାକ୍ପଟୁତାରେ ଶ୍ରୋତାମାନଙ୍କର ଆଖିରୁ ଲୁହ ଗଡ଼ାଇବାରେ ଓ ଓଜସ୍ୱିତାରେ ମୁଗ୍ଧ କରିବାରେ ପ୍ରବୀଣ ଥିଲେ ।

କଲିକତାରେ ଅଧ୍ୟୟନ କରୁଥିଲା ସମୟରେ ଡାଃ ପୂଜାରୀ ବଙ୍ଗଭଙ୍ଗ ଆନ୍ଦୋଳନର ନେତାମାନଙ୍କର ଓ ଅନୁଶୀଳନ ସମିତିର ସଭ୍ୟମାନଙ୍କ ସଙ୍ଗେ ଖୁବ୍ ମିଳାମିଶା କରୁଥିଲେ । ଶ୍ରୀ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ ଶ୍ରୀ ଜ୍ୟୋତିଷଚନ୍ଦ୍ର ଘୋଷ ଆଦି ବିପ୍ଳବୀ ନେତାମାନଙ୍କ ସଙ୍ଗେ ଛାତ୍ର ଅବସ୍ଥାରେ ଥାଇ ସେ ସମ୍ପର୍କ ସ୍ଥାପନ କରିଥିଲେ ।

୧୯୨୩ରେ ତାଙ୍କର କଲିକତା ଜୀବନ ଶେଷ ହେଲା ।

# ଗାର୍ହସ୍ଥ୍ୟ ଜୀବନରେ ଲୋକସେବା

୧୯୨୩ ସାଲରେ ଡା. ସୁଜାଶ୍ରୀ ସମ୍ବଲପୁର ସହରରେ ଡାକ୍ତରୀ ବ୍ୟବସାୟ ଆରମ୍ଭ କଲେ । ସେହି ସମୟରେ ସମ୍ବଲପୁର ସହରରେ ଘରୋଇ ଡାକ୍ତରଙ୍କ ସଂଖ୍ୟା ଅତି ଅଳ୍ପ ଥିଲା ଓ ସେମାନଙ୍କ ମଧ୍ୟରୁ ଡା. ସୁଜାଶ୍ରୀଙ୍କ ଭଗିନୀପତି ସ୍ୱର୍ଗତ ଡାକ୍ତର ରାମଚନ୍ଦ୍ର ମିଶ୍ରଙ୍କର ସୁଖ୍ୟାତି ଥିଲା । ଡାକ୍ତର ରାମଚନ୍ଦ୍ର ମିଶ୍ର ଡାକ୍ତରୀ ବ୍ୟବସାୟ ସଙ୍ଗେ ଗୋଟିଏ ଔଷଧଦୋକାନ (Pharmacy) ଖୋଲିଥିଲେ ଓ ଯେଉଁ ରୋଗୀମାନେ ଡାକ୍ତରଙ୍କ ପାଖକୁ ଚିକିତ୍ସା ପାଇଁ ଆସନ୍ତି ସେମାନେ ତାଙ୍କର ଔଷଧ-ଦୋକାନରୁ ଔଷଧ ତିଆରି କରାଇ ସେବନ ପାଇଁ ନେଇ ଯାଆନ୍ତି । ଏହି ବ୍ୟବସ୍ଥା ଅନୁସରଣ କରି ଡାକ୍ତର ସୁଜାଶ୍ରୀ ଡାକ୍ତରି ବ୍ୟବସାୟ ସଙ୍ଗେ ସଙ୍ଗେ ଗୋଟିଏ ଔଷଧାଳୟ ମଧ୍ୟ ନିଜର ପୈତୃକ ଗୃହରେ ଖୋଲି ବ୍ୟବସାୟ ଆରମ୍ଭ କଲେ । ମାତ୍ର ବ୍ୟବସାୟ ତାଙ୍କର ପ୍ରକୃତିବିରୁଦ୍ଧ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ମୂଳରୁ ଦେଖାଗଲା ଯେଉଁ ରୋଗୀମାନେ ବ୍ୟାଧିର ପରାମର୍ଶ ଓ ଔଷଧ ନେଇ ଯାଉଛନ୍ତି, ବାରମ୍ବାର ତାଗଦା ନ କଲେ ସେମାନଙ୍କଠାରୁ ପଇସା ମିଳିବାର କଷ୍ଟକର । ଡାକ୍ତର ସୁଜାଶ୍ରୀ ପାଉଣା ପାଇଁ ତଗାଦା କରିବା ବା କରାଇବାର ପକ୍ଷପାତୀ ନ ଥିଲେ । ତେଣୁ ଅତି ଅଳ୍ପ କାଳ ମଧ୍ୟରେ ତାଙ୍କର ଔଷଧାଳୟରେ ପ୍ରାୟ ଆଠଶହ ଟଙ୍କା କ୍ଷତି ହେବାରୁ ସେ

ଔଷଧଦୋକାନ ବନ୍ଦ କରିଦେବାକୁ ବାଧ୍ୟ ହେଲେ । ଆମ ଦେଶରେ ସମସ୍ତେ ସେବା ଶୁଶ୍ରୂଷା ବିନାମୂଲ୍ୟରେ ଓ ତାହାର ମୂଲ୍ୟ ଦେବାପାଇଁ କେତେଜଣ ପ୍ରସ୍ତୁତ ? ଏଥିପାଇଁ ବୋଧହୁଏ ସ୍ମୃତିରେ ଗୋଟିଏ ପ୍ରବଚନ ଅଛି:—

"ଅର୍ତ୍ତିକାଳେ ପିତା ବୈଦ୍ୟୋ, ମଧ୍ୟେ ଚ ମାତୁଳାଭୃତଃ
ଶ୍ୟାଳକଃ ସ୍ନାନକାଳେ ତୁ, ଦତ୍ତକାଳେ ତୁ ଶତ୍ରୁବତ୍ ।"

ଅର୍ଥାତ୍ ରୋଗୀ ପୀଡ଼ିତ ଥିବାବେଳେ ଚିକିତ୍ସକଙ୍କୁ ନିଜର ବାପ ପରି ସମ୍ମାନ କରେ, ବ୍ୟାଧି ଟିକିଏ କମି ଆସିଲେ ମାମୁଁ ପରି ଅଧିକାର ମିଶା ଆଦର କରେ, ରୋଗ ଛାଡ଼ିଲା ପରେ ରୋଗୀ ଯେତେବେଳେ ପ୍ରଥମ ଗାଧୋଇବା ଅବସ୍ଥାକୁ ଆସେ ସେତେବେଳେ ବୈଦ୍ୟଙ୍କୁ ଶଳା ପରି ମନେକରେ, ଯହିଁରେ ସ୍ନେହରୁ ଉପେକ୍ଷା ବେଶୀ ଥାଏ ଓ ଟଙ୍କା ଦେବା କଥା ଯେତେବେଳେ ପଡ଼େ, ସେତେବେଳେ ବୈଦ୍ୟ ହୁଅନ୍ତି ଶତ୍ରୁ ।

ଡାକ୍ତର ମୁଖାର୍ଜୀ ଚେଷ୍ଟା କରିଥିଲେ ଚିକିତ୍ସାକୁ ବ୍ୟବସାୟ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ପାରିଥାନ୍ତେ ମାତ୍ର ସେ ଥିଲେ 'ଆଦର୍ଶ ବ୍ରାହ୍ମଣ' । ତାଙ୍କର ଟଙ୍କା ପଇସା ପ୍ରତି ଆଦୌ ମମତା ନ ଥିଲା । ମନୁସ୍ମୃତି ଅନୁସାରେ ଗୃହସ୍ଥର ସର୍ବଶ୍ରେଷ୍ଠ ଆଦର୍ଶ ହେଉଛି ଉଞ୍ଛଶୀଳ ବୃତ୍ତି ବା ଅଶ୍ୱସ୍ତନିକ ବୃତ୍ତି । ପୂର୍ବକାଳରେ ଏହିପରି ଧନ-ଲାଳସାରେ ସମ୍ପୂର୍ଣ୍ଣ ବୀତଶ୍ରଦ୍ଧ ବ୍ରାହ୍ମଣମାନେ ନିଜର ବୃତ୍ତି ପାଇଁ ଉଞ୍ଛଶୀଳ ବୃତ୍ତି ଅବଲମ୍ବନ କରୁଥିଲେ ଅର୍ଥାତ୍ ଫସଲ କଟା ହେଲା ସମୟରେ କ୍ଷେତରେ ଯାହା ରହିଯାଏ ଓ କୃଷକ ଯେଉଁଥିରେ ପ୍ରୟୋଜନ ନ ଥାଏ ବୋଲି ଛାଡ଼ିଯାଏ, ତାହାକୁ ସଂଗ୍ରହ କରି ଉଦରପୋଷଣ କରୁଥିଲେ । କାଲି ମୋର ପରିପୋଷଣ ପାଇଁ କ'ଣ ଥିବ ଏ କଥାକୁ ମଧ୍ୟ ଯେ ଚିନ୍ତା କରେ ନାହିଁ ତାହାକୁ ଅଶ୍ୱସ୍ତନିକ କହନ୍ତି । ଡାକ୍ତରଃ ମୁଖାର୍ଜୀ ଆଜୀବନ ଏହି ଉଚ୍ଚ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଅନ୍ୟାନ୍ୟ ଡାକ୍ତର-

ମାନଙ୍କ ପରି ସେ କେବେ କାହାଠାରୁ ଡାକ୍ତରୀ ଫିସ୍ ଦାବୀ କରି-ନାହାନ୍ତି । ଧନୀ ଦରିଦ୍ର ସବୁପ୍ରକାର ରୋଗୀଙ୍କ ପାଇଁ ତାଙ୍କର ଦ୍ୱାର ଥିଲା ଅବାରିତ ଓ ସେ ସମସ୍ତଙ୍କୁ ସମାନ ଧ୍ୟାନ ଦେଇ ଚିକିତ୍ସା କରୁଥିଲେ । ପ୍ରତିଦିନ ତାଙ୍କର ଡାକ୍ତରୀ ପରାମର୍ଶ ପାଇଁ ଶତ ଶତ ରୋଗୀ ସମବେତ ହେଉଥିଲେ । ମାତ୍ର ସେ ଟଙ୍କା ପାଉଥିଲେ ଖୁବ୍ କମ୍ । ରୋଗୀମାନଙ୍କୁ ନିଜ ଘରେ ପରୀକ୍ଷା କରି ଔଷଧ ବ୍ୟବସ୍ଥାପତ୍ର ଦେବା ଛଡ଼ା ସହରର ବିଭିନ୍ନ ଅଞ୍ଚଳରେ ରୋଗୀ ଦେଖିବାକୁ ଯିବାପାଇଁ ସେ ସକାଳେ ପ୍ରାୟ ଚାରିଘଣ୍ଟା ଓ ଅପରାହ୍ଣରେ ଅଧିକାଂଶ ଦିନ ଦୁଇ ଘଣ୍ଟା ଲେଖାଏଁ ପରିଶ୍ରମ କରୁଥିଲେ ।

ଡାକ୍ତର ମୁଖାର୍ଜୀଙ୍କ ଚିକିତ୍ସକ ଜୀବନର ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରାଯାଉଛି । ଥରେ ଜଣେ ଗରିବ ସ୍ତ୍ରୀଲୋକକୁ ଦେଖିବାକୁ ସେ ଗଲେ । ସ୍ତ୍ରୀଲୋକଟି ବିଧବା ଅସହାୟା । ଶୀତ ଦିନ ଥିଲା । ଡାକ୍ତର ମୁଖାର୍ଜୀ ପରୀକ୍ଷା କରି ଦେଖିଲେ, ରୋଗ ହେଉଛି ନିମୋନିଆ । ଶୀତରୁ ରକ୍ଷା ପାଇବା ପାଇଁ ସ୍ତ୍ରୀଲୋକଟି ପାଖରେ ଶେଜ ବା କମ୍ବଳ କିଛି ନାହିଁ । ଡାକ୍ତର ମୁଖାର୍ଜୀ ତାକୁ ପରାମର୍ଶ ଦେଲେ ଔଷଧ ପଥ୍ୟ ଛଡ଼ା ଶୀତରୁ ରକ୍ଷାପାଇଁ ଶେଜ ବା କମ୍ବଳ ନ ହେଲେ ରୋଗ ବଢ଼ି ଯିବାର ସମ୍ଭାବନା । ସ୍ତ୍ରୀଲୋକଟି କହିଲା, "ପଇସା କାହୁଁ ପାଇବି ଯେ କମ୍ବଳ କିଣିବି ?"

ଡାକ୍ତର ମୁଖାର୍ଜୀ ରୋଗୀ ପରୀକ୍ଷା କରି ଔଷଧ-ଆଦିର ବ୍ୟବସ୍ଥାପତ୍ର ଲେଖିଦେଇ ଉଠୁଥିବା ସମୟରେ ସ୍ତ୍ରୀଲୋକଟି ତାଙ୍କୁ ଡାକ୍ତରୀ ଫିସ୍ ବାବଦରେ ଦୁଇଟଙ୍କା ଦେଲା । ଡାକ୍ତର ମୁଖାର୍ଜୀ ପଚାରିଲେ, "ତୁମ ପାଖରେ ତ କମ୍ବଳ କିଣିବା ପାଇଁ ପଇସା ନାହିଁ, ବୋଲି କହୁଥିଲ । ଡାକ୍ତରୀ ଫିସ୍ ବାବଦରେ ଏ ଟଙ୍କା କାହୁଁ ପାଇଲ ?"

ସ୍ତ୍ରୀଲୋକଟି କହିଲା, "ଖୁରି ଗିନା (କଂସାବାସନ) ବନ୍ଧକ ଦେଇ ଟଙ୍କା ମଗାଇଛି ।"

ଏଥିରେ ଡାକ୍ତର ପୂଜାରୀ ବିରକ୍ତ ହୋଇ ଫିସ୍ ଟଙ୍କା ଫେରାଇ ଦେଲେ ଓ ନିଜ ପକେଟରୁ ପାଞ୍ଚ ଟଙ୍କା ସ୍ତ୍ରୀଲୋକଙ୍କୁ ଦେଇ କହିଲେ, "ଏ ଟଙ୍କା ରଖ । ଏଥିରେ ଔଷଧପତ୍ର କିଣିବ ଓ ଏ ପାଞ୍ଚଟଙ୍କାରେ ଶସ୍ତା କମ୍ବଳଟାଏ କିଣିବ ।"

ଏହିପରି ଡାକ୍ତର ପୂଜାରୀ ଗରିବ ରୋଗୀମାନଙ୍କୁ ଅର୍ଥିକ ସାହାଯ୍ୟ ମଧ୍ୟ ଦରକାର ପଡ଼ିଲେ କରୁଥିଲେ ।

ଜନସେବା ତାଙ୍କର ଧର୍ମ ଥିଲା । ଏହି ଧର୍ମ ପାଳନରେ ପ୍ରେରଣା ଦେବାପାଇଁ ନିମ୍ନଲିଖିତ ଆପ୍ତବାକ୍ୟମାନ ତାଙ୍କର ପରାମର୍ଶ କକ୍ଷରେ (Consulting room) ଟଙ୍ଗା ଯାଇଥିଲା । ସେଥିରେ ଲେଖା ଥିଲା ।

I Have
A heart that never hardens
A temper that never tires.
A touch that never hurts

II If I Can ease one life's aching
Or brush away one's pain
If I can stop one heart from Cracking
I'll not have lived in vain,
If I Can help one failing brother
Into his strength again
If I Can calm one fretted mother
I'll not have lived in vain.

III If we were only wise enough
to choose the path of service

everyday we live, we'd learn
the truth that what we keep we lose
and gather (earn) what we give.

ଏଠାରେ ଏହି ସୂକ୍ତିମାନଙ୍କର ଓଡ଼ିଆ ଅନୁବାଦ ପ୍ରାସଙ୍ଗିକ—

୧ । ତୁମର ହୃଦୟ କଦାପି କଠୋର ନ ହେଉ
ତୁମର ମିଜାଜ୍ କଦାପି କ୍ଲାନ୍ତ ନ ହେଉ
ତୁମର ସ୍ପର୍ଶ କଦାପି କ୍ଷତି ନ କରୁ ।

୨ । ମୁଁ ଯଦି ଜଣକର ଜୀବନର ବ୍ୟଥାକୁ ଲଘୁ କରିପାରେଁ
ବା ଜଣକର ଯନ୍ତ୍ରଣାକୁ ଦୂର କରିପାରେଁ
ମୁଁ ଯଦି ଜଣକର ହୃଦୟକୁ ଭଙ୍ଗରୁ ରକ୍ଷା କରିପାରେଁ
ତେବେ ମୋର ଜୀବନ ବ୍ୟର୍ଥ ହେବ ନାହିଁ ।
ମୁଁ ଯଦି ଜଣେ ପତନୋନ୍ମୁଖ ଭାଇକୁ ସାହାଯ୍ୟ କରି
ତା'ର ଶକ୍ତି ଫେରାଇ ଆଣିପାରେଁ
ମୁଁ ଯଦି ଜଣେ ଅସ୍ଥିର ମାତାକୁ ଶାନ୍ତ କରିପାରେଁ
ତେବେ ମୋର ଜୀବନ ବ୍ୟର୍ଥ ହେବ ନାହିଁ ।

୩ । ଆମେ ଯଦି ପ୍ରତିଦିନର ଜୀବନରେ ସେବାର ପଥ ଅନୁସରଣ
କରିବାର ବାଞ୍ଛାରେ ପ୍ରଣୋଦିତ ହେଉଁ ତେବେ ଆମେ
ଏହି ସତ୍ୟ ଉପଲବ୍ଧି କରିବା ଯେ ଆମେ ଯାହା ରଖୁଁ,
ତାହା ହରାଉଁ ଓ ଯାହା ଦେଉଁ ତାହା ଆମର ଲବ୍ଧ ।

ଉପର ଲିଖିତ ନୀତିବାକ୍ୟମାନ ସେ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ କହିଲେ ଟିକିଏ ଭୁଲ୍ ହେବ । ସେ ଉପର ନୀତିର ଜୀବନ୍ତ ଅବତାର ଥିଲେ କହିଲେ ଠିକ୍ ହେବ । ତାଙ୍କର ଚିକିତ୍ସାରେ ଜନସାଧାରଣଙ୍କର ଅଗାଧ ବିଶ୍ୱାସ ଥିଲା । ସେ ଚିକିତ୍ସା ଶାସ୍ତ୍ରର କୌଣସି

ନିର୍ଦ୍ଦିଷ୍ଟ ବିଭାଗରେ ବିଶେଷଜ୍ଞ ନ ଥିଲେ; ମାତ୍ର ସବୁ ପ୍ରକାର ଜଟିଳତା ଥିବା ବ୍ୟାଧି ପାଇଁ ତାଙ୍କୁ ଡକା ଯାଉଥିଲା ଓ ତାଙ୍କର ଚିକିତ୍ସା ସେଥିରେ ଫଳବତୀ ହେଉଥିଲା । ଅନ୍ୟାନ୍ୟ ଚିକିତ୍ସକମାନେ ଯେଉଁ ରୋଗକୁ ଅସାଧ୍ୟ ବୋଲି ଆଶା ଛାଡ଼ି ଦେଉଥିଲେ, ସେହି ରୋଗମାନ ମଧ୍ୟ ଡାକ୍ତର ପୂଜାରୀ ଆରୋଗ୍ୟ କରିଛନ୍ତି । ତାଙ୍କର ଔଷଧର ଗୁଣାଗୁଣ ଯାହା ଥାଉ ନା କାହିଁକି, ରୋଗୀମାନଙ୍କର ତାଙ୍କ ଉପରେ ଅଗାଧ ବିଶ୍ୱାସ ବହୁ କ୍ଷେତ୍ରରେ ରୋଗୀର ଆତ୍ମବିଶ୍ୱାସ ଜଗାଇ ରୋଗ ଜୟରେ ସମର୍ଥ କରାଉଥିଲା । ସମ୍ବଲପୁର ସହରର ବହୁ ଲୋକେ ପରିବାରର ସାମାନ୍ୟ ରୋଗଠାରୁ ଆରମ୍ଭ କରି ଅତି ଦୁରାରୋଗ୍ୟ ବ୍ୟାଧି ପର୍ଯ୍ୟନ୍ତ ସବୁଥିରେ ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର-ଶୀଳ ଥିଲେ ଓ ତାଙ୍କର ସାମୟିକ ଅନୁପସ୍ଥିତିରେ କିଂକର୍ତ୍ତବ୍ୟବିମୂଢ଼ ହେଉଥିଲେ । ତାଙ୍କର ଚିକିତ୍ସା ଯୋଗୁଁ ସମ୍ବଲପୁରର ବହୁ ପରିବାର ସମ୍ବଲପୁର ସହରର ବଡ଼ ହାସପାତାଳର ସୁବିଧା ଓ ସୁଯୋଗ ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଡାକ୍ତର ପୂଜାରୀ ପାଶ୍ଚାତ୍ୟ ଚିକିତ୍ସାରେ ଉପାଧି ଲାଭ କରି ପାଶ୍ଚାତ୍ୟ-ପଦ୍ଧତିରେ ଚିକିତ୍ସା କରୁଥିଲେ ମାତ୍ର ଛାତ୍ର ଅବସ୍ଥାରୁ ସେ ଆୟୁର୍ବେଦୀୟ ଚିକିତ୍ସା-ପଦ୍ଧତି ପ୍ରତି ମଧ୍ୟ ଆକୃଷ୍ଟ ହୋଇଥିଲେ ଓ କଲିକତା ମେଡ଼ିକେଲ କଲେଜରେ ପଢ଼ିଲା ସମୟରେ ବଙ୍ଗଦେଶ ତଥା ଅନ୍ୟ ପ୍ରଦେଶର ଆୟୁର୍ବେଦ ବିଶାରଦମାନଙ୍କର ମହତ୍ ସଙ୍ଗ ଓ ଶିଷ୍ୟତ୍ୱ ଲାଭ କରି ଚରକ ସୁଶ୍ରୁତ, ବାଗ୍‌ଭଟ ଆଦି ପ୍ରାଚୀନ ଋଷିମାନଙ୍କର ଆୟୁର୍ବେଦ ଗ୍ରନ୍ଥମାନ ଅଧ୍ୟୟନ କରିଥିଲେ । ଯେଉଁ କ୍ଷେତ୍ରରେ ପାଶ୍ଚାତ୍ୟ ଚିକିତ୍ସା ଅସଫଳ ବା ରୋଗୀ ପାଇଁ ଦୁର୍ମୂଲ୍ୟ ହେଉଥିଲା, ସେ କ୍ଷେତ୍ରରେ ଡାକ୍ତର ପୂଜାରୀ ଆୟୁର୍ବେଦୀୟ ଔଷଧର ପ୍ରୟୋଗ କରି ସଫଳ ହେଉଥିଲେ । ଆୟୁର୍ବେଦୀୟ ଭେଷଜ ବିଜ୍ଞାନରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା ଓ ସେ ଅନେକ ସମୟରେ ଦେଶୀ ଜଡ଼ି-

ରୁଚି ବ୍ୟବହାର କରିବା ପାଇଁ ପରାମର୍ଶ ଦେଉଥିଲେ । ଅନେକ ହେତୁରେ ପାଶ୍ଚାତ୍ୟ ଚିକିତ୍ସାପଦ୍ଧତି ଯେଉଁଠାରେ ଆରୋଗ୍ୟରେ ବିଫଳ ହୋଇ ଥିଲା, ସେଠାରେ ସେ ଏହିପ୍ରକାର ସ୍ଥାନୀୟ ଜଡ଼ିବୁଟିର ପ୍ରୟୋଗର ପରାମର୍ଶ ଦେଇ ରୋଗୀମାନଙ୍କୁ ଆରୋଗ୍ୟ କରୁଥିଲେ ।

କେତେ ବର୍ଷ ପୂର୍ବେ ସମ୍ବଲପୁରର ଡାକ୍ତର ଚନ୍ଦ୍ରକୁମାର ପୂଜାରୀ (ସ୍ୱର୍ଗତ ଡାକ୍ତର ସନାତନ ପୂଜାରୀଙ୍କ ପୁତ୍ର ଓ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଦୂରସଂପର୍କୀୟ ପୁତ୍ର) ଟାଇଫଏଡ୍ ରୋଗରେ ପୀଡ଼ିତ ହେଲେ । ଅବସ୍ଥା ସଙ୍କଟଜନକ ହେବାରୁ କଟକରୁ ବିଶେଷଜ୍ଞମାନଙ୍କୁ ଡକାଗଲା । ଡାକ୍ତର ଚନ୍ଦ୍ରକୁମାରଙ୍କ ହିକ୍କା ହେଉଥାଏ ଓ କୌଣସି ଡାକ୍ତରୀ ଔଷଧ ଫଳପ୍ରଦ ହେଉ ନ ଥାଏ । ଡାକ୍ତର ଜନାର୍ଦ୍ଦନ ପୂଜାରୀ କିଛି ଗଜଦନ୍ତ ଫୁଲ ଅଣାଇଲେ । ଅନ୍ୟାନ୍ୟ ଡାକ୍ତରମାନେ ଭାବିଲେ ଭଗବତ୍ ପ୍ରାର୍ଥନାଦ୍ୱାରା ଉପଶମ କରାଇବା ପାଇଁ ଫୁଲ ଅଣାଯାଇଛି । କିନ୍ତୁ ଡାକ୍ତର ପୂଜାରୀ ଗଜଦନ୍ତ ଫୁଲର ରସ ସେବନ କରାଇ ଡାକ୍ତର ଚନ୍ଦ୍ରକୁମାର ପୂଜାରୀଙ୍କ ହିକ୍କା ଉପସର୍ଗରେ ଉପଶମ କରାଇଥିଲେ ।

୧୯୪୮ ସାଲ ଅକ୍ଟୋବର ମାସ ୨୦ ତାରିଖରେ ସମ୍ବଲପୁର ଜିଲ୍ଲା ବୈଦ୍ୟସମ୍ମିଳନୀରେ ସେ ସଭାପତିତ୍ୱ କରିଥିଲେ । ସେ ସମୟରେ ତାଙ୍କର ଅଭିଭାଷଣରୁ ଆମେ ଆୟୁର୍ବେଦ ଶାସ୍ତ୍ରରେ ତାଙ୍କର ଗଭୀର ଅଧ୍ୟୟନର ପ୍ରମାଣ ପାଉଁ । ପ୍ରାଚୀନ ଆୟୁର୍ବେଦ ଶାସ୍ତ୍ରରେ କେବଳ ରୋଗର ନିରାକରଣ ପ୍ରତି ଦୃଷ୍ଟି ନ ଦେଇ ଦୈହିକ, ମାନସିକ ଓ ଆଧ୍ୟାତ୍ମିକ ନିରାମୟତା ଲକ୍ଷ୍ୟ ଥିଲା; "ଜଗତର ଅନ୍ୟାନ୍ୟ ଚିକିତ୍ସା ପ୍ରଣାଳୀ ଅପେକ୍ଷା ଏହାର ସୁଲଭତା, ଉତ୍କର୍ଷ ଓ ଉପାଦେୟତା" ଇତ୍ୟାଦି ବିଷୟରେ ସେ ଏକ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଦେଇଥିଲେ । ସେଥିରେ ପ୍ରାଚୀନ ଆୟୁର୍ବେଦ-ଗ୍ରନ୍ଥକାରମାନଙ୍କର ମହତ୍ତ୍ୱ ବିଷୟରେ ପାଶ୍ଚାତ୍ୟ ମନୀଷୀମାନଙ୍କ ମତାମତ ଉଦ୍ଧାର କରି ଅନେକ ବିଷୟରେ ଆଧୁନିକ ଚିକିତ୍ସା ବିଜ୍ଞାନଠାରୁ ପ୍ରାଚୀନ ଆୟୁର୍ବେଦର ଅଧିକ ସାଫଲ୍ୟ

ଦେଖାଇ ଥିଲେ । ତାଙ୍କର ଭାଷଣରୁ ନିମ୍ନଲିଖିତ କେତେକ ପଂକ୍ତି ଉଦ୍ଧରଣ ଯୋଗ୍ୟ—

"ଆୟୁର୍ବେଦ ଚିକିତ୍ସାପଦ୍ଧତି ଯେ ଭାରତର ପରିସ୍ଥିତିର ଏକାନ୍ତ ଅନୁକୂଳ ଏହା ଅବିସମ୍ବାଦୀ ସତ୍ୟ । ଆଜି ସୁଦ୍ଧା ଭାରତବାସୀଙ୍କର ଜୀବନ ଓ ସ୍ୱାସ୍ଥ୍ୟ ରକ୍ଷା ସକାଶେ ଅନ୍ୟ ପଦ୍ଧତିର ଅପେକ୍ଷା ଏହି ଚିକିତ୍ସାପଦ୍ଧତି ସମଧିକ ହିତକର, ଏହା ମୋର ୩୫ ବର୍ଷ ଧରି ଚିକିତ୍ସକ ଜୀବନର ପ୍ରତୀତି ଓ ଅନୁଭୂତି । ଏହି ପଦ୍ଧତି ଏବେ ସୁଦ୍ଧା ଆପଣାର ସେବାଦ୍ୱାରା ଶତକଡ଼ା ୮୫ ଜନ ସମୂହଙ୍କର ହୃଦୟରେ ଘର କରି ରହିଛି ।"

ଉପର୍ଯ୍ୟୁକ୍ତ ଭାଷଣରେ ସେ ଚିକିତ୍ସକର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ପ୍ରାଚୀନ ଶାସ୍ତ୍ରରୁ ଶ୍ଳୋକମାନ ଉଦ୍ଧାର କରି କହିଥିଲେ—

"କେବଳ ଅର୍ଥ ଆକାଙ୍‌କ୍ଷା ଓ ବିଳାସିତାର ଉପକରଣ ସଂଗ୍ରହର କାମନାରେ କାର୍ଯ୍ୟକ୍ଷେତ୍ରରେ ପ୍ରବିଷ୍ଟ ହେଲେ ସ୍ୱ ସ୍ୱ ବାସନା-ପୂର୍ଣ୍ଣ ହୋଇପାରେ; କିନ୍ତୁ ବାସ୍ତବିକ ଆୟୁର୍ବେଦର ଉନ୍ନତି ହେବ ବୋଲି ମୁଁ ମନେ କରେଁ ନାହିଁ !!! ଆମ୍ଭର ଶାସ୍ତ୍ର କହନ୍ତି—

"କପିଳାକୋଟି-ଦାନାଦ୍ଧି ଯତ୍ଫଳଂ ପରିକୀର୍ତ୍ତିତଂ
ତତ୍ଫଳଂ କୋଟିଗୁଣିତ ମେକାତୁର ଚିକିତ୍ସୟା" ।

କୋଟି କୋଟି କପିଳା ଗାଈ ଦାନ କଲେ ଯେଉଁ ପୁଣ୍ୟ ଫଳ ଲବ୍ଧ ହୁଏ—ଗୋଟିଏ ମାତ୍ର ଆତୁର ରୋଗୀକୁ ଆରୋଗ୍ୟଲାଭ କରାଇଲେ ମଧ୍ୟ ତା'ର କୋଟି ଗୁଣ ଫଳ ଲବ୍ଧ ହୋଇଥାଏ । ମହାପୁରୁଷ ଚାଣକ୍ୟ ଚିକିତ୍ସକର ଗୁଣ ବ୍ୟାଖ୍ୟା କରି କହିଛନ୍ତି—

"ଆୟୁର୍ବେଦକୃତାଭ୍ୟାସଃ ସର୍ବେଷାଂ ପ୍ରିୟଦର୍ଶନମ୍
ଆର୍ଯ୍ୟଶୀଳଗୁଣୋପେତ ଏଷ ବୈଦ୍ୟୋ ବିଧୀୟତେ ।"

ଚିକିତ୍ସକର ସ୍ୱରୂପ ବର୍ଣ୍ଣନ ପ୍ରସଙ୍ଗରେ ମହାମୁନି ଚରକ କହିଛନ୍ତି—

"ଶୀଲବାନ୍ ମତିମାନ୍ ଯୁକ୍ତୋ ଦ୍ୱିଜାତିଃ ଶାସ୍ତ୍ରପାରଗଃ
ପ୍ରାଣିଭିର୍ଗୁରୁବତ୍ ପୂଜ୍ୟଃ ପ୍ରାଣାଚାର୍ଯ୍ୟଃ ସହି ସ୍ମୃତଃ"
ନାତ୍ମାର୍ଥଂ ନାପି କାମାର୍ଥଂ ଅଥ ଭୂତଦୟାଂ ପ୍ରତି
ବର୍ତ୍ତତେ ଚ ଚିକିତ୍ସାୟାଂ ସ ସର୍ବମତିବର୍ତ୍ତତେ ।

ନିଜେ ଅରୋଗ୍ୟ ସକାଶେ ବା ନିଜର କାମନା ଚରିତାର୍ଥ କରିବା ସକାଶେ ଚିକିତ୍ସାରେ ପ୍ରବୃତ୍ତ ନ ହୋଇ କେବଳ ବ୍ୟାଧିପୀଡ଼ିତ ପ୍ରାଣିଗଣଙ୍କର ଦୁଃଖ ମୋଚନାର୍ଥ ଦୟାପରବଶ ହୋଇ ଯେ ଚିକିତ୍ସା କାର୍ଯ୍ୟରେ ପ୍ରବୃତ୍ତ ହୁଏ, ସେ ହିଁ ଏହି ଜଗତରେ ସର୍ବାପେକ୍ଷା ମହାନ୍ ଅଥାତ୍ ସେ ହିଁ ପ୍ରକୃତ ଅୟୁର୍ବେଦୀୟ ଚିକିତ୍ସକ ।"

କହିବା ବାହୁଲ୍ୟ ଡାକ୍ତର ପୂଜାରୀ ଉପରଲିଖିତ ଆଦର୍ଶରେ ଆଜୀବନ ଅନୁପ୍ରାଣିତ ଥିଲେ ।

ଡାକ୍ତର ପୂଜାରୀ ଚିକିତ୍ସାଦ୍ୱାରା ଲୋକସେବାର ଓ ପୁଣ୍ୟାର୍ଜନର ସର୍ବୋତ୍କୃଷ୍ଟ ସୁଯୋଗ ମିଳୁଥିବାରୁ ନିଜର ପରିବାରରେ ଏହି ବିଦ୍ୟାଧ୍ୟାୟୀ ସଂଖ୍ୟା ଯେପରି ବଢ଼ିବେ, ସେଥିର ଯତ୍ନ କରୁଥିଲେ । ସେ ସାଂସାରିକ ବିଷୟରେ ପ୍ରାୟ ଉଦାସୀନ ରହୁଥିବାରୁ ନିଜର ପୁତ୍ରମାନଙ୍କର ଶାସନରେ କଠୋର ହୋଇ ନ ପାରିବାରୁ ତାଙ୍କର ପୁତ୍ରମାନେ ଉଚ୍ଚଶିକ୍ଷା କରି ଡାକ୍ତର ହେବାର ସୁଯୋଗ ପାଇଲେ ନାହିଁ । ତାଙ୍କର ଜ୍ୟେଷ୍ଠ ପୁତ୍ର ସୁରେନ୍ଦ୍ର ବା ରାଜାରାମ ଶିକ୍ଷାରେ ବିଶେଷ କୃତିତ୍ୱ ଦେଖାଇ ପାରିଲେ ନାହିଁ ଓ ମେଟ୍ରିକ୍ ପରୀକ୍ଷା ପରେ ଉପରକୁ ପଢ଼ିବାର ସ୍ପୃହା ଦେଖାଇଲେ ନାହିଁ । ତେଣୁ ଡାକ୍ତର ପୂଜାରୀ ପୁଅକୁ ଡାକ୍ତର କରି ନ ପାରିଲେ ସୁଦ୍ଧା ମେଡ଼ିକେଲ୍ ଟେକ୍ନିକେଲ୍ ବୃତ୍ତି ଅଧ୍ୟୟନ ପାଇଁ ପୁଅକୁ କଟକକୁ ପଠାଇଲେ । ମାତ୍ର ରାଜାରାମ ବାବୁଙ୍କର ଏ ବିଦ୍ୟାରେ

ଅଦୌ ରୁଚି ନ ଥିଲା । ସେ ମୋଟର ଚଳାଚଳ ବିଷୟରେ ବିଶେଷ ଅଗ୍ରହୀ । ଡାକ୍ତର ପୂଜାରୀ ପୁଅଙ୍କୁ ମୋଟର ଇଞ୍ଜିନିୟରିଂ ପଢ଼ାଇଥିଲେ ହୁଏତ ପୁଅ ସେହି ବିଦ୍ୟାରେ ଅଗ୍ରହୀ ଥିବାରୁ ପାରଦର୍ଶୀ ହୋଇ ପାରିଥାନ୍ତେ । କିନ୍ତୁ ଡାକ୍ତର ପୂଜାରୀ ନିଜର ଜ୍ୟେଷ୍ଠପୁତ୍ରଙ୍କୁ ସେବା ବୃତ୍ତିରେ ବ୍ରତୀ କରାଇବାକୁ ଚାହିଁଥିଲେ । ଡାକ୍ତର ପୂଜାରୀ ତାଙ୍କର ଦ୍ୱିତୀୟ ଓ କନିଷ୍ଠ ପୁତ୍ର ଯତୀନ୍ଦ୍ରଙ୍କୁ ପୁରୀ ଗୋପବନ୍ଧୁ ଆୟୁର୍ବେଦୀୟ କଲେଜ୍‌ରେ ଭର୍ତ୍ତି କଲେ । ଏହା ତାଙ୍କର ଆଦର୍ଶର ଅନୁକୂଳ; କାରଣ ଗୋପବନ୍ଧୁ ଆୟୁର୍ବେଦୀୟ କଲେଜର ଶିକ୍ଷାପଦ୍ଧତି ହେଉଛି ପ୍ରାଚୀନ ଓ ଆଧୁନିକ ଚିକିତ୍ସା ଶାସ୍ତ୍ରର ସମନ୍ୱୟ । ଏବେ ଯତୀନ୍ଦ୍ର ଗୋପବନ୍ଧୁ ଆୟୁର୍ବେଦୀୟ କଲେଜ୍‌ରୁ ଉତ୍ତୀର୍ଣ୍ଣ ହୋଇ ସରକାରୀ ଚାକିରି କରୁଛନ୍ତି । ଡାକ୍ତର ପୂଜାରୀଙ୍କ ଜଣେ ପୁତୁରା ଡାକ୍ତର ବିମ୍ବାଧର ପୂଜାରୀ ତାଙ୍କର ପ୍ରେରଣାରେ ପାଟନା ମେଡ଼ିକେଲ୍ କଲେଜରୁ ଡାକ୍ତରୀ ପାସ୍ କରି କିଛି ଦିନ ଚାକିରି କରି ପରେ ଇଂଲଣ୍ଡରୁ ଉଚ୍ଚଶିକ୍ଷା ଲାଭ କରି ଫେରିଛନ୍ତି ।

ଡାକ୍ତର ପୂଜାରୀ ଚିକିତ୍ସାଠାରୁ ସ୍ୱାସ୍ଥ୍ୟରକ୍ଷାକୁ ପ୍ରତିକାରଠାରୁ ପ୍ରତିଷେଧକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଓ ସ୍ୱାସ୍ଥ୍ୟରକ୍ଷାରେ ସଦାଚାର ଓ ପ୍ରାଚୀନ ଆୟୁର୍ବେଦସମ୍ମତ ଦିନଚର୍ଯ୍ୟା, ଋତୁଚର୍ଯ୍ୟା ଓ ଆତ୍ମସଂଯମ ବିଷୟରେ ସଦୁପଦେଶ ଦେଉଥିଲେ । ଏ ସମ୍ପର୍କରେ ନିମ୍ନଲିଖିତ ଘଟଣାଟି ଉଲ୍ଲେଖ ଯୋଗ୍ୟ :—

ଆଜିକୁ ପ୍ରାୟ ଅଠନଅ ବର୍ଷ ପୂର୍ବେ ପୁନାରୁ ପ୍ରଫେସର୍ ପି. ଏମ୍ ଖିପର୍ଡେ ନାମକ ଜଣେ ବିଦ୍ୱାନ୍ ଭାରତ ଭ୍ରମଣ କରିବା ଉଦ୍ଦେଶ୍ୟରେ ବାହାରି ହୀରାକୁଦ ବନ୍ଧ ପରିଦର୍ଶନ କରିବାକୁ ଆସି ଡାକ୍ତର ପୂଜାରୀଙ୍କ ପାଖକୁ ଆସିଲେ । କଥା ପ୍ରସଙ୍ଗରେ ସେହି ଭଦ୍ରଲୋକ ଡାକ୍ତର ପୂଜାରୀଙ୍କଠାରୁ ଗୋଟିଏ ଲିଖିତ Message ବା ବାର୍ତ୍ତା ଚାହିଁ ବସିଲେ । ଡାକ୍ତର ପୂଜାରୀ ତାଙ୍କର ପ୍ରକୃତିସୁଲଭ ବିନୟ ସହିତ

କହିଲେ, "ମୁଁ ଆପଣଙ୍କୁ କୌଣସି ବକ୍ତବ୍ୟ ଦେବାର ଉପଯୁକ୍ତ ବ୍ୟକ୍ତି ନୁହେଁ । ଆପଣ ବୋଧହୁଏ ଭୁଲରେ ମୋ ପାଖକୁ ଆସିଛନ୍ତି । ଆପଣ ଏ ସହରରେ ଥିବା ବିଦ୍ୱାନ୍ ଓକିଲବୃନ୍ଦ, ରାଜନୈତିକ ନେତା, ମିନିଷ୍ଟର, ବା ଲୋକସଭା-ସଭ୍ୟଙ୍କ ପାଖକୁ ଯାଆନ୍ତୁ ।" କିନ୍ତୁ ଏଥିରେ ନ ମାନି ପ୍ରଫେସର୍ ଖପର୍ଡ଼େ କହିଲେ "କାହାଠାରୁ ମୁଁ ମୋର Message ସଂଗ୍ରହ କରିବି, ସେହି ନିର୍ଣ୍ଣୟ ମୋର ନିଜର— ଆପଣଙ୍କର ନୁହେଁ ।" ତାହାର ଉତ୍ତରରେ ଡାକ୍ତର ପୂଜାରୀ କହିଲେ, "ସାମାନ୍ୟ ଡାକ୍ତର ହିସାବରେ ନାନା ଲୋକଙ୍କର ସମ୍ପର୍କରେ ଆସି ଏହି ୩୦ ବର୍ଷ କାର୍ଯ୍ୟକାଳରେ ମୋର ଯଥାଶକ୍ତି ଅନୁଭୂତିରେ ମୁଁ ଯାହା ପାଇଛି ବର୍ତ୍ତମାନ୍ ଆମ ଦେଶର ଏହି ଅପୂର୍ବ ପ୍ରଗତିର ଯୁଗରେ ଲୋକ-ସାଧାରଣ ସଦାଚାର ତଥା ନିୟମାନୁବର୍ତ୍ତିତାର କଥା ଏକାଥରକେ ଭୁଲି ଅର୍ଥଲାଳସାରେ ଅଯଥାଭାବରେ ଅତ୍ୟଧିକ ଖାଟି ଖାଟି (ପରିଶ୍ରମ କରି କରି ) ଅର୍ଥ ଉପାର୍ଜନ କରି ନିଜର ଅମୂଲ୍ୟ ସ୍ୱାସ୍ଥ୍ୟକୁ ଏକାଥରକେ ନଷ୍ଟ ଭ୍ରଷ୍ଟ କରି Chronic colitis, gastritis, hepatitis, Peppic lelcer ଏବଂ pthisis ଆଦି ଦୁଶ୍ଚିକିତ୍ସ୍ୟ ବ୍ୟାଧିରେ ପୀଡ଼ିତ ହୋଇ ସେହି ଅନେକ କଷ୍ଟ ଅର୍ଜିତ ଅର୍ଥକୁ ବ୍ୟୟବହୁଳ ଏହି ଚିକିତ୍ସାକ୍ଷେତ୍ରରେ ବ୍ୟୟ କରି ଦେବାକୁ ବାଧ ହେଉଛନ୍ତି । ଧନ ଓ ଜୀବନ ଦୁଇଟା ହିଁ ହରାଇ ବସୁଛନ୍ତି ।" ତାଙ୍କର ବାଣୀ ଥିଲା, Now a days people lose their health to gain wealth and then lose their wealth to gain health" ଅର୍ଥାତ୍ "ଆଜିକାଲି ଲୋକେ ଧନ ଅର୍ଜନ କରିବାକୁ ଯାଇ ସ୍ୱାସ୍ଥ୍ୟ ହରାଇ ବସୁଛନ୍ତି ଓ ପରେ ସ୍ୱାସ୍ଥ୍ୟ ଫେରି ପାଇବାକୁ ଧନ ହରାଉଛନ୍ତି ।" ଜଣେ ଡାକ୍ତରଙ୍କଠାରୁ ଏପରି ସଂକ୍ଷିପ୍ତ ଅଥଚ ସାରଗର୍ଭକ ସ୍ୱାସ୍ଥ୍ୟୋପଦେଶ ପାଇ ପ୍ରଫେସର ଖପର୍ଡ଼େ ମୁଗ୍ଧ ହୋଇଥିଲେ ।

ଡାକ୍ତର ପୂଜାରୀ ଚିକିତ୍ସା ବିଦ୍ୟାରେ ନିଜର ଅଭିଜ୍ଞତାରୁ ଓ ଅଧ୍ୟବସାୟ ଓ ଡାକ୍ତରି ପୁସ୍ତକ ଛଡ଼ା ପ୍ରଚଳିତ ଚିକିତ୍ସାରୁ ଭିନ୍ନ

ରୋଗର ଚିକିତ୍ସା ବିଷୟରେ କେତେକ ଉପାଦେୟ ପ୍ରବନ୍ଧ ଲେଖିଛନ୍ତି । ତହିଁ ମଧ୍ୟରୁ 'ଜିଅଁଲର କ୍ଳେଶ' 'ବସନ୍ତରେ ବସନ୍ତ ରୋଗ' 'ଅମୃତ-ମଣ୍ଡୀ' ଆଦି ଉଲ୍ଲେଖ ଯୋଗ୍ୟ । ଅନ୍ୟ ଅନେକ ଲେଖାର ପତ୍ତା ମିଳୁ ନାହିଁ ।

'ଜିଅଁଲର କ୍ଳେଶ'ରେ କେତେକ ଶିଶୁରୋଗର ସହଜ ଚିକିତ୍ସା ବିଷୟ ଆଲୋଚନା କରାଯାଇଛି । ଏଥିରେ ଶିଶୁମାନଙ୍କର କୃମି-ରୋଗ-ଜନିତ ବିଭିନ୍ନ ଉପସର୍ଗର ଚିକିତ୍ସା ଓ ଶ୍ଳେଷ୍ମାଧିକ୍ୟ ଆଦିର ଚିକିତ୍ସା ଆଲୋଚନା କରିଯାଇ କେତେ ଭୁଟୁକା ଔଷଧର ବ୍ୟବସ୍ଥା ଲେଖା-ଯାଇଛି ।

'ବସନ୍ତରେ ବସନ୍ତ ରୋଗ'ରେ ଶଂସିତ ରୋଗ ବିଷୟରେ ଆଲୋଚନା କରାଯାଇଛି । ଡାକ୍ତରି ଶାସ୍ତ୍ରରେ ବସନ୍ତରୋଗର ପ୍ରତି-ଷେଧକ ଟୀକା ବ୍ୟବସ୍ଥା ଛଡ଼ାଦେଲେ ତହିଁର ଚିକିତ୍ସା ବିଷୟରେ କିଛି ନାହିଁ କହିଲେ ଚଳେ । ଡାକ୍ତର ପୂଜାରୀ ଆୟୁର୍ବେଦ ଶାସ୍ତ୍ରର ଗଭୀର ଅଧ୍ୟୟନ କରି ବସନ୍ତରୋଗର ନିଦାନ ଓ ଚିକିତ୍ସା ବିଷୟରେ ଯାହା ଲେଖିଛନ୍ତି ତାହା ଯେପରି ସୁଖପାଠ୍ୟ ସେହିପରି ଶିକ୍ଷାପ୍ରଦ ।

ଡାକ୍ତର ପୂଜାରୀଙ୍କର ପାରିବାରିକ ଜୀବନରେ ଦୁଃଖ ଥିଲେ ମଧ୍ୟ ସେ ସେଥିରୁ ଟିକିଏ ସୁଦ୍ଧା ବିଚଳିତ ହୋଇ ନ ଥିଲେ, କାରଣ ଗୀତାର ଉପଦେଶ "ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ" ତାଙ୍କର ଆଦର୍ଶ ଥିଲା । ତାଙ୍କର ଦ୍ୱିତୀୟା କନ୍ୟା ହେମଶୀଳା-ବିବାହର ସାମାନ୍ୟ କେତେ ବର୍ଷ ପରେ କ୍ଷୟକାଶ ରୋଗରେ ଆକ୍ରାନ୍ତ ହେଲେ ଏବଂ ଏଥିପାଇଁ ତାଙ୍କର ପରିବାରର ଅନ୍ୟ ସମସ୍ତେ ବିବ୍ରତ ହେଉଥିଲେ ସୁଦ୍ଧା ଡାକ୍ତର ପୂଜାରୀ କର୍ତ୍ତବ୍ୟ ହିସାବରେ ଚିକିତ୍ସା କରି ସେଥିରେ ବିଚଳିତ ହୋଇ ନ ଥିଲେ । ତାଙ୍କର ଦ୍ୱିତୀୟା ଓ ତୃତୀୟା କନ୍ୟା ପ୍ରଥମ ଯୌବନରେ ପ୍ରାଣ ହରାଇ ଥିଲେ । ତାଙ୍କର ଦୁଇ ପୁଅ ଓ ତିନି ଝିଅ

ଅଛନ୍ତି । ଡାକ୍ତର ପୃଜାଶ୍ରୀଙ୍କର ଭାର୍ଯ୍ୟା ବାସ୍ତବିକ ତାଙ୍କର ସହଧର୍ମିଣୀ । ହିନ୍ଦୁ ଧର୍ମରେ ଆଦର୍ଶ ବଧୂ, ପତ୍ନୀ ଓ ମାତା ହିସାବରେ ସେ ତାଙ୍କର କର୍ତ୍ତବ୍ୟ କରି ଆସିଛନ୍ତି । ଯେତେବେଳେ ୧୯୪୨ ସାଲରେ କର୍ତ୍ତବ୍ୟର ପ୍ରେରଣାରେ ଆରବ୍ଧ ଯୁଦ୍ଧ-ବିରୋଧୀ ଆନ୍ଦୋଳନରେ ଡାକ୍ତର ପୃଜାଶ୍ରୀ ପ୍ରଥମ ସତ୍ୟାଗ୍ରହୀରୂପେ କାରାବରଣ କରିବାପାଇଁ ବାହାରିଲେ, ସେହି ସମୟରେ ତାଙ୍କର ପତ୍ନୀ କମଳାଦେବୀ ମଧ୍ୟ ଦଶବର୍ଷ ବୟସର ଦୁଇଟି ଯମଜ ପୁତ୍ର କନ୍ୟାଙ୍କର ଲାଳନପାଳନଭାର ପରିବାରର ଅନ୍ୟମାନଙ୍କ ଉପରେ ଅର୍ପଣ କରି ପତିଙ୍କର ସହଗାମିନୀ ହେଲେ ଓ ପ୍ରାୟ ଛଅମାସ କାଳ ସମ୍ବଲପୁର ଓ କଟକ ଜେଲରେ ବନ୍ଦିନୀ ଅବସ୍ଥାରେ ରହିଲେ । ଡାକ୍ତର ପୃଜାଶ୍ରୀଙ୍କର ଜୀବନରେ ରାଜନୀତି ବିଷୟରେ ଅନ୍ୟ ଏକ ଅଧ୍ୟାୟରେ ଆଲୋଚନା କରାଯିବ ।

# ରାଜନୈତିକ ଜୀବନ

ଡାକ୍ତର ପୂଜାରୀ କଲିକତାରେ ଛାତ୍ର ଥିଲାବେଳେ ବଙ୍ଗଦେଶର ବିପ୍ଳବୀ ଅନୁଷ୍ଠାନ ଅନୁଶୀଳନ ସମିତିର ପ୍ରମୁଖ ନେତା ଶ୍ରୀ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ ଆଦିଙ୍କ ସଙ୍ଗେ ନିକଟ ସମ୍ପର୍କ ରଖିଥିଲେ ସେ ବିଷୟରେ ଏହା ପୂର୍ବରୁ କୁହାଯାଇଛି । ଛାତ୍ର ଜୀବନ ପରେ ସମ୍ବଲପୁରରେ ଡାକ୍ତର କରିବା ସମୟରେ ଡାକ୍ତର ହିସାବରେ ଲୋକ ସେବା ପାଇଁ ପ୍ରଶସ୍ତ କ୍ଷେତ୍ର ତାଙ୍କ ପକ୍ଷରେ ଉନ୍ମୁକ୍ତ ଥିବାରୁ ପ୍ରତ୍ୟକ୍ଷ ରାଜନୀତିରେ ଭାଗ ନେବା ତାଙ୍କ ପକ୍ଷରେ ନିଷ୍ପ୍ରୟୋଜନ ଥିଲା । ସେ ପ୍ରତ୍ୟକ୍ଷ ରାଜନୀତିରୁ ବରାବର ନିବୃତ୍ତ ରହୁଥିଲେ; କିନ୍ତୁ ଅନେକ ସମୟରେ ଦେଖାଯାଏ ଯେଉଁଲୋକ ରାଜନୀତିରେ ବା ନିଜପାଇଁ ଖ୍ୟାତି ଲାଭରେ ଯେତିକି ବୀତସ୍ପୃହ, ରାଜନୀତି ବୋଧହୁଏ ତାଙ୍କୁ ସେତିକି ଅଧିକ ଆଦର କରି ବରଣ କରିନିଏ ।

୧୯୨୮ ସାଲରେ ସମ୍ବଲପୁର ସହରକୁ ପ୍ରଥମ ଥର ପାଇଁ ମହାତ୍ମା ଗାନ୍ଧୀଙ୍କର ଅଗମନ ହେଲା । ସେହି ସମୟରେ ମହାନଦୀ ବାଲିରେ ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଦେଖାଇବା ପାଇଁ ଯେଉଁ ବିରାଟ ଜନସଭା ହୋଇଥିଲା ସେଥିରେ ଓଡ଼ିଆରେ ମାନପତ୍ର ଲେଖିଥିଲେ ଓ ପଢ଼ିଥିଲେ ଡାକ୍ତର ଜନାର୍ଦ୍ଦନ ପୂଜାରୀ । ଅବଶ୍ୟ ସେ କେବେ କଂଗ୍ରେସ୍ ଅନ୍ଦୋଳନ ସଙ୍ଗେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ନ ଥିଲେ । ତାଙ୍କର ଭଗିନୀପତି ଶ୍ରୀ ଚନ୍ଦ୍ରଶେଖର ବେହେରା ୧୯୨୧ ସାଲ ପୂର୍ବରୁ

ସମ୍ବଲପୁରରେ ଦେଶମିଶ୍ରଣର ଜଣେ ମୁଖ୍ୟ ନେତା ଥିଲେ ଓ ୧୯୨୧ ସାଲରେ ଯେତେବେଳେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା ସେତେବେଳେ ତହିଁର ସ୍ଥାନୀୟ ନେତା ଓ କର୍ମୀ ଥିଲେ ଶ୍ରୀ ଚନ୍ଦ୍ରଶେଖର ବେହେରା, ଶ୍ରୀ ଅଚ୍ୟୁତାନନ୍ଦ ପୁରୋହିତ ଆଦି ଓ ନବଯୁବକ ମଧ୍ୟରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ଶ୍ରୀ ନୃସିଂହ ଗୁରୁ ଓ ଶ୍ରୀ ଭଗୀରଥ ମିଶ୍ର ଆଦି । ସେତେବେଳେ ଡାକ୍ତର ପୂଜାରୀ କଲିକତାରେ ରହୁଥିଲେ; କିନ୍ତୁ ବଙ୍ଗଦେଶରେ ୧୯୦୫ରୁ ଯେଉଁ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇ-ଥିଲା ଓ ଯାହା ୧୯୨୧ରେ ପୁନରୁଜ୍ଜୀବିତ ହୋଇଥିଲା ତାହା ଡାକ୍ତର ପୂଜାରୀଙ୍କୁ କଲିକତାର ଛାତ୍ରଜୀବନରୁ ଅନୁପ୍ରାଣିତ କରିଥିଲା । କେବଳ ସେତିକି ନୁହେଁ । ସ୍ୱଦେଶୀ ଆନ୍ଦୋଳନର ବହୁପୂର୍ବରୁ ତାଙ୍କର ଜ୍ୟେଷ୍ଠ-ଭ୍ରାତା ବୈକୁଣ୍ଠନାଥ ବଞ୍ଚିଥିବା ବେଳେ ବୈକୁଣ୍ଠନାଥ ସମ୍ବଲପୁରୀ ଲୁଗାର ବିଶେଷ ପକ୍ଷପାତୀ ଥିଲେ ଓ ନାଗପୁର ବା କଲିକତାର ଆଧୁନିକ ଫେସନ୍‌ର ବସ୍ତ୍ର ଆଦି ପସନ୍ଦ କରୁ ନ ଥିଲେ ବୋଲି 'Baikunth and his letters' ପୁସ୍ତକରେ ଉଲ୍ଲେଖ ଅଛି ।

ଡାଃ ପୂଜାରୀ ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ହୋଇଥିଲେ ସୁଦ୍ଧା ପାଶ୍ଚାତ୍ୟ ବେଶଭୂଷା ବ୍ୟବହାର କରୁ ନ ଥିଲେ । ସାମାନ୍ୟ ଧୋତି, ପଞ୍ଜାବୀ, ଚଦରରେ ତାଙ୍କର କଟି ଯାଇଛି ଅଜୀବନ । ଅବଶ୍ୟ ବିଦେଶ ଯାତ୍ରା ସମୟରେ ଛାତ୍ର ଜୀବନରେ ହୁଏ ତ ସେ ଇଂରେଜି ପୋଷାକ ପିନ୍ଧିଥିବେ ।

୧୯୪୬-୪୭ ସାଲରେ ହୀରାକୁଦ ବନ୍ଧବିରୋଧୀ ଆନ୍ଦୋଳନରେ ସେ ସକ୍ରିୟ ଅଂଶ ଗ୍ରହଣ କରି ତହିଁର ନେତୃତ୍ୱ ନେଇଥିଲେ । ରାଜନୀତି ସହିତ ପ୍ରତ୍ୟକ୍ଷ ସମ୍ପର୍କ ତାଙ୍କର କେବଳ ଏତିକି । ହୀରାକୁଦ ବନ୍ଧ-ବିରୋଧୀ ଆନ୍ଦୋଳନର ପ୍ରାସଙ୍ଗିକ ଆଲୋଚନା ନ କଲେ ତାଙ୍କର ଜୀବନୀ ଅସମ୍ପୂର୍ଣ୍ଣ ହେବ । ସେଥିପାଇଁ ସେ ଆନ୍ଦୋଳନ ସମ୍ପର୍କରେ କେତେ ଅତ୍ୟାବଶ୍ୟକୀୟ ଘଟଣା ଉଲ୍ଲେଖ କରାଯାଉଛି ।

୧୯୩୭ ସାଲରେ ଓଡ଼ିଶାରେ ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ପ୍ରଥମ ମନ୍ତ୍ରୀମଣ୍ଡଳ ଗଢ଼ା ହେଲା ପରେ ଓଡ଼ିଶାର ବନ୍ୟା ସମସ୍ୟାର ପ୍ରତିକାର ପାଇଁ ସାର୍ ବିଶ୍ୱେଶ୍ୱରାୟାଙ୍କୁ ପରାମର୍ଶଦାତାରୂପେ ଅଣାଗଲା । ସେ ମହାଶୟଙ୍କର ପରାମର୍ଶରେ ଗୋଟିଏ କମିଟି ଗଢ଼ାଗଲା ଓ ସେହି କମିଟି ଅନ୍ୟାନ୍ୟ ପ୍ରସ୍ତାବ ସହ ବନ୍ଧ ଯୋଜନାର ପରାମର୍ଶ ଦେଇଥିଲେ । ପରେ ଯୁଦ୍ଧ ଲାଗିଲା ଓ ୧୯୪୫ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଦେଖାଗଲା, ଭାରତ ବହୁଶତ କୋଟି ଟଙ୍କା ଯୁଦ୍ଧ ବାବଦ ପାଇବାର କଥା । ଏ ଟଙ୍କାର ବିନିଯୋଗ ପାଇଁ ସେତେବେଳେ ଆମେରିକାର ଟେନେସି ଉପତ୍ୟକା ଯୋଜନା ଅନୁକରଣରେ ଦାମୋଦର ଯୋଜନା କରାଗଲା ଓ ୧୯୪୫ ସାଲ ନଭେମ୍ବର ମାସରେ ପ୍ରଥମରେ ମହାନଦୀ ଉପତ୍ୟକା ଯୋଜନା ପରିକଳ୍ପନା ହୋଇ ୧୫ । ୩ । ୧୯୪୬ରେ ତଦାନୀନ୍ତନ ଗଭର୍ଣ୍ଣରଙ୍କଦ୍ୱାରା ହୀରାକୁଦ ବନ୍ଧର ପ୍ରଥମଖୁଣ୍ଟ ଦିଆଗଲା ।

ଠିକ୍ ଏହା ପରେ ଯେତେବେଳେ ଜଣାଗଲା ଯେ ଏହା ଫଳରେ ସମ୍ବଲପୁର ଜିଲ୍ଲାର ପ୍ରାୟ ୧୩୦ ବର୍ଗମାଇଲ ଉର୍ବର ଜମି ଜଳମଗ୍ନ ହେବ ଓ ୯୫ ଖଣ୍ଡ ଗାଁ ଦଖଲ ନିଆଯିବ, ସେତେବେଳେ ଗ୍ରାମବାସୀଙ୍କ ମନରେ ଏକ ଆତଙ୍କ ସୃଷ୍ଟିହେଲା । ଏହି ସମୟରେ ଓଡ଼ିଶା ବ୍ୟବସ୍ଥା ସଭାର ଏ ଜିଲ୍ଲାରୁ ପ୍ରତିନିଧିମାନେ ବନ୍ଧ ବିରୁଦ୍ଧରେ ପ୍ରତିବାଦ କଲେ ଓ ଜିଲ୍ଲା-ବୋର୍ଡ ମଧ୍ୟ ବନ୍ଧ-ବିରୋଧୀ ପ୍ରସ୍ତାବମାନ ପାସ୍ କଲେ । ୨୧।୨।୧୯୪୬ରେ ପ୍ରଥମ ଗଣସଭା ଏ ସମ୍ପର୍କରେ ଡକାଯାଇ ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ଡାକ୍ତର ମହତାବଙ୍କୁ ଏ ସଭାକୁ ଆମନ୍ତ୍ରଣ କରାଗଲା । ଏହି ସମୟରେ ଡାଃ ମହତାବ କହିଥିଲେ, "ଲୋକେ ଯଦି ବନ୍ଧ ଚାହାନ୍ତି ନାହିଁ, ଛଅ-ପଇସା ଲଫାଫାରେ ଲେଖି ଜଣାଇ ଦେଇଥିଲେ ହୋଇଥାନ୍ତା, ଏଥି-ପାଇଁ ଏତେ ବ୍ୟାପକ ଆନ୍ଦୋଳନ କାହିଁକି ?" ଏହା ପରେ ଆନ୍ଦୋଳନ ଅଧିକ ବ୍ୟାପକ ଆକାର ଧାରଣ କଲା ଓ ୧୯୪୬ ନଭେମ୍ବର ୧୧ ତାରିଖ ଦିନ ସମ୍ବଲପୁରକୁ ଓଡ଼ିଶାର ଲାଟ ଆସିଥିବା ସମୟରେ ସମ୍ବଲ-ପୁର ଜିଲ୍ଲାର ଦୁଇଲକ୍ଷ ଲୋକଙ୍କର ଏକ ଶୋଭାଯାତ୍ରା ଲାଟ ସାହେବଙ୍କୁ

ନିଜର ଆପତ୍ତି ଜଣାଇବା ପାଇଁ ଆସିଲେ ଓ ଏକ ବିରାଟ ସଭା ହେଲା । ଏହି ସମୟରେ ଦମନମୂଳକ ୧୪୪ ଧାରା ଜାରି ମଧ୍ୟ କରାଗଲା । ଲୋକଙ୍କର ଜମିବାଡ଼ି ଗୃହନିର୍ମାଣ ଆଦିଙ୍କ ସଙ୍ଗେ ଦମନ ବ୍ୟବସ୍ଥା ଚାଲିଥାଏ । ଏହି ସମୟରେ ସମ୍ବଲପୁରକୁ ମାନ୍ଦ୍ରାଜର ପୂର୍ବତନ ଚିଫ୍ ଇଞ୍ଜିନିୟର୍ ଓ ଓଡ଼ିଶା ବନ୍ୟା ତଦନ୍ତ କମିଟିର ଭୂତପୂର୍ବ ମୁଖ୍ୟ ଶ୍ରୀ ଏମ୍. ଭି. ରଙ୍ଗିଆଙ୍କୁ ନିମନ୍ତ୍ରଣ କରାଗଲା ଓ ସେ ମହାଶୟ ସମ୍ବଲପୁରକୁ ଆସି ସରକାରୀ ରିପୋର୍ଟ ଆଦି ଅଧ୍ୟୟନ କରି ହୀରାକୁଦ ବନ୍ଧ ଯୋଜନାର ବନ୍ୟା ପ୍ରତିରୋଧ କ୍ଷମତା, ବିଜୁଳି ଯୋଗାଣ, ଜଳସେଚନ ବିଷୟ ଓ ଆର୍ଥିକ ବ୍ୟବସ୍ଥାର ପ୍ରତିକୂଳ ମତ ଦେଇଥିଲେ ।

ହୀରାକୁଦ ବନ୍ଧ ପରିକଳ୍ପନା ଆରମ୍ଭର ଷୋହଳ ବର୍ଷ ବିତି ଯାଇଛି ଓ ହୀରାକୁଦ ବନ୍ଧ ତିଆରି ସରିବାର ପାଞ୍ଚବର୍ଷ ମଧ୍ୟରେ ଯେଉଁ ଦୁଇ ତିନିଟି ପ୍ରଳୟଙ୍କରୀ ବନ୍ୟା ହୋଇଯାଇଛି ସେଥିରେ ସମସ୍ତେ ଶ୍ରୀ ରଙ୍ଗିଆଙ୍କ ପୂର୍ବ ପରାମର୍ଶ ବିଷୟରେ ସ୍ମରଣ କରନ୍ତି ।

ଶ୍ରୀ ରଙ୍ଗିଆ ଆଦିଙ୍କର ପ୍ରତିକୂଳ ମତ ସତ୍ତ୍ୱେ ଯେତେବେଳେ ଓଡ଼ିଶା ସରକାର ଲୋକଙ୍କର ଆପତ୍ତି ବିଷୟରେ କର୍ଣ୍ଣପାତ କଲେ ନାହିଁ, ସେତେବେଳେ ୧୯୪୭ ମଇ ମାସରୁ ସମ୍ବଲପୁର ସହରର କଚେରୀରେ ବ୍ୟାପକ ପିକେଟିଂ କରି ସତ୍ୟାଗ୍ରହ କରିବାର ସ୍ଥିରହେଲା । ଏହି ସମୟରେ ସାରା ଜିଲ୍ଲାରେ ପ୍ରବଳ ଉତ୍ସାହ ଓ ଉନ୍ମାଦନା ଦେଖା ଯାଇଥିଲା ।

୧୯୪୭ ସାଲ୍ ମଇ ମାସ ୨୧ ତାରିଖ ସତ୍ୟାଗ୍ରହ ଆରମ୍ଭ କରିବାର ଦିନ । ଡାକ୍ତର ଜନାର୍ଦ୍ଦନ ପୂଜାରୀ ଓ ତାଙ୍କର ସହଧର୍ମିଣୀ ସତ୍ୟାଗ୍ରହୀମାନଙ୍କର ପ୍ରଥମ ଦଳରେ ନେତୃତ୍ୱ ନେଇ ଯାତ୍ରା ଆରମ୍ଭ କରିବାର କଥା । ସେଦିନ ସକାଳେ ସ୍ଥାନୀୟ ବ୍ରହ୍ମପୁରା ମନ୍ଦିରରୁ ଦେବଦର୍ଶନ କରି ପୂଜାରୀ ଦମ୍ପତି ଅନ୍ୟାନ୍ୟ ସତ୍ୟାଗ୍ରହୀମାନଙ୍କ ସହିତ

ଯେତେବେଳେ କଚେରୀ ଅଡକୁ ବାହାରିଲେ, ସେମାନଙ୍କୁ ସେହି ସମୟରେ ବିପୁଳ ସମ୍ବର୍ଦ୍ଧନା ସହରରେ ଦିଆଗଲା । ସତ୍ୟାଗ୍ରହୀମାନେ ଯେତେବେଳେ ସମ୍ବଲପୁର କଚେରୀରେ ପହଞ୍ଚି 'ହୀରାକୁଦ ବନ୍ଧ ବନ୍ଦ କର' ଆଦି ଧ୍ୱନି ଉଚ୍ଚାରଣ କଲେ, ସେତେବେଳେ ପୂଜାରୀ ଦମ୍ପତୀଙ୍କୁ ବନ୍ଦୀ କରାଗଲା ଓ ତହିଁ ପରଦିନ ମେଜିଷ୍ଟ୍ରେଟ୍ ଶ୍ରୀ ପି. ଆର. ଚନ୍ଦ୍ରଙ୍କ ଅଦାଲତରେ ବିଚାର ହୋଇ ପତିପତ୍ନୀଙ୍କୁ ଛଅମାସ ଜେଲଦଣ୍ଡ ହେଲା ।

ଡାକ୍ତର ପୂଜାରୀଙ୍କ ଗିରଫ ପରେ ଏ ଆନ୍ଦୋଳନକାରୀଙ୍କ ଉପରେ ଲାଠିମାଡ଼ ଓ ଅନ୍ୟାନ୍ୟ ଅତ୍ୟାଚାର ହୋଇଥିଲା । ମହିଳା ସତ୍ୟାଗ୍ରହୀଣୀ-ମାନଙ୍କୁ ମଟରରେ ନେଇ ଦୂର ସ୍ଥାନରେ ଛାଡ଼ି ଦିଆଯାଉଥିଲା । ଏ ଆନ୍ଦୋଳନ ସେ ସମୟରେ ସାରା ଓଡ଼ିଶାରେ ଓ ଓଡ଼ିଶା ବାହାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଡାକ୍ତର ପୂଜାରୀଙ୍କ ସହକର୍ମୀ ଅନେକ ନେତା ପରେ ଆନ୍ଦୋଳନରୁ ନିବୃତ୍ତ ରହିବାରୁ ଏଥିର ଉତ୍ସାହ ଅନେକ ପରିମାଣରେ କମିଗଲା ।

ଡାକ୍ତର ପୂଜାରୀଙ୍କର କାରାବାସ ତାଙ୍କର ଜୀବନର ଏକ ବ୍ୟସ୍ତତମ ଅଧ୍ୟାୟ । ସେ ମଇମାସ ୨୧ ତାରିଖରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗ କଲେ । ୧୯୪୭ ସାଲ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବାରୁ ସମ୍ବଲପୁର, କଟକ ଓ ବ୍ରହ୍ମପୁର ଜେଲ୍‌ରେ ବନ୍ଦୀ ଥିବା ସମସ୍ତ ହୀରାକୁଦ ସତ୍ୟାଗ୍ରହୀମାନଙ୍କୁ ଓଡ଼ିଶା ସରକାର ଖଲାସ କରିଦେଲେ । ଡାକ୍ତର ପୂଜାରୀଙ୍କର ସମ୍ବଲପୁର କାରାବାସ କାଳରେ ବହୁଲୋକ ତାଙ୍କର ଦର୍ଶନପ୍ରାର୍ଥୀ ହେଉଥିବାରୁ ପ୍ରାୟ ମାସକ ପରେ ପୂଜାରୀ ଦମ୍ପତୀଙ୍କୁ କଟକ ବଦଳି କରିଦିଆଗଲା ।

ଜେଲ୍‌ରେ ଅବସ୍ଥାନ କାଳରେ ଡାକ୍ତର ପୂଜାରୀ ରୋଗୀ ଚିକିତ୍ସା ଦାୟିତ୍ୱରୁ ଅବ୍ୟାହତି ପାଇଲେ । ଏହି ସମୟରେ ସେ ଧର୍ମଚର୍ଚ୍ଚା ଓ

ସାହିତ୍ୟଚର୍ଚ୍ଚା ଲାଗି ପୂର୍ଣ୍ଣ ସମୟ ପାଇଥିଲେ ଓ ଏହି ସମୟ ମଧ୍ୟ ସେ ଅନେକ ପୁସ୍ତକ ଲେଖିଥିଲେ । ପଣ୍ଡିତ ନେହେରୁ ଯେପରି ତାଙ୍କର କାରାଜୀବନରେ ସର୍ବୋତ୍କୃଷ୍ଟ ଗ୍ରନ୍ଥମାନ ଲେଖିଛନ୍ତି, ସେହିପରି ଡାକ୍ତର ପୂଜାରୀ ମଧ୍ୟ ଏହି ଅଳ୍ପ କାଳ ମଧ୍ୟରେ ଯେତିକି ସାହିତ୍ୟ ସୃଷ୍ଟି କରିଛନ୍ତି ତାହା ବାସ୍ତବିକ ବିସ୍ମୟଜନକ ।

ସମ୍ବଲପୁର ଜେଲ୍‌ରେ ଅବସ୍ଥାନ ସମୟରେ ସେ 'ସ୍ୱାଧୀନତାର ସାଧକ' ନାମକ ରାଣୀ ପ୍ରତାପସିଂହଙ୍କର ଜୀବନୀରେ ପ୍ରତିଷ୍ଠିତ ଏକ ଐତିହାସିକ ଉପନ୍ୟାସ ପ୍ରଣୟନ କରିଥିଲେ । କଟକ କାରାଗୃହରେ ଅବସ୍ଥାନ ସମୟରେ ସେ 'ଗୁରୁବାଣୀ ବା ସାଧନା ଵିଜ୍ଞାନ' ଓ ଶ୍ରୀମଦ୍ଭଗବଦ୍‌ଗୀତାର ଏକ ଭାଷ୍ୟ 'ଗୀତାର୍ଥ ଦୀପିକା' ନାମରେ ପ୍ରଣୟନ କରିଥିଲେ । ଡାକ୍ତର ପୂଜାରୀଙ୍କର ଅନ୍ୟାନ୍ୟ ବହୁପୁସ୍ତକ ସହିତ ଏହି ପୁସ୍ତକମାନ ମଧ୍ୟ ଏ ପର୍ଯ୍ୟନ୍ତ ଅମୁଦ୍ରିତ ଓ ଅପ୍ରକାଶିତ ରହିଛି । ଡାକ୍ତର ପୂଜାରୀଙ୍କର ପ୍ରକାଶିତ ଓ ଅପ୍ରକାଶିତ ବହୁ ଉପନ୍ୟାସ, କ୍ଷୁଦ୍ର-ଗଳ୍ପ, ନାଟକ, ଧର୍ମଗ୍ରନ୍ଥ ଓ କବିତା ଓ ଓଡ଼ିଆ ସାହିତ୍ୟକୁ ତାହାଙ୍କର ଅବଦାନ ବିଷୟରେ ପରବର୍ତ୍ତୀ ଏକ ଅଧ୍ୟାୟରେ ଆଲୋଚନା କରାଯିବ ।

ହୀରାକୁଦ ବନ୍ଧବିରୋଧୀ ଆନ୍ଦୋଳନ ପରେ ପନ୍ଦର ବର୍ଷ ଗଡ଼ି ଯାଇଛି । ଏ ଆନ୍ଦୋଳନକୁ ଭୁଲ୍ ବୋଲି ଅନେକେ କହି ପାରନ୍ତି । ଆଧୁନିକ ଭାରତରେ ବହୁ ବହୁମୁଖୀ ନଦୀ ଉପତ୍ୟକା ଯୋଜନା ଆରମ୍ଭ କରାଯାଉଥିବା ପରିସ୍ଥିତିରେ ଯେ କୌଣସି ନଦୀ ଉପତ୍ୟକା ଯୋଜନା ବିରୁଦ୍ଧରେ ପାଟି ଫିଟାଇବା ଅଜ୍ଞତାର ଲକ୍ଷଣ ବୋଲି ଧରା ଯାଉଛି; କିନ୍ତୁ ଯେଉଁ ଆଶଙ୍କାକୁ ମୂଳ କରି ସେ ସମୟରେ ଆନ୍ଦୋଳନ ଆରମ୍ଭ କରାଯାଇଥିଲା, ଦୁର୍ଭାଗ୍ୟର ବିଷୟ ଆଜି ସେହି ଆଶଙ୍କା ନିଷ୍ଠୁର ସତ୍ୟରେ ପରିଣତ ହୋଇଛି ।

ସେ ସମୟରେ ଲୋକଙ୍କର ପ୍ରଧାନ ଆଶଙ୍କା ଥିଲା । ଲୋକଙ୍କୁ ଅତିଅଳ୍ପ କ୍ଷତିପୂରଣ ଦେଇ ଅନ୍ୟ ସ୍ଥାନରେ ଜମି ନ ଦେଇ ସେମାନଙ୍କୁ

ଛାଡ଼ି ଦିଆଯିବ । ଅନ୍ତ ହୋଇଛି କ’ଣ ? ଗାଁଗଣ୍ଡା ବୁଡ଼ି ଯିବାର ବହୁ ବର୍ଷ ପରେ ସୁଦ୍ଧା ଲୋକେ ତାଙ୍କର ନ୍ୟାଯ୍ୟ ପାଉଣା ନ ପାଇ ଶୋକ ଉପାସରେ ରହୁଛନ୍ତି । ମଲମୁଣ୍ଡିଆଙ୍କ ଜମି ପାଇଁ ଏକରକୁ ଅଠରଟଙ୍କା କ୍ଷତିପୂରଣ ଦେଇ ଘରଦ୍ୱାର ଛାଡ଼ି ଯିବାକୁ ବାଧ୍ୟ କରା ଯାଇଛି । ପୋଲିସଧମକ ଦେଇ ଲୋକଙ୍କୁ ଘରୁ ତଡ଼ା ଯାଇଛି । ପ୍ରଚଣ୍ଡ ଖରାରେ ଟ୍ରକ୍‌ରେ ଲୋକଙ୍କୁ ଘରୁ ନେଇ ଗଛତଳେ ଛାଡ଼ି ଦିଆ ଯାଇଛି । ବହୁପରିବାର ଭିକାରୀ ହୋଇଛନ୍ତି । ଏବେ ଗତ ୧୯୬୯ ଜୁନ୍ ମାସରେ ଓଡ଼ିଶାର ନେତା ଶ୍ରୀ ବିଜୁ ପଟ୍ଟନାୟକ ଲୋକଙ୍କୁ ରଏତି ଜମିର କ୍ଷତିପୂରଣ ଅଧିକ ବାବଦରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଭୋଟ୍‌ର ଠିକ୍ ପରେ ତାହା ଭୁଲି ଯାଇଛନ୍ତି । ଏ ସମସ୍ୟାର ଶେଷ ସମାଧାନ କାହିଁ ?

ହୀରାକୁଦ ବନ୍ଧଦ୍ୱାରା ମହାନଦୀର ବନ୍ୟା ସମସ୍ୟାର ଚିରସ୍ଥାୟୀ ସମାଧାନ ଆଶା କରାଯାଉଥିଲା; କିନ୍ତୁ ବନ୍ଧ ତିଆରି ଶେଷ ହେବାର ପାଞ୍ଚବର୍ଷ ମଧ୍ୟରେ ତିନିବର୍ଷ ବନ୍ୟା ହେଲାଣି ଓ ୧୯୬୧ ସାଲରେ ଏହା ଅତି ଗୁରୁତର ହୋଇଥିଲା । ଏ ସମ୍ପର୍କରେ ପୂର୍ବରୁ ଶ୍ରୀ ରଙ୍ଗିଆ ଯାହା ମତ ଦେଇଥିଲେ ସେହି ମତକୁ ଆଜି ହୀରାକୁଦ ବନ୍ଧର ଅବସର-ପ୍ରାପ୍ତ ଚିଫ୍‌ଇଞ୍ଜିନିୟର ଶ୍ରୀ ଛତ୍ରୁମଲ୍ ଅଯୁଙ୍ଗାର ସମର୍ଥନ କରିଛନ୍ତି । ଓଡ଼ିଶା ବନ୍ୟା ନିୟନ୍ତ୍ରଣ ସମ୍ମିଳନୀରେ ସେ କହିଲେ “ହୀରାକୁଦ ଜଳ ଭଣ୍ଡାର ଫଳରେ ବନ୍ୟାର ପ୍ରକୋପ କମି ଯାଇଥିଲେ ସୁଦ୍ଧା ବନ୍ୟାଜଳ ବେଶୀଦିନ ରହୁଛି ।” “ଆମ୍ଭେମାନେ ବର୍ତ୍ତମାନ ପ୍ରତିକାର ଯାହା କରିବା, ତାହା କିଛିଦିନ ସକାଶେ ବନ୍ୟା ହାତରୁ ଆମ୍ଭମାନଙ୍କୁ ରକ୍ଷା କରିବ; କିନ୍ତୁ ଏହା ଏକ ଚିରସ୍ଥାୟୀ ସମାଧାନ ହେବ ନାହିଁ । ଅମ୍ଭେମାନେ ପ୍ରକୃତି-ବିରୁଦ୍ଧରେ ଲଢ଼ୁଥାଇଁ ।” ଇତ୍ୟାଦି । ଜଳ-ସେଚନରୁ ଯେଉଁ ଲାଭ ଆଶା କରାଯାଉଥିଲା ବୁଡ଼ି ଅଞ୍ଚଳର ଫସଲ-ହାନି ତୁଳନାରେ ତାହା ଏ ପର୍ଯ୍ୟନ୍ତ କ୍ଷତିପୂରକ ହୋଇ ପାରି ନାହିଁ ।

ଯାଉ୍ ଏ କଥା ! ଏ ଜୀବନୀ ସମ୍ପର୍କରେ କିନ୍ତୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି—ଡାକ୍ତର ପୂଜାରୀଙ୍କର ଏ ଆନ୍ଦୋଳନରେ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନ ଥିଲା । ସ୍ୱାଗଲୁଦ ଅଞ୍ଚଳରେ ତାଙ୍କର ଜମିବାଡ଼ି ବା ଘରଦ୍ୱାର ନ ଥିଲା । ଖ୍ୟାତିଲାଭ କରିବା ଆଶାରେ ସେ ଏହି ଆନ୍ଦୋଳନରେ ଯୋଗ ଦେଇ ନ ଥିଲେ । ଅବଶ୍ୟ ଏହା ପରେ ଯଦି ସେ କୌଣସି ସମୟରେ ଓଡ଼ିଶା ବିଧାନସଭାକୁ ବା ଲୋକସଭାକୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହିଁଥାନ୍ତେ, ତେବେ ସେ ଅନାୟାସରେ ନିର୍ବାଚିତ ହୋଇପାରି ଥାଆନ୍ତେ । ମାତ୍ର ପୂର୍ବରୁ କୁହାଯାଇଛି ସେ ଖ୍ୟାତିରୁ ବହୁଦୂରରେ ରହିବାକୁ ଚାହୁଁ ଥିଲେ ।

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବାରୁ ସ୍ୱାଗଲୁଦ ଆନ୍ଦୋଳନର ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରିଦିଆଗଲା । ସପତ୍ନୀକ ଡାକ୍ତର ପୂଜାରୀ କଟକ ଜେଲ୍‌ରୁ ମୁକ୍ତ ହେଲେ । ସେ ସମ୍ବଲପୁରରେ ପହଞ୍ଚିଲା ବେଳେ ତାଙ୍କୁ ଅଭୂତପୂର୍ବ ସମ୍ବର୍ଦ୍ଧନା ଦିଆ-ଗଲା । ବିରାଟ ଶୋଭାଯାତ୍ରାରେ ତାଙ୍କୁ ସମ୍ବଲପୁର ସହର ଉପକଣ୍ଠରୁ ତାଙ୍କର ଘର ପର୍ଯ୍ୟନ୍ତ ଅସଂଖ୍ୟ ନରନାରୀ ପାଛୋଟି ନେଇଥିଲେ ଓ ତହିଁର ଦିନେ ଦୁଇଦିନ ପରେ ଟାଉନ୍‌ହଲ୍‌ରେ ତାଙ୍କୁ ସମ୍ବର୍ଦ୍ଧନା କରାଯାଇ ପାଞ୍ଚହଜାର ଟଙ୍କାର ଏକ ଥଳି ଉପହାର ଦିଆଗଲା ଓ ସେ ତାହା ସର୍ବସାଧାରଣ କାର୍ଯ୍ୟରେ ବିନିଯୋଗ କରିବାପାଇଁ ଦେଇଥିଲେ ।

ସାଧାରଣ ସଭା ସମିତିରେ ସେ ଯୋଗ ଦେଉ ନ ଥିଲେ । ତାଙ୍କର ନିଜ ଭାଷାରେ ନିମ୍ନ କେତେ ପଙ୍‌କ୍ତି ଉଦ୍ଧାର କରାଗଲା—

"ସାଧାରଣ କୌଣସି ସଭା, ସମିତି, ସମ୍ମିଳନ, ଆନ୍ଦୋଳନ ବା ପ୍ରତିଷ୍ଠାନରେ ସଭ୍ୟ ଭାବରେ ମଧ୍ୟ ଯୋଗ ଦେବା ଅଥବା ବକ୍ତୃତା ଭାଷଣାଦି ଦେଇ ଜନସମୂହକୁ କରତାଳି ଆକର୍ଷଣ କରିବା ମୋର

ସ୍ୱଭାବବତ୍ସଳ । ତାହା ଛଡ଼ା ସାଧାରଣ ଦରିଦ୍ର ରୋଗୀ ଅତୁରଙ୍କୁ ନେଇ ଯଥାଶକ୍ତି ସଦା ବ୍ୟସ୍ତ, ତଥା ଯେଉଁ ଟିକକ ଅବସର ମିଳେ, ଯେଉଁ ଅଜ୍ଞାତ ରାଜ୍ୟକୁ ସମସ୍ତଙ୍କୁ ଦିନେ ଅବଶ୍ୟ ଯିବାକୁ ହେବ, ଅତୁର ହୋଇ ଏହି ଶେଷ ବୟସରେ ତା'ର କିଛି ଅଭିଜ୍ଞାନ ଓ ପାଥେୟ ସନ୍ଧାନରେ ବ୍ରତ ।"

ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ଡାକ୍ତର ମାୟାଧର ମାନସିଂହ ଅଧ୍ୟକ୍ଷ ଥିଲାବେଳେ ବର୍ଷେ କଲେଜର କୃଷ୍ଟିସପ୍ତାହ ପାଳନ ଉପଲକ୍ଷ୍ୟେ ବିଭିନ୍ନ ଧର୍ମ ସମ୍ବନ୍ଧରେ ବିଶିଷ୍ଟ ବକ୍ତାମାନଙ୍କୁ କଲେଜକୁ ନିମନ୍ତ୍ରଣ କରିଥିଲେ । ଏହି ବର୍ଷ ବୌଦ୍ଧଧର୍ମରେ ଦୀକ୍ଷିତ ଇଂରେଜ ପଣ୍ଡିତ ଭିକ୍ଷୁସଙ୍ଘରକ୍ଷିତ ଓ ରାମକୃଷ୍ଣ ମିଶନ୍‌ର ଜଣେ ସନ୍ନ୍ୟାସୀ ଆସିଥିଲେ । ସେହି ଉପଲକ୍ଷ୍ୟେ ଡାଃ ମାନସିଂହ, ଓ ଅଧ୍ୟାପକ ଡାଃ ଦାଶରଥି ମିଶ୍ର ଡାଃ ଜନାର୍ଦ୍ଦନ ପୂଜାରୀଙ୍କୁ ଏହି କୃଷ୍ଟିସପ୍ତାହରେ କଲେଜରେ ଭାଷଣ ଦେବପାଇଁ ଅନୁରୋଧ କରିବାକୁ ଡାଃ ପୂଜାରୀଙ୍କ ଘରକୁ ଯାଇଥିଲେ । ଡାଃ ପୂଜାରୀ ଅତି ବିନୟର ସହିତ ଏ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରି କହିଥିଲେ, "ମୁଁ କୃଷ୍ଟି ବା ଧର୍ମ ବିଷୟରେ କ'ଣ ଜାଣେ ଯେ କଲେଜ୍‌ରେ ଯାଇ ବକ୍ତୃତା ଦେବ । ତାଙ୍କର ଏପରି ବିନୟ ଯୋଗୁଁ ତାଙ୍କର ବିଦ୍ୱତ୍ତା ବିଷୟରେ ଓ ତାଙ୍କର ଚିକିତ୍ସା ଓ ଧର୍ମପ୍ରବଣତା ଛଡ଼ା ତାଙ୍କର ବହୁମୁଖୀ ପ୍ରତିଭାର ଅନ୍ୟାନ୍ୟ ଦିଗ ବିଷୟରେ ଜନସାଧାରଣ ସମ୍ପୂର୍ଣ୍ଣ ଅଜ୍ଞ ଓ ତାହା ସବୁଦିନପାଇଁ ଅଜ୍ଞାତ ରହିବ ।

# ଡାକ୍ତର ପଜାରୀଙ୍କ ସାହିତ୍ୟସେବା

ଗତ ଦଶ ପନ୍ଦର ବର୍ଷ ମଧ୍ୟରେ ଯେ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ସମ୍ପର୍କରେ ଆସିଛି, ସେ କେବେ କଳ୍ପନା କରି ପାରିବ ନାହିଁ ଯେ ଡାକ୍ତର ପୂଜାରୀଙ୍କର ଓଡ଼ିଆ ସାହିତ୍ୟ ସଙ୍ଗେ କେବେ କୌଣସି ସମ୍ପର୍କ ଥିଲା । ଗତ ତ୍ରିଂଶ ବର୍ଷ ବା ତହିଁରୁ ଅଧିକ କାଳ ଯେଉଁମାନେ ତାଙ୍କୁ ଜାଣନ୍ତି ଓ ବହୁବର୍ଷ ପୂର୍ବେ ସମ୍ବଲପୁର ସହରରୁ ପ୍ରକାଶିତ 'ହୀରାଖଣ୍ଡ' ଓ 'ନବଯୁଗ' ଯେଉଁମାନେ ପଢ଼ିଛନ୍ତି, ସେମାନେ କହିବେ, "ହଁ, ଡାକ୍ତର ପୂଜାରୀ କେବେ କିମିତି ଲେଖୁଥିଲେ, ତାଙ୍କର ଲେଖା-ଗୁଡ଼ିକ ମନ୍ଦ ନୁହେଁ ।" କିନ୍ତୁ ତାଙ୍କର ପ୍ରକାଶିତ ଲେଖା ସଙ୍ଗରେ ଏପର୍ଯ୍ୟନ୍ତ ଅପ୍ରକାଶିତ ବହୁ ନାଟକ, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, କବିତା, ଧର୍ମନିବନ୍ଧ ଆଦି ଆଲୋଚନା କଲେ ଜଣାଯିବ ଯେ ସେ ଆଧୁନିକ ସାହିତ୍ୟରଥୀମାନଙ୍କ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ସେ ସାହିତ୍ୟ କ୍ଷେତ୍ରରେ ଅପରିଚିତ ରହିବାର ମୁଖ୍ୟ ଓ ଏକମାତ୍ର କାରଣ ସେ ନିଜର ରଚନାବଳୀକୁ ଲୋକଲୋଚନ ଗୋଚରକୁ ଆଣିବାକୁ କେବେ ଚେଷ୍ଟା କରି ନାହାନ୍ତି । କେବଳ ୧୯୧୯-୨୦ ସାଲରେ ପ୍ରକାଶିତ ହେଉଥିବା ମାସିକ ପତ୍ର 'ହୀରାଖଣ୍ଡ' ସମ୍ପାଦକଙ୍କ ଅନୁରୋଧକ୍ରମେ ଯେଉଁ କେତେ କ୍ଷୁଦ୍ର ଗଳ୍ପ ଓ କବିତା ଛପାଇବାପାଇଁ ଦେଇଥିଲେ ଓ ପରେ ସେହି ସମ୍ପାଦକଙ୍କଯୁ ଅନୁରୋଧ ଯୋଗୁଁ ସମ୍ବଲପୁର ସହରରୁ ୧୯୨୮-୨୯ ସାଲରେ ପ୍ରକାଶିତ 'ନବଯୁଗ'ରେ କେତେ ଲେଖା ଦେଇଥିଲେ । ଏହା ପୂର୍ବରୁ ସେ ପ୍ରଥମ ଯୌବନରେ 'ସୁନାବୋହୂ' ବୋଲି ଗୋଟିଏ ଉପନ୍ୟାସ ଓ 'ମୁକ୍ତିଭିକ୍ଷା' ବୋଲି ଗୋଟିଏ ଗୀ

ପ୍ରବନ୍ଧ ପୁସ୍ତକାକାରରେ ପ୍ରକାଶିତ କରିଥିଲେ । ଓଡ଼ିଆ ସାହିତ୍ୟ ତାଙ୍କର କୃତିତ୍ୱର କେବଳ ଏତିକି ମାତ୍ର ପରିଚୟ ପାଇଥିଲା । ସେ ପରିଚୟ ଏବେ ବିସ୍ମୃତିରେ ପର୍ଯ୍ୟବସିତ ହୋଇଛି । ତାଙ୍କର ଅପ୍ରକାଶିତ ସାହିତ୍ୟ ସଂକଳିତ ହେଲେ ଏକ ଗ୍ରନ୍ଥାବଳୀ ହେବ । ତାଙ୍କର ଅପ୍ରକାଶିତ ସାହିତ୍ୟ ମଧ୍ୟରୁ କେତେକ ହଜି ଗଲାଣି । ଓଡ଼ିଆ ସାହିତ୍ୟରେ ତାଙ୍କର ପ୍ରକାଶିତ ଓ ଅପ୍ରକାଶିତ ରଚନାର ସ୍ଥାନ ବିଷୟରେ ଏ ଗବେଷଣାରେ ଆଲୋଚନା ଦରକାର ।

କବିବର ରାଧାନାଥ କବିବର ଗଙ୍ଗାଧର ମେହେରଙ୍କୁ ଲେଖିଥିବା ଗୋଟିଏ ଚିଠିରେ ସାହିତ୍ୟ ସୃଷ୍ଟିଜନିତ ଖ୍ୟାତିକୁ ରାଜସିକ ପ୍ରବୃତ୍ତି ବୋଲି ବର୍ଣ୍ଣନା କରିଛନ୍ତି । ଏହି କାରଣରୁ ବୋଧହୁଏ ଡାକ୍ତର ପୂଜାରୀ ନିଜର ସାହିତ୍ୟିକତାର ପରିଚୟ ଦେବାକୁ କୁଣ୍ଠିତ ଥିଲେ ।

ପ୍ରଥମ ଯୌବନରେ ଡାକ୍ତର ପୂଜାରୀ 'ସୁନା ବୋହୂ' ବୋଲି ଗୋଟିଏ ଗାର୍ହସ୍ଥ୍ୟ ଉପନ୍ୟାସ ଲେଖିଲେ । ସେଥିରେ ନାରୀ ଦୁହିତା ଓ ବଧୂ ରୂପରେ କିପରି ଆଦର୍ଶସ୍ଥାନୀୟା ହେବା ଉଚିତ ସେହି ବିଷୟରେ ଏକ ସୁନ୍ଦର ଚିତ୍ର ଦିଆଯାଇଛି । ଉପନ୍ୟାସଟି ବିଂଶ ଶତାବ୍ଦୀର ତୃତୀୟ ଦଶକରେ ପ୍ରକାଶିତ ହେଲା । ସେ ସମୟରେ ଓଡ଼ିଆ ସାହିତ୍ୟପାଠରେ ରୁଚି ଅତି ସୀମିତ ଥିଲା । ଯେଉଁ ସମୟରେ କବିବର ମେହେରଙ୍କର 'ଉତ୍କଳ ଲକ୍ଷ୍ମୀ' 'କୀଚକ ବଧ' 'ଇନ୍ଦୁମତୀ' ଇତ୍ୟାଦି କାବ୍ୟର ପ୍ରଥମ ସଂସ୍କରଣ ଶେଷ ହେବାକୁ କୋଡ଼ିଏ ବର୍ଷରୁ ଅଧିକ ଲାଗିଥିଲା, ସେହି ସମୟରେ ଜଣେ ତରୁଣ ଆଦର୍ଶବାଦୀ ଔପନ୍ୟାସିକଙ୍କ ଲେଖାକୁ କିଏ ପଚାରେ ? ସେତିକିରେ ହିଁ ଡାକ୍ତର ପଜାରୀଙ୍କ ପୁସ୍ତକ ପ୍ରକାଶେଚ୍ଛା ଦବିଗଲା ବୋଧହୁଏ । ଏହି ଉପନ୍ୟାସକୁ ମଧ୍ୟପ୍ରଦେଶର କବି ଓ ଡାକ୍ତର ପୂଜାରୀଙ୍କ ଜ୍ୟେଷ୍ଠଭ୍ରାତା ଶ୍ରୀ ପ୍ରସନ୍ନକୁମାର ପୂଜାରୀଙ୍କ ସହପାଠୀ ଶ୍ରୀ ଲୋଚନପ୍ରସାଦ ପାଣ୍ଡେ ହିନ୍ଦୀରେ ଅନୁବାଦ କରିଥିଲେ ଓ ତହିଁର ଦଶାଧିକ ସଂସ୍କରଣ ବିକ୍ରୀ ହୋଇ ପାରିଲା ।

ବ୍ରହ୍ମପୁର ମୁକ୍ତି ଭିକ୍ଷା ପାର୍ଟି ତରଫରୁ ଡାକ୍ତରପ୍ରକାଶଙ୍କ 'ମୁକ୍ତି ଭିକ୍ଷା' ନାମକ ପ୍ରବନ୍ଧ ପୁସ୍ତିକାକାରରେ ପ୍ରକାଶିତ ହୋଇଥିଲା । ଏହା ମଧ୍ୟ ତାଙ୍କର ଛାତ୍ର-ଜୀବନର ଲେଖା ।

୧୯୧୯ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସମ୍ବଲପୁର ସହରରୁ ସାହିତ୍ୟିକ ମାସିକ ପତ୍ର 'ସ୍ୱସ୍ଖଣ୍ଡ' ପ୍ରକାଶିତ ହୁଏ, ସେତେବେଳେ ଡାକ୍ତର ପ୍ରକାଶ 'ଶ୍ରୀ—ପ୍ରକାଶ' ଓ 'ଶ୍ରୀ—ଶଅଲୀ' ନାମରେ ଅନେକ କ୍ଷୁଦ୍ର ଗଳ୍ପ, କବିତା ଓ ପ୍ରବନ୍ଧ ତହିଁରେ ପ୍ରକାଶିତ କଲେ । ସେ ସମୟରେ ତାଙ୍କର ବୟସ ଥିଲା ଛବିଶ ବର୍ଷ । ତାଙ୍କର ସେ ସମୟର ଲେଖାରୁ ତାଙ୍କର ଆଦର୍ଶବାଦ ଓ ଦାର୍ଶନିକତାର ପରିଚୟ ପାଇଁ । 'ସ୍ୱସ୍ଖଣ୍ଡ'ର ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ 'ଆତ୍ମସମର୍ପଣ' ଶୀର୍ଷକ କବିତାର ଆଦ୍ୟ ଓ ଶେଷ ପଦ ଏଠାରେ ତାଙ୍କର ଆଧ୍ୟାତ୍ମିକ ଚିନ୍ତାର ଆଦ୍ୟ ପରିଚୟସ୍ୱରୂପେ ଉଦ୍ଧାର କରାଗଲା ।

"କି ଦେଇ ପୂଜିବି ତବ ଚରଣ-କମଳ
ଦଳାଜନି ଅବିରଳ
ତୋଳି ମୃଦୁ କଲକଲ
ଜିହ୍ୱୋପ୍ଳା ଯେଉଁ ପଦ ସେବେ ତାଳ ମର୍ମଜଳ
କୁସୁମ ଅଞ୍ଜଳି ନେଇ
ବିହଙ୍ଗ ସଙ୍ଗୀତ ଗାଇ
ମୋହିନୀ ପ୍ରକୃତି ରାଣୀ ଧିଆନେ ବହଳ
କି ଦେବି କି ଅଛି ନାଥ ଅଭାଗାସମ୍ବଳ ?
× × ×
କି ଦେଇପୂଜିବି ତବ ଚରଣ କମଳ
ଗଳିଲ ନୟନ ଧାର
ମର୍ମଭେଦୀ-ହାହାକାର
ଯା ଦେଇଛ ସେୟା ନାଥ ଅଭାଗା ସମ୍ବଳ ।

କିଅ ଜନ୍ମାର୍ଜିତ ପାପ
କିଅ ପାପାର୍ଜିତ ତାପ,
କିଅ ପାପ ପୁଣ୍ୟ ବୃତ୍ତି, କର୍ମ କର୍ମଫଳ ।
କି ଦେବ କି ଅଛି ଆଉ ଅଭାଗା ସମ୍ବଳ ?”

ତା’ ପରେ ଗୋଟିଏ ଛୋଟ କବିତା । “ଅନିତ୍ୟ”

“ଚିରଦିନ ନ ରହେ ସୌରଭ
ଚିରଦିନ ନ ରହେ ମୁକୁଳ
ରହେ ନାହିଁ ଯୌବନ-ବିଭବ
ଚିରଦିନ ଫୁଟେ ନାହିଁ ଫୁଲ
ପୂର୍ଣ୍ଣିମାର ଅବସାନେ ଆସେ ଅନ୍ଧକାର
ଅସକ୍ତର ପରିଣାମେ ହୃଦୟେ ବିକାର ।”

ତାଙ୍କର ‘ନାଗୀ ଭଉଣୀ’ କବିତା ଏକ ସମୟରେ ସମ୍ବଲପୁରରେ ଘରେ ଘରେ ଗୀତ ହେଉଥିଲା ।

ଡାକ୍ତର ପୃଙ୍କାଶ୍ରି ନିଜେ ଅଭିନେତା ଥିବାରୁ ଓ ତାଙ୍କର ଯୌବନ କାଳରେ ଭଲ ଓଡ଼ିଆ ନାଟକ ନ ଥିବାରୁ ସେ ଅଭିନୟ ପାଇଁ ଅନେକ ବଙ୍ଗଳା ନାଟକ ଓଡ଼ିଆରେ ଅନୁବାଦ କରିଥିଲେ । ଏବେ ଅବଶ୍ୟ ସେଥିରୁ ଗୋଟିକର ସୁଦ୍ଧା ଚିହ୍ନବର୍ଣ୍ଣ ନାହିଁ ।

‘ଅଦର୍ଶ ବ୍ରାହ୍ମଣ’ ଡାକ୍ତର ପୃଙ୍କାଶ୍ରିଙ୍କର ଏକ ମୌଳିକ ରଚନା । ଏହା ଏକ ଅପ୍ରକାଶିତ ପୌରାଣିକ ନାଟକ । ମହର୍ଷି ଗୌତମ ଓ ଅହଲ୍ୟାଙ୍କର ଜୀବନ ନେଇ ଏକ ସୁନ୍ଦର ଅଦର୍ଶପ୍ରଧାନ ନାଟକ ଓଜୋଗୁଣ-ପ୍ରଧାନ ଶୈଳୀରେ ଅମିତ୍ରାକ୍ଷର ଛନ୍ଦରେ ଲେଖା । ଗୌତମ, ଅହଲ୍ୟା ଓ ଶତାନନ୍ଦଙ୍କର ଚରିତ୍ର ଚିତ୍ରଣ ଏତେ ହୃଦୟସ୍ପର୍ଶୀ ହୋଇଛି ଯେ ଏହା ପାଠ କଲେ ଅଶ୍ରୁସମ୍ବରଣ କରିବା କଠିନ ହୁଏ । ବିଶ୍ୱାମିତ୍ର ଓ ଇନ୍ଦ୍ରଙ୍କର ଚରିତ୍ର ଗୌତମଙ୍କର ବିପରୀତରୂପେ ସଫଳ ଭାବରେ ଚିତ୍ର କରାଯାଇଛି ।

ଗୌତମଙ୍କର କଠୋର ତପସ୍ୟାରେ ନିଜ ଆସନରୁ ଚ୍ୟୁତ ହେବା ଭୟରେ ଇନ୍ଦ୍ର ଗୌତମପତ୍ନୀ ଅହଲ୍ୟାଙ୍କର ସତୀତ୍ୱ ହରଣ କରି ଅଭିଶପ୍ତ ହୋଇଥିଲେ ଓ ଅଭିଶପ୍ତା ଅହଲ୍ୟା ରାମଚନ୍ଦ୍ରଙ୍କର ପଦସ୍ପର୍ଶରେ ପାଷାଣତ୍ୱରୁ ମୁକ୍ତି ଲଭିଥିଲେ । ଏହା ହିଁ ନାଟକର ବିଷୟବସ୍ତୁ ।

ନାଟକର ଶେଷ ନାଟ୍ୟକାର ଏହି ପୌରାଣିକ କଥାର ଏକ ଆଧ୍ୟାତ୍ମିକ ବ୍ୟାଖ୍ୟାନ ମର୍ମସ୍ପର୍ଶୀ ଭାଷାରେ ଗୌତମଙ୍କ ଭାଷାରେ କରାଇଛନ୍ତି ନିମ୍ନପ୍ରକାରେ—

"ମାନବର ଜୀବାତ୍ମା ଗୌତମ
ମନ ତା'ର ଅହଲ୍ୟା-ପ୍ରେୟସୀ
ଜୀବ ଯେବେ ସାଧନାର ପଥେ
ହୁଏ କିଛି ଅଗ୍ରସର
ବିଶ୍ୱାମିତ୍ରରୂପୀ ଅହଙ୍କାର ଆସି
ଗୃହେଁ ପଶିଷିବାକୁ ମନରୂପୀ ଅହଲ୍ୟାକୁ ତା'ର;
ସାଧନାର ଗୌରବେ ଗର୍ବିତ ମନ
ପଡେ ଇନ୍ଦ୍ରରୂପୀ ଇନ୍ଦ୍ରିୟର ଛଳେ; ।
× × × ×
ତା'ର ପରେ ଏକାନ୍ତ ଉଦ୍ୟମେ
ନିରୋଧ କରି ଚିତ୍ତବୃତ୍ତି
କରେ ପାଷାଣରେ ପରିଣତ
ମନରୂପୀ ଅହଲ୍ୟାକୁ ।
× × × ×
ତା'ପରେ ସମାଧି ଶେଷରେ
ଗୃହେଁ ଯେବେ ଜୀବ ଆଖି ମେଲି
ଦେଖେ ସେହି ଅହଂଜ୍ଞାନ
ଅହଲ୍ୟାକୁ କରିଛି ଉଦ୍ଧାର
ପରମାତ୍ମା ଚରଣ ପରଶେ
ନିର୍ମଳ ନିର୍ମୁକ୍ତ ମନ ତା'ର ।" ଇତ୍ୟାଦି

ଏହି ବୟସରେ ଡାକ୍ତର ପୂଜାରୀ 'ହୀରାଖଣ୍ଡ'ରେ ଅନେକ କ୍ଷୁଦ୍ର ଗଳ୍ପ ମଧ୍ୟ ପ୍ରକାଶିତ କରିଥିଲେ । ଏ ଗଳ୍ପଗୁଡ଼ିକର ଦୁଇଟି ବିଶେଷତ୍ୱ— ପ୍ରଥମ, ସବୁ ଗଳ୍ପରେ ତାଙ୍କର ଆଦର୍ଶବାଦତାର ଛାପ ଅଛି । ଦ୍ୱିତୀୟ- ସେ ଗଳ୍ପରେ ସମ୍ବଲପୁରୀ ଶବ୍ଦର ବ୍ୟବହାର ଅନେକ କରୁଥିଲେ । ଖୁରି (କଂସା), ଥୁର (ଡୋଗଣୀ), ନାନୀ (ବଡ଼ ଭଉଣୀ) ଲଗ (ଋଣ) ଇତ୍ୟାଦି ଅନେକ ସମ୍ବଲପୁରୀ ଶବ୍ଦର ବ୍ୟବହାର ସେ ଓଡ଼ିଆ ସାହିତ୍ୟରେ ଆରମ୍ଭ କରିଥିଲେ ।

ପରବର୍ତ୍ତୀ କାଳରେ 'ନବଯୁଗ'ରେ ଦେଇଥିବା ଗଳ୍ପମାନଙ୍କରେ ମଧ୍ୟ ସେ ସମ୍ବଲପୁରୀ ଶବ୍ଦମାନଙ୍କର ପ୍ରୟୋଗ କରିଛନ୍ତି ।

'ଚରିତ୍ରଦର୍ପଣ' ହେଉଛି ଡାକ୍ତର ପୂଜାରୀଙ୍କର ସର୍ବଶ୍ରେଷ୍ଠ ଉପନ୍ୟାସ । ଏହାର ବର୍ଣ୍ଣନା ସେ ଦେଇଛନ୍ତି "ସମାଜ, ଧର୍ମ ଓ ନୀତି- ବିଷୟକ ଅଭିନବ ଐତିହାସିକ କଥାଚିତ୍ର ।" ଏହା ଛଅ ଖଣ୍ଡରେ ବିଭକ୍ତ । ପ୍ରଥମ ଖଣ୍ଡ ପିତୃଭକ୍ତ ଦ୍ୱିତୀୟ ଖଣ୍ଡ ପରୋପକାର, ତୃତୀୟ ଖଣ୍ଡ ଅପତ୍ୟସ୍ନେହ ଚତୁର୍ଥ ଖଣ୍ଡ ସତ୍ ସାହାସ ପଞ୍ଚମ ଖଣ୍ଡ ସତ୍ୟପ୍ରିୟତା ଓ ଷଷ୍ଠ ଖଣ୍ଡ ପ୍ରେମପ୍ରୀତି ବିଷୟରେ ଆଦର୍ଶଶିକ୍ଷାମୂଳକ ଉପନ୍ୟାସ । ଏହି ବୃହତ୍ ଗ୍ରନ୍ଥରେ ବିଶିଷ୍ଟ ଚରିତ୍ରମାନଙ୍କର ଚିତ୍ର ପାଠକର ମନରେ ଅଲିଭା ଦାଗ ଅଙ୍କି ଦିଏ । ଫରାସୀ-ବିପ୍ଳବ ଓ ନେପୋଲିଅନଙ୍କ ଇତିହାସର ସମକାଳୀନ କେତେ ଚରିତ୍ରକୁ ନେଇ କଥାକାର ଚରିତ୍ରର ବିକାଶ ସଙ୍ଗେ ଆଦର୍ଶବାଦର ସମନ୍ୱୟ କରି ପାରିଛନ୍ତି । ତାଙ୍କର ଶୈଳୀର ଏକ ନମୁନାରୂପେ ଏହି ଗ୍ରନ୍ଥର ଭୂମିକା ତଳେ ଦିଆଗଲା ।

"ଯେଉଁ ଦେଶରେ ରାଜା ଅଛି, ପ୍ରଜାପାଳନ ନାହିଁ ଆଇନ ଅଛି; ବ୍ୟବହାର ନାହିଁ; ପ୍ରତିମା ଅଛି, ପୂଜା ନାହିଁ ।

ଯେଉଁ ଦେଶରେ ସ୍କୁଲ ଅଛି, ଶିକ୍ଷା ନାହିଁ; ପିତା ଅଛନ୍ତି ସମ୍ମାନ ନାହିଁ; ଭାଇ ଅଛି, ସ୍ନେହ ପ୍ରୀତି ନାହିଁ; ହୃଦୟ ଅଛି ବିକାଶ ନାହିଁ ।

ଯେଉଁ ଦେଶରେ, ଧନ ଅଛି, ବିନିଯୋଗ ନାହିଁ; ମାନବ ଅଛି, ଧର୍ମ ନାହିଁ; ଜାତି ଅଛି, ଏକତା ନାହିଁ; ବନ୍ଧୁ ଅଛି, ତ୍ୟାଗ ନାହିଁ ।

ଯେଉଁ ଦେଶରେ ଭାଷା ଅଛି, ପୁସ୍ତକ ନାହିଁ; ପୁସ୍ତକ ଅଛି, ପାଠ ନାହିଁ; ମନୁଷ୍ୟ ଅଛି, ଚରିତ୍ର ନାହିଁ; ଚରିତ୍ର ଅଛି, ଆଦର ନାହିଁ ।

ଏହି ଚରିତ୍ରଦର୍ପଣ ଅବଶ୍ୟ ସେ ଦେଶର ଯତ୍‌କିଞ୍ଚିତ୍ ଉପକାର କରିବ ।" ଅଲମତି ବିସ୍ତରେଣ ।

'ଚରିତ୍ରଦର୍ପଣ' ଶୀର୍ଷକ ସେ ଅନ୍ୟାନ୍ୟ ପୁସ୍ତକ ମଧ୍ୟ ଲେଖିଥିଲେ । ତହିଁରୁ ଅନ୍ୟତମ ହେଉଛି ଅନ୍ୟ ଏକ ଐତିହାସିକ ଉପନ୍ୟାସ; "ସ୍ୱାଧୀନତାର ସାଧକ ।" ଏଥିରେ ରଣା ପ୍ରତାପ ସିଂହଙ୍କୁ କେନ୍ଦ୍ର କରି ଏକ ଉପନ୍ୟାସ ରଚନା କରାଯାଇଛି । ଏହି ଉପନ୍ୟାସଟି ଡାକ୍ତର ସୂଜାଶ୍ରି ସମ୍ବଲପୁର ଜେଲରେ ଅବସ୍ଥାନ କାଳରେ, ଅର୍ଥାତ୍ ୧୯୪୭ ସାଲ ମଇ—ଜୁନ ମାସରେ ଲିଖିତ ହୋଇଥିଲା ।

ଏହି ସବୁ ଉପନ୍ୟାସ ପ୍ରକାଶିତ ହେଲେ ଦିନେ ଓଡ଼ିଆ ସାହିତ୍ୟରେ ଚମତ୍କାର ସୃଷ୍ଟି କରି ସାହିତ୍ୟକୁ ସମୃଦ୍ଧ କରିବ ।

ଜୀବନୀ ଆଲୋଚନା ପ୍ରସଙ୍ଗରେ ଲେଖକଙ୍କର ସାହିତ୍ୟର ବିଶେଷ ଆଲୋଚନା ପ୍ରାସଙ୍ଗିକ ନୁହେ । ତଥାପି ଏଠାରେ ଡାକ୍ତର ସୂଜାଶ୍ରିଙ୍କ ସାହିତ୍ୟର ସାଧାରଣ ବୈଶିଷ୍ଟ୍ୟ ଆଲୋଚନା କରାଯାଇପାରେ । ଆଲୋକଚିତ୍ରରେ ଯେପରି ଦଳଚିତ୍ର (Group photo) ଓ ବ୍ୟକ୍ତିଚିତ୍ର (portaait) ଦୁଇ ପ୍ରକାର ଶ୍ରେଣୀବିଭାଗ ଦେଖାଯାଏ; ସାହିତ୍ୟ-କ୍ଷେତ୍ରରେ ମଧ୍ୟ ଅଧିକାଂଶ କୃତିକୁ ଏହି ଦୁଇ ଶ୍ରେଣୀରେ ବିଭାଗ କରାଯାଇପାରେ । କବିବର ଗଙ୍ଗାଧର ମେହେରଙ୍କର 'ତପସ୍ୱିନୀ' କାବ୍ୟ କଥା ଧରାଯାଉ । ଏହା ଏକ ବ୍ୟକ୍ତିଚିତ୍ର । ଏ କାବ୍ୟରେ ରାମ ଅଛନ୍ତି ଲବ କୁଶ ଅଛନ୍ତି ବାଲ୍ମୀକି ଅଛନ୍ତି; କିନ୍ତୁ କାବ୍ୟର ମୁଖ୍ୟ ବର୍ଣ୍ଣନୀୟ ବିଷୟ ହେଉଛି ସୀତାଙ୍କର ଚରିତ୍ର—ତାହା ପୁଣି ତପସ୍ୱିନୀ ରୂପରେ । ସେଇ ଚିତ୍ର ହେଉଛି ଲକ୍ଷ୍ୟ, ଧ୍ୟେୟ; ରାମ, ବାଲ୍ମୀକି, ପ୍ରକୃତି, ସଖୀଗଣ ସେହି ଚିତ୍ରର ପରିପୂରକ, ସୌନ୍ଦର୍ଯ୍ୟବର୍ଦ୍ଧକ ମାତ୍ର । ସେହିପରି ଡାକ୍ତର ସୂଜାଶ୍ରିଙ୍କର ଉପନ୍ୟାସମାଳାର ନାମକରଣର ସୂଚନା ମିଳୁଛି ଯେ ଏ

ସବୁ ବ୍ୟକ୍ତିତ୍ୱମୂଳକ ଚରିତ୍ରପ୍ରଧାନ ଉପନ୍ୟାସ । ଘଟନାର ପ୍ରବାହ ସୌନ୍ଦର୍ଯ୍ୟବୃଦ୍ଧି କମାତ୍ର । ଗୋଟିଏ ଚରିତ୍ରକୁ ଓ ଗୋଟିଏ ଚରିତ୍ରର ଏକ ନିର୍ଦ୍ଦିଷ୍ଟ ଗୁଣକୁ ଅତି ଜ୍ୱଳନ୍ତ ଭାବରେ ପରିସ୍ଫୁଟ କରିବାରେ ଔପନ୍ୟାସିକ ପୂଜାରୀ ଯଥେଷ୍ଟ ଶକ୍ତି ବ୍ୟୟ କରିଛନ୍ତି ଓ ଯଥେଷ୍ଟ ଦକ୍ଷତା ଦେଖାଇ ପାରିଛନ୍ତି । ଅଉ ଏ ଉପନ୍ୟାସମାନଙ୍କର ମୁଖ୍ୟ ଲକ୍ଷ୍ୟ ଏକ ଆଦର୍ଶବାଦରେ ଓତପ୍ରୋତ, ଯାହା କି ମନୁଷ୍ୟର ଚରିତ୍ରକୁ ଉନ୍ନତ କରିବାରେ ପ୍ରେରଣା ଦେବ ।

ଏହି ଅପେକ୍ଷାକୃତ ବଡ଼ ବଡ଼ ଉପନ୍ୟାସ ଛଡ଼ା ସେ କେତେକ ଛୋଟ ଗଳ୍ପ ଲେଖିଛନ୍ତି, ପୁରାଣରୁ । କର୍ଣ୍ଣଙ୍କର ପୁତ୍ର-ଦାନ, ଭୀଷ୍ମଙ୍କର ଚିରକୁମାର-ବ୍ରତଗ୍ରହଣ, ଅର୍ଜ୍ଜୁନଙ୍କୁ ଉର୍ବଶୀର ଅଭିଶାପ ଆଦି ବିଷୟରେ । ପଢ଼ିଲେ ମନେ ହେବ, ଲେଖା ନୁହେଁ; ରବି ବର୍ମା ଭଳିଆ ଜଣେ ଦକ୍ଷ ଚିତ୍ରକରଙ୍କର ଆଲେଖ୍ୟ, ଯାହା ଆଖି ଆଗରେ ଜଳଜଳ ଦେଖାଯିବ ।

ଡାକ୍ତର ପୂଜାରୀଙ୍କର ଅନେକ ନାଟକ ଉପନ୍ୟାସ ମୁଁ ଦେଖି ନାହିଁ । ଶୁଣିଛି ସେଥିରୁ 'ମସ୍ତିଷ୍କର ମୂଲ୍ୟ ଅନ୍ୟତମ ।

ଡାକ୍ତର ପୂଜାରୀ ନାଟକ, ଉପନ୍ୟାସ, ଗଳ୍ପ ଭିତର ଦେଇ ତାଙ୍କର ପୂର୍ବ ଜୀବନରେ ଏକ ଉଚ୍ଚ ଆଦର୍ଶ ପ୍ରତିଷ୍ଠିତ କରିବାକୁ ଚାହୁଁଥିଲେ । ପରବର୍ତ୍ତୀ ଜୀବନରେ ସେ ଧର୍ମସମ୍ବନ୍ଧୀୟ ଅନେକ ପୁସ୍ତକ ଲେଖିଛନ୍ତି ।

କଟକ ଜେଲରେ ଅବସ୍ଥାନ କାଳରେ ସେ ଶ୍ରୀମଦ୍ଭଗବଦ୍‌ଗୀତାର ଗୋଟିଏ ବ୍ୟାଖ୍ୟା ବା ଭାଷ୍ୟ 'ଗୀତାର୍ଥ ଦୀପିକା' ନାମରେ ଲେଖିଲେ । ଗୀତା' କଥା ଶୁଣିଲେ ସାହିତ୍ୟିକ ହୁଏତ ଭାବିବେ "ଗୀତା ଉପରେ ତ କେତେ ଭାଷ୍ୟ ହୋଇ ଯାଇଛି । ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ବାଳ ଗଙ୍ଗାଧର ତିଳକ ପର୍ଯ୍ୟନ୍ତ । ଡାକ୍ତର ପୂଜାରୀ ଅଉ ନୂଆ କଥା କ'ଣ କହିଥିବେ ?" କିନ୍ତୁ ଗୀତା ଉପରେ ମୌଳିକ କିଛି କହିବା ବା ଲେଖିବା କଷ୍ଟକର ହେଲେ ମଧ୍ୟ, ତାହା ଭାଷ୍ୟକାରଙ୍କର ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ ।

ଡାକ୍ତର ପୂଜାରୀ 'ଗୀତାର୍ଥ ଦୀପିକା'ର ମୁଖବନ୍ଧରେ ଲେଖିଛନ୍ତି—

"ଏହି କାରଣରୁ ହିଁ ଭବରୋଗ ବୈଦ୍ୟରୂପୀ ବେଦରେ କର୍ମକାଣ୍ଡ ପ୍ରତିପାଦକ ବ୍ରାହ୍ମଣ, ଉପାସନା କାଣ୍ଡ ପ୍ରତିପାଦକ ସଂହିତା ଓ ଜ୍ଞାନକାଣ୍ଡ ପ୍ରତିପାଦକ ଉପନିଷଦ୍—ଏହି ପ୍ରକାର ତିନିକାଣ୍ଡ ଦେଖିବାକୁ ମିଳେ ଓ ଏହି କାରଣରୁ ହିଁ ଭଗବାନଙ୍କର ମୁଖାରବିନ୍ଦ-ନିଃସୃତ ଶ୍ରୀ ଗୀତାରେ ମଧ୍ୟ କର୍ମ-ଉପାସନା-ଜ୍ଞାନର ଅଲୌକିକ ସମତା ତଥା ସାମଞ୍ଜସ୍ୟ ବିଧାନ କରି ସମସ୍ତ ସଂସାରର ଅପୂର୍ବ କଲ୍ୟାଣ ସାଧନ କରି ହୋଇଛି । ଏହିପରି ଜ୍ଞାନରୂପିଣୀ ଗଙ୍ଗାପ୍ରବାହିଣୀ, କର୍ମରୂପିଣୀ, ଯମୁନା ପ୍ରବାହିଣୀ ଓ ଉପାସନାରୂପିଣୀ ସରସ୍ୱତୀ ପ୍ରବାହିଣୀ ଏହି ତିନିର ମଧୁର ସମ୍ମିଳନରେ ପୁଣ୍ୟମୟ ଗୀତା-କ୍ଷେତ୍ରରେ ଦିବ୍ୟ ତ୍ରିବେଣୀର ପ୍ରତିଷ୍ଠା ହୋଇଛି ଓ ଏହାର ପବିତ୍ର ସଲିଳରେ ଅବଗାହନ ସ୍ନାନ କରି ମନୁଷ୍ୟମାନଙ୍କେ ମୁକ୍ତି ଲାଭ କରି ଧନ୍ୟ ହୋଇ ପାରନ୍ତି ।"

କଟକରେ କାରାବାସ ସମୟରେ ଡାକ୍ତର ପୂଜାରୀ 'ଗୁରୁବାଣୀ' ବା 'ସାଧନ ରଞ୍ଜନ' ନାମରେ ଏକ ଦାର୍ଶନିକ ଗ୍ରନ୍ଥ ଲେଖିଥିଲେ । ଏ ପୁସ୍ତକର ମୁଖବନ୍ଧରୁ ଜଣାଯାଏ, ଡାକ୍ତର ପୂଜାରୀ ଗୁରୁଙ୍କ ମୁଖରୁ ଯେଉଁ ଉପଦେଶମାନ ଶୁଣିଥିଲେ, ତାହା ଏଥିରେ ଲିପିବଦ୍ଧ କରିଛନ୍ତି । ସେଥିରେ ସେ କହିଛନ୍ତି—

"ଧର୍ମର ଗୂଢ଼ ମର୍ମ, ସାଧନ ପଥର ଗୂଢ଼ ରହସ୍ୟ ଶରଦନ ଦୁର୍ଜ୍ଞେୟ ବୋଲି ଧାରଣା ଥିଲା—ସଂସାରରେ ଜୀବ ସଂସାରରେ ରହି ଯେ ସଂସାରକୁ ହିଁ ଅମୃତମୟ ଦେଖିପାରେ, ଏହା ଅଜ୍ଞାତ ଥିଲା ଓ ସାଧାରଣ ଲୋକେ ମଧ୍ୟ ଏହି ବିଶ୍ୱାସର ବଶବର୍ତ୍ତୀ । ଆପଣଙ୍କର 'ସତ୍ୟ' ଘୋଷଣା ସେହି ଅନ୍ଧକାର ଦୂର କରି ଦେଉଛି ।"

ଡାକ୍ତର ଜନାର୍ଦ୍ଦନ ପୂଜାରୀ ତାଙ୍କର ଜୀବନକାଳ ମଧ୍ୟରେ ଏତେ ପୁସ୍ତକ ପ୍ରଣୟନ କରି ପ୍ରକାଶ କରିବାପାଇଁ କୌଣସି ଚେଷ୍ଟା କରି ନାହାନ୍ତି । ଜୀବନରେ ତାଙ୍କର ତିନୋଟି ମୁଖ୍ୟ କାମନା

ଧର୍ମର ଜୟ ହେଉ, ଅଧର୍ମର ନାଶ ହେଉ ଓ ପ୍ରାଣୀମାନଙ୍କର ମନରେ ସଦ୍ଭାବନା ହେଉ, ଏହି ଚିନ୍ତା ଥିଲା ତାଙ୍କର ସାହିତ୍ୟର ଦର୍ଶନ; କିନ୍ତୁ ନୀରସ ଉପଦେଶରୂପେ ନୁହେଁ, ସରସ ଜୀବନ୍ତ ଚରିତ୍ର ଚିତ୍ରଣ ଓ ଘଟଣା-ପ୍ରବାହ ଦେଇ ପାଠକର ମନରେ ସେ ସଦ୍ଭାବନା ଜାଗ୍ରତ କରିବାକୁ ଚାହୁଁଛନ୍ତି ।

ଡାକ୍ତର ପୂଜାରୀଙ୍କର ଅପ୍ରକାଶିତ କବିତା, ଗଳ୍ପ, ନିବନ୍ଧ, ଉପନ୍ୟାସ ଓ ନାଟକମାନ ପ୍ରକାଶିତ ହୋଇ ପ୍ରଚାରିତ ହେଲେ ତାଙ୍କର ଉପଯୁକ୍ତ ସ୍ମୃତିରକ୍ଷା ହୋଇ ପାରିବ ବୋଲି ଆମର ବିଶ୍ୱାସ । କାରଣ ସମାଜରେ ଯେଉଁ ନୈତିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ପାଇଁ ସେ ଏତେ ଅଗ୍ରଣୀ ଥିଲେ, ତାଙ୍କର ଗ୍ରନ୍ଥାବଳୀ ପାଠ ସେହି ନୈତିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷାରେ ଆମ୍ଭମାନଙ୍କୁ ଯଥେଷ୍ଟ ସାହାଯ୍ୟ କରିବ ଓ ଆମର ଜୀବନର ଆଦର୍ଶକୁ ଉନ୍ନତ କରିବ ।

# ପୂଜାରୀଙ୍କର ଧର୍ମପୂଜା

ପରିବାରରେ ଗୁରୁଜନମାନଙ୍କର ନିଷେଧ ଆଶଙ୍କା ନ ଥିଲେ, ହୁଏତ ଡାକ୍ତର ଜନାର୍ଦ୍ଦନ ପୂଜାରୀ ଛାତ୍ର ଅବସ୍ଥାରୁ ହିଁ ସନ୍ନ୍ୟାସୀ ହୋଇଥାନ୍ତେ । ବାଲ୍ୟକାଳରୁ ଓ ପ୍ରଥମ ଯୌବନ କାଳରୁ ହିଁ ବୈରାଗ୍ୟ ଓ ଅନାସକ୍ତି ତାଙ୍କ ଚରିତ୍ରର ଏକ ମୁଖ୍ୟ ଲକ୍ଷଣ ଥିଲା । ତପସ୍ୟା ସାଧନ ପାଇଁ ଅତି ଅଳ୍ପ ବୟସରେ ସେ କିପରି ଏକାନ୍ତରେ ବହୁ ସମୟ ଅତି-ବାହିତ କରୁଥିଲେ, ତାହା ବର୍ଣ୍ଣନା କରାଯାଇଛି । ପରେ ଡାକ୍ତର ହିସାବରେ ଲୋକସେବାର ପୁଣ୍ୟସୁଯୋଗ ଲାଭ ସଙ୍ଗେ ପରିବାରର ଦାୟିତ୍ୱ ଗୋଟିଏ ଦିଗରେ ଓ ଅନ୍ୟ ଦିଗରେ ମୁକ୍ତ ଜଗତର ଆହ୍ୱାନ ରାମକୃଷ୍ଣ, ବିବେକାନନ୍ଦ, ଅରବିନ୍ଦ ଆଦିଙ୍କର ଆଦର୍ଶର ଆହ୍ୱାନ, ତାଙ୍କର ଭାବନା-ରାଜ୍ୟରେ ଏକ ସଂଘର୍ଷ ସୃଷ୍ଟି କରିଥିଲା ଓ ସେ ତହିଁର ସମାଧାନ ଓ ସମନ୍ୱୟ କରିଥିଲେ ଲୋକସେବା ଓ ଈଶ୍ୱରସେବା ଏକା ସାଙ୍ଗରେ କରି । ଯେପରି ସ୍ୱାଧୀନତା ହରାଇଥିବା ଶୁକପକ୍ଷୀ ପଞ୍ଜୁରୀରେ ରହି ରାମ ନାମ ପଢ଼ି ମୁକ୍ତିକାମନା କରେ ।

ବାଲ୍ୟକାଳରୁ ଡାକ୍ତର ପୂଜାରୀଙ୍କର ଯେଉଁ ଧର୍ମ ଜିଜ୍ଞାସା ଓ ସାଧନପ୍ରବଣତା ଜାଗିଥିଲା, ପରବର୍ତ୍ତୀ କାଳରେ ତାହା ଅଧିକ ଦୃଢ଼ ହେଲା ।

ସେ ପ୍ରାଚୀନ ବର୍ଣ୍ଣାଶ୍ରମ ଧର୍ମର ପୁନରୁଦ୍ଧାର କାମନା କରୁଥିଲେ, ମାତ୍ର ଏ ବିଂଶ ଶତାବ୍ଦୀରେ ତହିଁର ବାସ୍ତବିକ କାର୍ଯ୍ୟକାରିତା ସମ୍ବନ୍ଧରେ ସନ୍ଦିହାନ ଥିଲେ । ତେଣୁ ସେ ତାଙ୍କର 'ସତ୍ପ୍ରସଙ୍ଗ' ନାମକ ପୁସ୍ତକରେ

ଲେଖିଛନ୍ତି "ଗୃହରେ ରହି ଗୃହସ୍ଥଧର୍ମ ପାଳନ କରି ଆମ୍ଭେମାନେ ଆପଣାର ପାରମାର୍ଥିକ ଉନ୍ନତି କିପରି କରି ପାରିବା ?......ଘରଦ୍ୱାରରେ ରହି ମଧ୍ୟ ପାରମାର୍ଥିକ ଉନ୍ନତି ବା ପ୍ରଭୁପ୍ରାପ୍ତି ହୋଇପାରେ ? ଉକ୍ତ ପୁସ୍ତକର ପରବର୍ତ୍ତୀ ଏକ ସ୍ଥାନରେ ସେ କହିଛନ୍ତି—

"ଏ ଯୁଗରେ ଯେ ଏକାନ୍ତରେ ରହି ଯୋଗସାଧନ କରିପାରିବେ ସେ କରନ୍ତୁ । ସେ ଆମ୍ଭର ପରମ ପୂଜଣୀୟ ଅଟନ୍ତି । ଜନସଂସର୍ଗରୁ ଦୂରରେ ରହି ଘୋର ଅରଣ୍ୟରେ ଏକାକୀ ନିସ୍ପୃହ ଓ ଶାନ୍ତ ହୋଇ ଯେ ସତ୍ୟ ଓ ଅସତ୍ୟ ବିବେକଦ୍ୱାରା ବ୍ରହ୍ମଚିନ୍ତନ କରିପାରନ୍ତି, ସେମାନେ ବନ୍ଦନୀୟ ଅଟନ୍ତି, ପ୍ରାତଃସ୍ମରଣୀୟ ଅଟନ୍ତି; କିନ୍ତୁ ଏହା ସର୍ବସାଧାରଣ ଲୋକେ କରିପାରନ୍ତି ନାହିଁ ।" ଉକ୍ତ ପୁସ୍ତକର ପରବର୍ତ୍ତୀ ଏକ ସ୍ଥାନରେ ସେ ଲେଖିଛନ୍ତି:—"ବସିବା ସକାଶେ ଏକାନ୍ତ ଟିକିଏ ସ୍ଥାନ ନାହିଁ । ବନ ଜଙ୍ଗଲ ଏକ ଏକ ଇଞ୍ଚ ସ୍ଥାନ ମାପି ନିଆଯାଇଛି । ସେଥିରେ ସରକାରୀ ଅଧିକାର ହୋଇପଡ଼ିଛି । ସେଥିରେ ଅଗ୍ନି ଜାଳି ପାରିବ ନାହିଁ, କାଠ କାଟି ପାରିବ ନାହିଁ । ଏବେ କିଛିଦିନ ହେଲା ମୁଁ ନେପାଳ ଯାଇଥିଲି । ସେଠାରେ ଆଦେଶ ରହିଛି ଯେ "ପୁଲିସରେ ଯଦି ସମ୍ବାଦ ମିଳେ ଯେ ଅମୁକ ସ୍ଥାନରେ କୌଣସି ସାଧୁ ବସି ରହିଛି ତାହାହେଲେ ପୁଲିସ ସେହିକ୍ଷଣି ତାକୁ ସେଠାରୁ ବାହାର କରିଦେବ ଓ ସଙ୍ଗେ ସଙ୍ଗେ ନେଇ ପାହାଡ଼ ତଳେ ଛାଡ଼ିଦେଇ ଆସିବ । ଶ୍ରୀ ଗଙ୍ଗୋତ୍ରୀଠାରୁ ୧୮ ମାଇଲ ଆହୁରି ଉପରକୁ ଗୋମୁଖ—ଯେଉଁଠି ଶ୍ରୀ ଗଙ୍ଗାର ଅସଲ ଉଦ୍‌ଗତ ସ୍ଥାନ—ସେଠାକୁ ସାଧାରଣ ଯାଇ ପାରନ୍ତି ନାହିଁ । ସଦାବେଳେ ବରଫରେ ଢାଙ୍କି ହୋଇଥାଏ—ସେଠାରେ ଆପଣ କୁଟୀର ତିଆରି କରି ରହି ପାରିବେ ନାହିଁ, ଯଦି ରହିବାକୁ ହେବ ତାହାହେଲେ ଟେହେରି ସରକାରଙ୍କଠାରୁ ଆଦେଶ ନେବାକୁ ପଡ଼ିବ ଇତ୍ୟାଦି ।"

ଏ ସବୁ ଲେଖାରୁ ସ୍ପଷ୍ଟ ଜଣା ପଡ଼ୁଛି ତାଙ୍କର ଦେହ ନିତ୍ୟ କୋଳାହଳମୁଖର ଜନପଦରେ ଥିଲେ ସୁଦ୍ଧା, ମନ ସବୁବେଳେ

ସାଧନାଯୋଗ୍ୟ ଏକାନ୍ତକୁ ଖୋଜୁଁଥିଲେ । ଏ ସବୁ ପଢ଼ିଲେ ଇଂରେଜ କବି W. B. Yeatsଙ୍କ ରହସ୍ୟବାଦୀ କବିତା The lake isle of Innisfreeରୁ ନିମ୍ନ କେତେ ପଙ୍‌କ୍ତି ଉଦ୍ଧାର କରିବାକୁ ଇଚ୍ଛା ହେଉଛି । ଏକାନ୍ତ ପ୍ରିୟ କବି ସେଥିରେ ଲେଖିଛନ୍ତି—

"I will arise and go now,
for always night and day.
I hear leke water lapping with
low sound by the shore,
While I stand on the road way
or on the Pavement gray
I hear it in the deep heart's core.

ଧର୍ମଚର୍ଚ୍ଚାକୁ ସେ ଜୀବନର ବ୍ରତରୂପେ ଓ ଦିନଚର୍ଯ୍ୟାର ଏକ ମୁଖ୍ୟ ଅଙ୍ଗରୂପେ ସେ ଆରମ୍ଭ କଲେ ପ୍ରାୟ ତ୍ରିଶ ବର୍ଷ ବୟସରୁ । ଏହି ସମୟରେ ଶ୍ରୀ ଗୋବର୍ଦ୍ଧନ ଦାସ ବାବାଜୀ, ଯାହାଙ୍କୁ ଲୋକେ ଗୁଡ଼ିଆ ବାବାଜୀ ବୋଲି ଡାକୁଥିଲେ, ସେ ଆସି ସମ୍ବଲପୁର ସହରରେ ବାଲିବନ୍ଧାଠାରେ ପ୍ରତିଦିନ ସନ୍ଧ୍ୟାରେ ନିୟମିତ ଭାବରେ ଧର୍ମଶାସ୍ତ୍ରର ବ୍ୟାଖ୍ୟା ଆରମ୍ଭ କଲେ । ଏହି ସମୟରେ ଡାକ୍ତର ପୁଜାରୀ ଓ ଅନ୍ୟାନ୍ୟ ଅନେକ ବିଶିଷ୍ଟ ଲୋକ ସେହି ଶାସ୍ତ୍ର ବ୍ୟାଖ୍ୟାନ ଶୁଣିବାକୁ ଯିବାର ଆରମ୍ଭ କଲେ । ଗୁଡ଼ିଆ ବାବାଜୀ ସଂସ୍କୃତରେ ଧୁରନ୍ଧର ଥିଲେ ଓ ଅଧୁନା ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଶ୍ରୀ ପ୍ରହ୍ଲାଦ ପ୍ରଧାନଙ୍କୁ ପିଲାଦିନରେ ସଂସ୍କୃତ ପଢ଼ାଇଥିଲେ । ଡାକ୍ତର ପୁଜାରୀ ଗୁଡ଼ିଆ ବାବାଜୀଙ୍କର ସହିତ ଶାସ୍ତ୍ରଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ତାଙ୍କଠାରୁ ସଂସ୍କୃତ ବିଶେଷଭାବରେ ଅଧ୍ୟୟନ କରିଥିଲେ ବୋଲି ଶୁଣାଯାଏ । ଏହି ସମୟଠାରୁ ସମ୍ବଲପୁର ସହରରେ ମହାନଦୀ କୂଳରେ ଏକ ଏକାନ୍ତ ସ୍ଥାନ ଦେଖି ସେଠାରେ ସାମାନ୍ୟ ଫୁଲବଗିଚା ଓ ପ୍ରାର୍ଥନା ଗୃହ ତିଆରି କରି

'ସତ୍‌ସଙ୍ଗ ଆଶ୍ରମ' ନାମକ ଏକ ଆଶ୍ରମ ସ୍ଥାପନା କରାଗଲା ଓ ଏଠାରେ ପ୍ରତ୍ୟହ ସନ୍ଧ୍ୟାରେ ଗୀତା, ପୁରାଣ, ଭାଗବତ, ରାମାୟଣ ଆଦି ପାଠ ଓ ବ୍ୟାଖ୍ୟାନ ଓ ଭଜନ ଆରମ୍ଭ ହେଲା ।

ଏହି ସମୟରେ ଡାକ୍ତର ପୂଜାରୀ ଭାରତବର୍ଷର ବିଭିନ୍ନ ତୀର୍ଥସ୍ଥାନ ପର୍ଯ୍ୟଟନ କରିଥିଲେ । ସେ ଗଙ୍ଗୋତ୍ରୀ, ଯମୁନୋତ୍ରୀ, କେଦାରନାଥ, ବଦ୍ରୀନାଥ, ଅମରନାଥ ପଶୁପତିନାଥ ଆଦି ତୀର୍ଥ ୧୯୩୫ ସାଲରେ ପର୍ଯ୍ୟଟନ କରିଥିଲେ । ଗଙ୍ଗୋତ୍ରୀ ଯାତ୍ରା ସମୟର ଏକ ଘଟଣା ଏଠାରେ ବର୍ଣ୍ଣନା କରାଯାଉଛି :—

ଡାକ୍ତର ପୂଜାରୀଙ୍କର ବୟସ ଥିଲା ୪୨ ବର୍ଷ ଅର୍ଥାତ୍ ୧୯୩୫-୩୬ ସାଲରେ ସେ ଗୁଡ଼ିଆ ବାବାଙ୍କ ସଙ୍ଗରେ ଗଙ୍ଗୋତ୍ରୀ ଅଭିମୁଖେ ଯାତ୍ରା କରୁଥିଲେ । ଦିନେ ଅପରାହ୍ଣରେ ଉଭୟେ ଏକା ସାଙ୍ଗରେ ଯାତ୍ରା କରୁଥିବା ସମୟରେ ଗୁଡ଼ିଆ ବାବାଜୀ ଡାକ୍ତର ପୂଜାରୀଙ୍କୁ ଖଣ୍ଡିଏ କାଗଜରେ ଲେଖିଥିବା ତାଙ୍କର ସ୍ୱହସ୍ତ ରଚିତ କବିତା ପାଠ କରିବାକୁ ଦେଲେ । ଡାକ୍ତର ପୂଜାରୀ ରାସ୍ତାରେ ଚାଲୁଁ ଚାଲୁଁ ସେ କବିତା ପଢ଼ୁଥିଲେ ଓ ଠିକ୍ ରାସ୍ତାଆଡ଼େ ନଜର ନ ଦେଇ ଚାଲିବାକୁ ଲାଗିଲେ । ଯାଉଁ ଯାଉଁ ଗଙ୍ଗୋତ୍ରୀ ରାସ୍ତା ଛାଡ଼ି ଆଉ ଏକ ରାସ୍ତା ଆଡ଼େ ବାହାରିଗଲେ । ନିର୍ଜନ ପାର୍ବତ୍ୟ ପଥରେ ସନ୍ଧ୍ୟା ହେଲା—ରାତି ହେଲା । ଡାକ୍ତର ପୂଜାରୀ ଚାଲିଥାନ୍ତି ଆଗରେ ଚଟି (ଆଶ୍ରୟ ଘର) ମିଳିବା ଆଶାରେ । ସୂଚୀଭେଦ୍ୟ ଅନ୍ଧାର ଉପରେ ମେଘ ସେ ଅନ୍ଧକାରକୁ ଘନତର କରୁଥାଏ । ଡାକ୍ତର ପୂଜାରୀ ଆଶା କରି ଆଗେଇ ଚାଲିଥାନ୍ତି । ହଠାତ୍ ବିଜୁଳିଝଲକରେ ଦେଖିଲେ, ଆଉ ଦୁଇପାଦ ଆଗରେ ଅତଳ ଅତଟ । ବିଜୁଳି ଝଲକ ଦେଖା ଦେଇ ନ ଥିଲେ ନିଶ୍ଚୟ ସେ ସେଥିରେ ପଡ଼ି ପ୍ରାଣ ହରାଇଥାନ୍ତେ । ଡାକ୍ତର ପୂଜାରୀ ସେହିଠାରେ ବସିପଡ଼ି ଜଗତର ପଥପ୍ରଦର୍ଶକ ଭଗବାନଙ୍କୁ ସ୍ମରଣ କଲେ । ତାଙ୍କର ଅପାର କରୁଣା ପାଇଁ।

ଏହି ଘଟଣାକୁ ଉଲ୍ଲେଖ କରି ସେ ବହୁବାର ମର୍ମସ୍ପର୍ଶୀ ଭାଷାରେ କହିଛନ୍ତି, "ଯେଉଁ ଗରିବ ଲୋକ କେବେ ରସଗୋଲା ଖାଇ ନାହିଁ ସେ

କହେ ରସଗୋଲା ଗୋଲ, ଧଳା ଦିଶେ, ଖାଇବାକୁ ମିଠା ଲାଗେ ।” ତା’ର କଥା ଶୁଣି ଧର୍ମାତ୍ମା କହେ “ମୁଁ ରସଗୋଲା ଖାଇଛି । ମୁଁ ଜାଣେ ରସଗୋଲା କିପରି ଲାଗେ, କେତେ ମିଠା ।” ସେପରି, ଲୋକେ କହନ୍ତି, “ଈଶ୍ୱର ସର୍ବବ୍ୟାପୀ, ସର୍ବଶକ୍ତିମାନ୍, ଭବସାଗରର କର୍ଣ୍ଣଧାର” ଇତ୍ୟାଦି; କିନ୍ତୁ ମୁଁ ଜାଣେ ଈଶ୍ୱର କିଏ, କି’ଣ, କାରଣ ମୁଁ ରସଗୋଲା ଖାଇଛି । ସେହି ଗଙ୍ଗୋତ୍ରୀ ରାସ୍ତାରେ ନିଜେ ଈଶ୍ୱର ମୋତେ ବାଟ ବତାଇ ଦେଇଛନ୍ତି ।

ସେ ରାତିରେ ଦାରୁଣ ଶୀତରେ, ଉପବାସରେ ବର୍ଷାରେ, ସେହି ଭୟଙ୍କର ସ୍ଥାନରେ ସେ ରାତ୍ରି ଯାପନ କରିଥିଲେ । ତହିଁ ଆରଦିନ ସକାଳୁ ସେ ଅତି କଷ୍ଟରେ ଉଠି କିଛିଦୂର ଅଗ୍ରସର ହେଲା ପରେ ଦେଖିଲେ ଗୋଟିଏ ଝରଣାର ସେ ପାରୁ ତାଙ୍କୁ କିଏ ଇସାରା କରୁଛି ଗୋଟିଏ କାଠଗଡ଼ ଉପରେ ପାରି ହୋଇ ଆର ପାଖକୁ ଯିବାକୁ । ଆର ପାଖକୁ ପାରି ହୋଇ ଦେଖିଲେ ତାଙ୍କର ଗୁରୁ । ଯାହାଙ୍କୁ କି ସେ ବହୁବର୍ଷ ହେଲା ଦେଖି ନ ଥିଲେ । ପୂର୍ବ ରାତ୍ରିରେ ଗୁଡ଼ିଆ ବାବାଜୀ ମଧ୍ୟ କାର୍ତ୍ତିକ ଘାଟରେ ଉପସ୍ଥିତ ହୋଇ ଡାକ୍ତର ପୂଜାରୀ ନ ଆସିବାର ଦେଖି ବଡ଼ ବ୍ୟସ୍ତ ହୋଇ ପଡ଼ିଥିଲେ ଓ ବଡ଼ ସକାଳୁ ତାଙ୍କୁ ଖୋଜିବା ପାଇଁ ଲୋକ ପଠାଇ ଡାକ୍ତର ପୂଜାରୀଙ୍କୁ ତାଙ୍କର ଗୁରୁଙ୍କ ପାଖରେ ଥିବାର ସନ୍ଧାନ ପାଇଲେ । ପରେ ଡାକ୍ତର ପୂଜାରୀଙ୍କ ଗୋଡ଼ ହାତ ନିଆଁରେ ସେକାଇ ତାଙ୍କୁ ପୁନର୍ବାର ସମ୍ପୂର୍ଣ୍ଣ ସୁସ୍ଥ କରି ପୁଣି ଯାତ୍ରା ପଥରେ ଅଗ୍ରସର ହେଲେ ।

ଏହି ସମୟରେ ଡାକ୍ତର ପୂଜାରୀ କୈଳାସ ଓ ମାନସରୋବରକୁ ମଧ୍ୟ ଯାତ୍ରା କରିଥିଲେ । କୈଳାଶ ପର୍ବତର ଉଚ୍ଚତା ବାଇଶ ହଜାର ଫୁଟ ଓ ଯାତ୍ରୀମାନେ ତାହାକୁ ପରିକ୍ରମା କରନ୍ତି । ଏହି କାର୍ଯ୍ୟ ଅତି କଷ୍ଟକର ହେବାରୁ ଅଧିକାଂଶ ଯାତ୍ରୀ ଘୋଡାରେ ଚଢ଼ି କୈଳାଶ ପରିକ୍ରମା କରନ୍ତି । ମାତ୍ର ଡାକ୍ତର ପୂଜାରୀ ପଦ ବ୍ରଜରେ ଏହି କଷ୍ଟସାଧ୍ୟ ଯାତ୍ରା ସମ୍ପନ୍ନ କରିଥିଲେ । କୈଳାଶ ଓ ମାନସରୋବର ଯାତ୍ରୀମାନଙ୍କୁ

ସ୍ଥାନରେ କ୍ରମାଗତ ବରଫ ପଡ଼ୁଥିବାରୁ ଜନବସତି ନ ଥାଏ, ଓ ଯାତ୍ରୀମାନଙ୍କୁ ନିଜ ନିଜର ଖାଦ୍ୟପେୟ ଓ ଅଶ୍ରୟ ପାଇଁ ତମ୍ବୁ ଆଦି ସଙ୍ଗରେ ନେଇ ଯାତ୍ରା କରିବାକୁ ହୁଏ ।

ଉତ୍ତରଖଣ୍ଡ, କୈଳାଶ ଓ ମାନସରୋବର ଯାତ୍ରାର ବିବରଣୀ ଦେଇ ଡାକ୍ତର ପୂଜାରୀ ଏକ ପୁସ୍ତକ ଲେଖିଥିଲେ, ମାତ୍ର ସେହି ଭ୍ରମଣ ବିବରଣୀର ପାଣ୍ଡୁଲିପି ହଜି ଯାଇଛି ଏବେ ମିଳୁ ନାହିଁ ।

ଭାରତର ପ୍ରାୟ ସମସ୍ତ ପ୍ରସିଦ୍ଧ ତୀର୍ଥସ୍ଥାନ ପର୍ଯ୍ୟଟନ କରିବା ଛଡ଼ା ପୂର୍ଣ୍ଣ କାଳରେ ତୀର୍ଥଯାତ୍ରାକୁ ସେ ଲକ୍ଷ୍ୟ କରିଥିଲେ । ୧୯୫୪ ସାଲରେ ପ୍ରୟାଗରେ କୁମ୍ଭମେଳା ସମୟରେ ସମସ୍ତ ଭାରତରୁ ଯାତ୍ରୀମାନେ ତ ସେଠାକୁ ଯାଇଥିଲେ । ଡାକ୍ତର ପୂଜାରୀଙ୍କ ନେତୃତ୍ୱରେ ସେହି ବର୍ଷ ଝୁସିଠାରେ ଏକମାସ ପର୍ଯ୍ୟନ୍ତ କଳ୍ପବାସ ପାଇଁ ସମ୍ବଲପୁର କଲ୍ୟାଣ ଅଶ୍ରମ' ବୋଲି ଗୋଟିଏ ଅଶ୍ରମ ଖୋଲିଗଲା ଓ ଡାକ୍ତର ପୂଜାରୀଙ୍କ ସଙ୍ଗେ ସମ୍ବଲପୁର ଜିଲ୍ଲାର ବହୁ ଧର୍ମପ୍ରାଣ ପରିବାର ସେଠାକୁ ଯାଇ ମାସେକାଳ ବ୍ରତ ଉପବାସ ଆଦି କରୁଥିଲେ ଓ ଡାକ୍ତର ପୂଜାରୀ ପ୍ରତ୍ୟହ ସେଠାରେ ଧର୍ମଶାସ୍ତ୍ର ବ୍ୟାଖ୍ୟା ଓ ପ୍ରାର୍ଥନାରେ ନେତୃତ୍ୱ ନେଉଥିଲେ ।

"ପଞ୍ଚାଶୋର୍ଦ୍ଧ୍ୱଂ ବନଂ ବ୍ରଜେତ୍" ବୋଲି ଅର୍ଷବାକ୍ୟ ଅଛି । ଅର୍ଥାତ୍ ପଚାଶ ବର୍ଷ ପରେ ବାନପ୍ରସ୍ଥ; କିନ୍ତୁ ଡାକ୍ତର ପୂଜାରୀଙ୍କ ଭାଷାରେ 'ଜଙ୍ଗଲର ଏକ ଏକ ଇଞ୍ଚି କରି ସ୍ଥାନ ମାପି ନିଆଯାଇଛି ଓ ବାନପ୍ରସ୍ଥର ଅପରିକ ସାଧନା ବଡ଼ କଠିନ । ସେଥିପାଇଁ ସେ ପଚାଶ ବର୍ଷ ର ବହୁ ପୂର୍ବରୁ ସମ୍ବଲପୁର ସହରରୁ ଚଉଦ ମାଇଲ ଦୂରରେ ମହାନଦୀ କୂଳରେ ଛିପଲିମା ଗାଁରେ ଗୋଟିଏ ନିଭୃତ ସ୍ଥାନରେ 'କଲ୍ୟାଣ ଅଶ୍ରମ' ବୋଲି ଗୋଟିଏ ଅଶ୍ରମ ପ୍ରତିଷ୍ଠା କଲେ । ଏ ଅଶ୍ରମକୁ ସେ ପ୍ରତିମାସ ଅତି ନିୟମିତ ଭାବରେ ଯାଉଥିଲେ । ଶୁକ୍ଳପକ୍ଷର ତ୍ରୟୋଦଶୀ ଦିନ ଏ ଅଶ୍ରମକୁ ଯାଇ ପୂର୍ଣ୍ଣିମାର ପରଦିନ ଘରକୁ ଫେରୁଥିଲେ । ଏହି ଅଶ୍ରମ-ଜୀବନରେ ସେ ସାରାଦିନ ଓ ରାତିକ ମଧ୍ୟ ଈଶ୍ୱର ଭଜନରେ ଓ ଶାସ୍ତ୍ର ଚର୍ଚ୍ଚାରେ ନିରତ ରହୁଥିଲେ । ଡାକ୍ତର ପୂଜାରୀଙ୍କ ସଙ୍ଗେ ଅନ୍ୟ କେତେ

ଭଦ୍ରଲୋକ ମଧ୍ୟ ଏହି ଆଶ୍ରମକୁ ନିୟମିତ ଭାବରେ ଯିବାର ଅଭ୍ୟାସ କରିଥିଲେ ।

ସେ ଯେଉଁଠାରେ ଏ ଆଶ୍ରମ ସ୍ଥାପନା କଲେ ହୀରାକୁଦ ବନ୍ଧ ଯୋଜନା ହେବା ଫଳରେ ଛିପଲିମା ଗାଁର କେତେକ ସ୍ଥାନ ବନ୍ଧ ପାଇଁ ଦଖଲ କରାଗଲା ସଙ୍ଗେ ସଙ୍ଗେ ଏହି ଆଶ୍ରମ ମଧ୍ୟ ସେହି ସୀମା ମଧ୍ୟରେ ରହିଲା । ଦୁଃଖର କଥା, ଏଠାରେ ପୂର୍ବରୁ ପୂଜା ଆଦି ହୋଇ ଆସୁଥିବାର ଜାଣି ମଧ୍ୟ ବନ୍ଧକର୍ତ୍ତୃପକ୍ଷ ହଠାତ୍ ଦିନେ ଏଠାରେ ପ୍ରବେଶ କରି ଏହାର ପବିତ୍ରତା ନଷ୍ଟ କରିଥିଲେ ଏଠାରେ ଲୁଡ଼ା ଆଦି ରଙ୍କାବଡ଼ା କରି ।

ଏ ଆଶ୍ରମ ପୂର୍ବମୁଖୀ ଥିଲା ଓ ନଦୀ କୂଳରେ ଥିଲା ବୋଲି ଧ୍ୟାନ ଓ ଆରାଧନା ପାଇଁ ଉପଯୁକ୍ତ ଥିଲା । ଏହା ଏକୁଆର ହେବା ପରେ ଡାକ୍ତର ପୂଜାରୀ ମହାନଦୀର ଅନ୍ୟକୂଳରେ କଇଁଶର ଗାଁରେ ସେହି ଆଶ୍ରମ ପୁନଃପ୍ରତିଷ୍ଠା କଲେ । ଜୀବନର ଶେଷମାସ ପର୍ଯ୍ୟନ୍ତ ନିୟମିତ ଭାବରେ ମାସକୁ ଛଅଦିନ ଲେଖାଏଁ ଏଠାକୁ ଯାଉଥିଲେ ।

ସମ୍ବଲପୁରର 'ସତ୍ସଙ୍ଗ ଆଶ୍ରମ' ଧୀରେ ଧୀରେ ଅଧିକ ପ୍ରତିଷ୍ଠା ଲାଭ କଲା ଓ ଅଧିକରୁ ଅଧିକ ଲୋକଙ୍କର ମନ ଧର୍ମ ଓ ଉପାସନା ଆଡ଼କୁ ଗଲା । ଡାକ୍ତର ପୂଜାରୀ ଶାରୀରିକ ଚିକିତ୍ସାଦ୍ୱାରା ଲୋକଙ୍କର ସ୍ୱାସ୍ଥ୍ୟକୁ ଠିକ୍ ରଖିବାରେ ଯେତିକି କାର୍ଯ୍ୟ କରିଛନ୍ତି, ଅଧିକରୁ ଅଧିକ ଲୋକଙ୍କ ମନରେ ଧର୍ମପ୍ରବୃତ୍ତି, ସତ୍ସଙ୍ଗେଚ୍ଛା ଓ ଉପାସନା ସ୍ପୃହା ଜାଗ୍ରତ କରି ସାଧାରଣ ଲୋକଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ ଅଧିକ ଚେଷ୍ଟା କରି ସଫଳ ହୋଇ ପାରିଛନ୍ତି । ନିଜେ ପୁଣ୍ୟ କରିବାଠାରୁ ଅନ୍ୟକୁ ପୁଣ୍ୟମାର୍ଗରେ ପରିଚାଳିତ କରିବାର ଅଧିକ ପୁଣ୍ୟ ଅଛି । ସେହି ପୁଣ୍ୟ ପାଇଁ ଡାକ୍ତର ପୂଜାରୀ ଅଧିକ ଲାଳାୟିତ ଥିଲେ । ଆଜି ସମ୍ବଲପୁର ସହରରେ ଓ ମଫସଲରେ ସନ୍ଧ୍ୟାରେ ଅନେକ ସ୍ଥାନରେ ଅବସର-ବିନୋଦନ ହେଉଛି ଭଜନ ଓ ସତ୍ସଙ୍ଗ । ଏହା ପ୍ରଧାନତଃ ଡାକ୍ତର ପୂଜାରୀଙ୍କର ଆଦର୍ଶ ଓ ପ୍ରେରଣା ଯୋଗୁଁ ହୋଇଛି ।

‘ଗୀତା ଜୟନ୍ତୀ’ ଆଦି ବିଶିଷ୍ଟ ଉତ୍ସବ ପାଳନ କରିବା ଓ କାର୍ତ୍ତିକ ବା ମାଘ ଆଦି ପୁଣ୍ୟ ମାସରେ କାନପୁର ପ୍ରୟାଗ ଆଦି ସ୍ଥାନରୁ ବିଦ୍ୱାନ ପଣ୍ଡିତ ବା ସନ୍ନ୍ୟାସୀମାନଙ୍କୁ ନିମନ୍ତ୍ରଣ କରି ‘ତୁଳସୀ ରାମାୟଣ’ ‘ଭାଗବତ’ ବା ‘ଗୀତା’ ଇତ୍ୟାଦିର କ୍ରମାଗତ ମାସେ କାଳ ଧରି ବ୍ୟାଖ୍ୟାନ, ନାମଯଜ୍ଞ, ହୋମ ଇତ୍ୟାଦି ଏହି ସତ୍ସଙ୍ଗ ଆଶ୍ରମ ଓ ବଉଁଶରର କଲ୍ୟାଣ ଆଶ୍ରମରେ କରାଇବାଦ୍ୱାରା ନୂତନ ଭାବନା ଓ ଧର୍ମ-ପ୍ରବଣତାର ସଞ୍ଚାର କରାଯାଉଥିଲା ।

ସେ ପ୍ରତିଦିନ ସକାଳ ଚାରିଟାରୁ ଉଠି ନିତ୍ୟକର୍ମ ସାରି ସନ୍ଧ୍ୟା ଓ ପୂଜା ଆଦିରେ ପ୍ରାୟ ଆଠଟା ସାଢ଼େ ଆଠଟା ପର୍ଯ୍ୟନ୍ତ ବ୍ୟସ୍ତ ରହୁଥିଲେ । ପ୍ରାୟ ସାଢ଼େ ଆଠଟାରୁ ଗୋଟାଏ ପର୍ଯ୍ୟନ୍ତ ରୋଗୀମାନଙ୍କୁ ଦେଖିବାରେ ଲାଗୁଥିଲେ । ଖାଇସାରିଲା ପରେ ଅପରାହ୍ଣରେ ଚିକିତ୍ସା ଶାସ୍ତ୍ର ଓ ଧର୍ମଶାସ୍ତ୍ର ଆଦି ଅଧ୍ୟୟନ କରି ଚାରିଟା ବେଳୁଁ ଛଅଟା ବେଳ ପର୍ଯ୍ୟନ୍ତ ପୁଣି ରୋଗୀମାନଙ୍କୁ ଦେଖି ସନ୍ଧ୍ୟା ଛଅଟାରୁ ରାତି ସାଢ଼େ ଆଠଟା ପର୍ଯ୍ୟନ୍ତ ସତ୍ସଙ୍ଗ ଆଶ୍ରମରେ କଟାଉଥିଲେ ।

ଏଠାରେ ପ୍ରଶ୍ନ ହୋଇ ପାରେ ଡାକ୍ତର ପୂଜାରୀ ଦିନକୁ ପ୍ରାୟ ଚାରି ପାଞ୍ଚ ଘଣ୍ଟା ଦୁଇ ବେଳା ପୂଜା ଓ ଧର୍ମ ଚର୍ଚ୍ଚାରେ ବ୍ୟସ୍ତ ଥିଲାବେଳେ ଓ ମାସକୁ ତିନି ଦିନ କ୍ରମାଗତ ସହରରୁ ଅନୁପସ୍ଥିତ ଥିଲାବେଳେ, ଅତି ଆତୁର ରୋଗୀମାନଙ୍କର ଅବସ୍ଥା କ’ଣ ହେଉଥିବ ? ଏହା ଅତି ସ୍ୱାଭାବିକ ପ୍ରଶ୍ନ, କାରଣ ଓକିଲାତି ବା ଅନ୍ୟ ବ୍ୟବସାୟରେ ସମୟ ଉପରେ ଲୋକର ସମ୍ପୂର୍ଣ୍ଣ ଆୟତ୍ତ ଥାଏ; କିନ୍ତୁ ଚିକିତ୍ସକର ସୁବିଧା ଅସୁବିଧା ଅନୁସାରେ ରୋଗୀର ଆତୁରତା ତ କମିବ ନାହିଁ, ତେଣୁ ସାଧାରଣତଃ ଚିକିତ୍ସକ ଦିନରାତି ଚବିଶ ଘଣ୍ଟାରେ କାମପାଇଁ ପ୍ରସ୍ତୁତ ଥିବା ଦରକାର ।

ଡାକ୍ତର ପୂଜାରୀ; କିନ୍ତୁ ତାଙ୍କର କର୍ମ ସଙ୍ଗେ ସମୟକୁ ଅର୍ଥାତ୍ ଘଡ଼ିକୁ ମଧ୍ୟ ବ୍ରହ୍ମାର୍ପଣ କରି ଦେଇଥିଲେ ବୋଲି କହିଲେ ଅତ୍ୟୁକ୍ତି

ହେବ ନାହିଁ । ତାଙ୍କର ଅତି ଦୃଢ଼ ବିଶ୍ୱାସ ଥିଲା ଯେ ସେ ଉପାସନାରେ ଥିଲା ସମୟରେ ରୋଗୀ ନିକଟରେ ତାଙ୍କର ଅନୁପସ୍ଥିତି ଯୋଗୁଁ ରୋଗୀର କିଛି କ୍ଷତି ହେବ ନାହିଁ । 'ରଖେ ହରି ମାରେ କିଏ, ମାରେ ହରି ରଖେ କିଏ ?'

ତାଙ୍କର ପ୍ରାୟ ସବୁ ରୋଗୀଙ୍କର ମଧ୍ୟ ସେହି ବିଶ୍ୱାସ ଥିଲା ବୋଧେହୁଏ । ଅନେକ ତ ବିଶ୍ୱାସ କରୁଥିଲେ, ଡାକ୍ତର ପୂଜାରୀଙ୍କର ଉପାସନା ସମୟର ବିଳମ୍ବ ଯୋଗୁଁ ରୋଗୀର ମୃତ୍ୟୁ ଘଟେ ବା ରୋଗର ବୃଦ୍ଧି ହୁଏ, ତେବେ ସେପରି ଅବସ୍ଥାରେ ଅନ୍ୟ ଚିକିତ୍ସକ ଡକାଯାଇଥିଲେ ମଧ୍ୟ ପରିଣତି ସେଇଆ ହୋଇଥାନ୍ତା । ଏପରି ଉଦାହରଣ ମଧ୍ୟରୁ ସମ୍ବଲପୁରର ଶ୍ରୀ ଶଙ୍କରପ୍ରସାଦ ମିଶ୍ରଙ୍କର ବ୍ୟକ୍ତିଗତ ଅନୁଭୂତିରୁ ଗୋଟିଏ ଘଟନା ତଳେ ଦିଆଗଲା—

ଶ୍ରୀ ଶଙ୍କରପ୍ରସାଦ ମିଶ୍ରଙ୍କ ତୃତୀୟ ପୁତ୍ର, ଶ୍ରୀମାନ୍ ହରିପ୍ରସାଦ ଛାତ୍ର ଅବସ୍ଥାରେ ସାଇକେଲରେ ସକାଳେ ସ୍କୁଲକୁ ବାହାରିଲା ବେଳେ ବାଟରେ ମ୍ୟୁନିସିପାଲିଟି ଅଳିଅ ଗାଡ଼ିରେ ସାଇକେଲର ଧକ୍କା ପାଇ ମୁଣ୍ଡରେ ଜଖମ ହେଲା ଓ ସେ ମୂର୍ଚ୍ଛିତ ହୋଇ ପଡ଼ିଲେ । ତାଙ୍କୁ ଡାକ୍ତର ପୂଜାରୀଙ୍କ ପରାମର୍ଶ ଗୃହକୁ ନିଆଗଲା । ସେତେବେଳେ ଡାକ୍ତର ପୂଜାରୀ ଦେବ-ଉପାସନାରେ ମଗ୍ନ ଥିଲେ । ଡାକ୍ତରଙ୍କ ଅତିର ବନ୍ଧୁ ଶ୍ରୀ ଶଙ୍କରପ୍ରସାଦ ମିଶ୍ର ପୂଜା ଗୃହରୁ ଡକାଇବା ପାଇଁ ଯେତେ ବ୍ୟବସ୍ଥା କଲେ ସବୁ ବିଫଳ ହେଲା । ଏହି ସମୟରେ ବାଳକର ସାଂଘାତିକ ଅବସ୍ଥା ଦେଖି ସେଠାରେ ବହୁ ଲୋକ ଜମା ହେଲେ । ଡାକ୍ତର ପୂଜାରୀଙ୍କ ଉପାସନା ସମୟ ଯେତେବେଳେ ଶେଷ ହେଲା, ସେ ତାଙ୍କର ନିଭୃତ ଉପସନା ଗୃହରୁ ବାହାରି ପଚାରିଲେ, "ବାହାରେ କାହିଁର ଗୋଳମାଳ ?" ତାଙ୍କୁ ଯେତେବେଳେ କୁହାଗଲା ବନ୍ଧୁପୁତ୍ର ମୂର୍ଚ୍ଛିତା-ବସ୍ଥାରେ ପରାମର୍ଶ ଗୃହରେ ପଡ଼ିଛି, ସେତେବେଳେ ସେ ଭକ୍ତି ଗଦ୍‌ଗଦ୍

ସ୍ୱରରେ କହୁଥିଲେ, "ସଙ୍କଟର ଭଲମନ୍ଦ ବୁଝିବାପାଇଁ ଭଗବାନ୍ ଅଛନ୍ତି । କିଛି ଅନିଷ୍ଟ ହେବ ନାହିଁ ।" ଏହା ପରେ ସେ ହରିପ୍ରସାଦ ବାବୁଙ୍କର ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିଥିଲେ ।

ଡାକ୍ତର ପୂଜାରୀଙ୍କ ମତରେ ସ୍ୱାସ୍ଥ୍ୟ ହିଁ ଧର୍ମ ଅଟେ । "ସ୍ୱାସ୍ଥ୍ୟତାର ଅର୍ଥ କେବଳ ବାହ୍ୟ ବା ସଙ୍କୀର୍ଣ୍ଣ ନୁହେଁ । ଅଧିକରୁ ଅଧିକ ଅଭ୍ୟନ୍ତର ଓ ବାସ୍ତବିକ ଅସ୍ୱାସ୍ଥ୍ୟ ଦୂରୀକରଣ ଓ ସ୍ୱାସ୍ଥ୍ୟର ପୋଷଣ (ସକାରଣେ) ଧର୍ମର ନିୟମ ଓ କ୍ରିୟାର ପ୍ରୟୋଜନ ରହିଛି । ଅସ୍ୱାସ୍ଥ୍ୟତା କ'ଣ ? ଗୋଟିଏ ଶବ୍ଦରେ ତାହା ବହିର୍ମୁଖ ଗତି ବୋଲି କହାଯାଇପାରେ । ତା'ର ନିୟନ୍ତ୍ରଣ ହିଁ ଧର୍ମର କାର୍ଯ୍ୟ ।"

ଶାରୀରିକ ଚିକିତ୍ସା ଓ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟରକ୍ଷା ପରି ମାନସିକ ସ୍ୱାସ୍ଥ୍ୟରକ୍ଷା ପାଇଁ ଭଜନ, ଉପାସନା ଓ ସତ୍ସଙ୍ଗର ବ୍ୟବସ୍ଥା ସେ କରିଥିଲେ ।

ଶଙ୍କରାଚାର୍ଯ୍ୟ କହିଥିଲେ—

"କ୍ଷଣମିହ ସଜ୍ଜନ ସଙ୍ଗତିରେକା
ଭବତି ଭବାର୍ଣ୍ଣବ ତରଣେ ନୌକା ।"

ଯେଉଁମାନେ ଭବସାଗର ପାର ହେବାକୁ ଅଗ୍ରହୀ ନୁହନ୍ତି, ସେମାନେ ମଧ୍ୟ ଶୁଦ୍ଧ ପୂତ ଜୀବନର ଆଦର୍ଶ ଦେଖି ପ୍ରଭାବିତ ହୋଇଥାନ୍ତି, ଏ କଥା ଡାକ୍ତର ପୂଜାରୀଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନେ ଅନୁଭବ କରି ପାରୁଥିବେ ।

ଭାରତବର୍ଷ ଆଜି ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଛି; କିନ୍ତୁ ଡାକ୍ତର ପୂଜାରୀଙ୍କ ମତରେ ଭାରତର ମର୍ମ ବା ଜୀବନଗ୍ରନ୍ଥି ତା'ର ଧର୍ମ । ୧୯୫୮ ସାଲ ସମ୍ବଲପୁର ବୈଦ୍ୟସମ୍ମିଳନୀରେ ସେ କହିଥିଲେ ।

"ପିଲାବେଳେ ଆଈ ବୁଢ଼ିଙ୍କଠାରୁ ଗୋଟିଏ ଗଳ୍ପ ଶୁଣିଥିଲି—ଗୋଟିଏ ବୁଢ଼ୀ ରାକ୍ଷସୁଣୀର ପ୍ରାଣ ତା ମୁଣ୍ଡର ଗୋଟିଏ ବାଳରେ ଥିଲା—ସେ ତାହା ଗୋଟିଏ ଫରୁଆ ଭିତରେ ରଖି ଗୋଟିଏ ଜଳାଶୟର ପାଣି ଭିତରେ ଲୁଚାଇ ରଖି ଦେଇଥାଏ—ସେହି ମର୍ମ କେହି ଜାଣନ୍ତି ନାହିଁ । ତାକୁ ମାରିବା ପାଇଁ କେତେ ଚେଷ୍ଟା ହେଲା । ତାକୁ ହାଣି କାଟି ଖଣ୍ଡ ଖଣ୍ଡ କରି ଛିଣ୍ଡାଇ ପକାଇଲେ ମୁଦ୍ଧା ସେ ପେର କେଉଁଆଡୁ ଆସି ହାଜର ହୋଇଯାଏ । ଜଳାଶୟରେ ରକ୍ଷିତ ବାଳଟି ନଷ୍ଟ ନ ହେବାଯାଏ ସେ ମରେ ନାହିଁ ।" ସେହିପରି ଭାରତର ମର୍ମ ବା ଜୀବନଗ୍ରନ୍ଥି ତା'ର ଧର୍ମ ! ସେଥିପାଇଁ ନାନା ପ୍ରତିକୂଳ ପରିସ୍ଥିତିରେ ହଜାର ହଜାର ବର୍ଷର ପ୍ରତିକୂଳ ପରିସ୍ଥିତି, ଦାସତ୍ୱ, ପରାଧୀନତା, ବହୁବିଧ ଅତ୍ୟାଚାର ତାକୁ ମାରି ପାରି ନାହିଁ ।

ହିନ୍ଦୁଧର୍ମ ଆଜିକାଲି ହିନ୍ଦୁମାନଙ୍କଦ୍ୱାରା ଅଧିକ ଉପେକ୍ଷିତ । ଡାକ୍ତର ପୂଜାରୀ ହିନ୍ଦୁଧର୍ମର ବିଶିଷ୍ଟତା ବିଷୟରେ ତାଙ୍କର ପୁସ୍ତିକା 'ସତ୍ ପ୍ରସଙ୍ଗ'ରେ ଆଲୋଚନା କରି ନିମ୍ନ ବାରଟି ବିଶିଷ୍ଟତା ଉଲ୍ଲେଖ କରିଛନ୍ତି—

୧। ଧର୍ମ ଅନ୍ୟ ସମସ୍ତ ପୁରୁଷାର୍ଥର ପ୍ରଧାନ ସାଧନ ଓ ସ୍ୱୟଂ ପୁରୁଷାର୍ଥ ଅଟେ ।

୨। ଆତ୍ମାର ଏକତ୍ୱ ଓ ସଚ୍ଚିଦାନନ୍ଦ ସ୍ୱରୂପର ଅନୁଭୂତି ହିଁ ପରମ ଶାନ୍ତି ଅଟେ ।

୩। ସର୍ବଦା ସର୍ବଶକ୍ତିମାନ୍ ଏବଂ ପରମ କାରୁଣିକ ଭଗବାନ୍ ଆପଣାର ଭକ୍ତର ଇଚ୍ଛା ପୂର୍ଣ୍ଣ ନ କରି ରହି ପାରନ୍ତି ନାହିଁ ।

୪। ଆପଣାର କୃତ ଫଳ ଅବଶ୍ୟ ଭୋଗିବାକୁ ପଡ଼ିବ ।

୫ । ଆପଣାର ଶାରୀରିକ, ମାନସିକ ଏବଂ ଆତ୍ମିକ ଜୀବନକୁ ସୁସ୍ଥ କରିବା ସକାଶେ ପରଲୋକ ଦେବତା ଓ ପିତରଙ୍କ ପୂଜା ଏକାନ୍ତ ଆବଶ୍ୟକ ଅଟେ ।

୬ । ନିୟମର ବନ୍ଧନ ହିଁ ମୁକ୍ତିର ହେତୁ ଅଟେ ।

୭ । ଜୀବନର ପୂର୍ଣ୍ଣତା ସକାଶେ ଜନ୍ମର ପୂର୍ବରୁ ଜନ୍ମ ହେଲା ପରେ ଓ ମୃତ୍ୟୁର ପରେ ମଧ୍ୟ ସାବଧାନତା ରଖିବା ଉଚିତ ।

୮ । ଆହାର-ଶୁଦ୍ଧି ହିଁ ସଂଯମ ଓ ସଦ୍‌ଭାବନାର ଜନନୀ ଅଟେ ।

୯ । ନାରୀଜାତିର ଆଧ୍ୟାତ୍ମିକ ପୂର୍ଣ୍ଣତାର ସକାଶେ ଗୋଟିଏ ପୁରୁଷର ଅନନ୍ୟୋପାସନା ପରମାବଶ୍ୟକ ଅଟେ ।

୧୦ । ଭାବନାର ଦୃଢ଼ତା ହିଁ ଭଗବାନଙ୍କୁ ପ୍ରକଟ କରିଥାଏ ।

୧୧ । ଅନ୍ୟ ଧର୍ମର ବିରୋଧ ପତନର କାରଣ ଅଟେ ।

୧୨ । ଯା'ର ଧର୍ମତତ୍ତ୍ୱର ଜିଜ୍ଞାସା ଅଛି ବା ଯେ ଧର୍ମ-ତତ୍ତ୍ୱର ଜିଜ୍ଞାସୁ, ସେହି ଧର୍ମର ରହସ୍ୟ ବୁଝି ପାରିବ ।

ଡାକ୍ତରଙ୍କ ବୈରାଗ୍ୟ ହେଲେ ଅନ୍ତର୍ଦ୍ଧ୍ୱନ୍ଦ୍ୱ ହେବା ସ୍ୱାଭାବିକ । ଜଣେ ଡାକ୍ତରଙ୍କୁ ବହୁ ଲୋକଙ୍କର ମୃତ୍ୟୁ ଦେଖିବାକୁ ହୁଏ ଓ ମନରେ ସ୍ୱତଃ ଧାରଣା ହୁଏ ଯେ "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହ୍‌ଣାତି ନରୋଽପରାଣି" ଅତଏବ 'ଧୀରସ୍ତତ୍ର ନ ମୁହ୍ୟତି ।' ମର ଶରୀର ତ ନିଶ୍ଚୟ ଦିନେ ବିନଷ୍ଟ ହେବ ଅତଏବ ସେଥିପାଇଁ ଚିନ୍ତା କ'ଣ ? ଏହା ଫଳରେ ଲୋକର ମନରେ କର୍ତ୍ତବ୍ୟରେ ଅନାସକ୍ତି ମଧ୍ୟ ଆସି ପାରେ । ମାତ୍ର ଅନ୍ୟ ପକ୍ଷରେ ଦୟା । "କାମୟେ ଦୁଃଖତପ୍ତାନାଂ

...ର୍ତ୍ତିନାଶନମ୍ ।’’ ଯେଉଁଠା କି ଚିକିତ୍ସକ ପକ୍ଷରେ କେବଳ କାମନା ବା ପ୍ରାର୍ଥନାରେ ପର୍ଯ୍ୟବସିତ ନ ରହି, ଔଷଧଦାନଠାରୁ ଶଲ୍ୟ ଚିକିତ୍ସା ପର୍ଯ୍ୟନ୍ତ କଠୋର କର୍ତ୍ତବ୍ୟରୂପେ ରହେ । ଡାକ୍ତର ପୂଜାରୀ ଏ ସମସ୍ୟାର ସମାଧାନ କରିଥିଲେ ନିଜକୁ ଚିକିତ୍ସାରେ ନିମିତ୍ତମାତ୍ର ଅର୍ଥାତ୍ ବୈଦ୍ୟନାଥ ଭଗବାନଙ୍କର ଯନ୍ତ୍ରରୂପେ କଳ୍ପନା କରି । ଡାକ୍ତର ବହୁରୋଗୀ ମଧ୍ୟରୁ ସାଧାରଣ ରୋଗୀ ମରିଯିବାର ଦେଖିଲେ ଯେପରି ନିର୍ଲିପ୍ତ ରହିପାରେ, ଡାକ୍ତର ପୂଜାରୀ ନିଜର ଦୁଇଟି ଝିଅ ପ୍ରଥମ ଯୌବନରେ ନିଜ ଆଖି ଆଗରେ ମରିବାର ଦେଖି ସେଭଳି ନିର୍ଲିପ୍ତ ଥିଲେ । ନିଜର ମୃତ୍ୟୁ ଆସନ୍ନ ଜାଣି ସୁଦ୍ଧା ଓ ପତ୍ନୀଙ୍କର ଦୁରାରୋଗ୍ୟ ବ୍ୟାଧି ଜାଣି ସୁଦ୍ଧା ସେ ଅନ୍ତକାଳରେ ଯେପରି ଅନାସକ୍ତ ଅବିଚଳିତ ଥିଲେ, ସେଥିରୁ ତାଙ୍କର ସ୍ଥିତପ୍ରଜ୍ଞତାର ପରିଚୟ ମିଳେ ।

# ଅନ୍ତିମ ଜୀବନ

"ଜୀବର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି"।

ବ୍ରତରେ ଅଟଳ ରହିବା ଡାକ୍ତର ସୁଜାତାଙ୍କର ଧର୍ମ ଥିଲା। ମହାତ୍ମା ଗାନ୍ଧୀଙ୍କର ଆତ୍ମଚରିତରେ ତାଙ୍କର ମାଆଙ୍କର ବର୍ଷାଦିନର ଉପବାସ ବିଷୟରେ ଗୋଟିଏ ଗଳ୍ପ ଅଛି। ଗାନ୍ଧିଜୀଙ୍କର ମାଆ ଉପବାସ କରି ସୂର୍ଯ୍ୟ ନ ଦେଖିଲେ ଅନ୍ନ ଗ୍ରହଣ ନ କରିବାର ସଙ୍କଳ୍ପ କରିଥିଲେ। ପୁଅ ମାଆଙ୍କର ହିତପାଇଁ ବରାବର ଆକାଶ ଆଡ଼େ ଅନାଇ ଥାନ୍ତି। ମେଘ ଭିତରୁ ସୂର୍ଯ୍ୟ ଥରେ ଦେଖା ଦେଲାରୁ ମାଆଙ୍କୁ ଯାଇ କହିଲେ, ମାଆ ଆସି ଦେଖନ୍ତି ତ ସୂର୍ଯ୍ୟ ପୁଣି ମେଘ ଭିତରେ ଅଦୃଶ୍ୟ। ପୁଅଙ୍କର ସୂର୍ଯ୍ୟ ଦେଖାରେ ସେ ନିଜର ବ୍ରତ ଭଙ୍ଗ କଲେ ନାହିଁ ଓ କହିଲେ ମୋର "ସୂର୍ଯ୍ୟ ଦେଖି ଏବେ ଅନ୍ନ ଗ୍ରହଣ କରିବାର ଭଗବାନଙ୍କର ଇଚ୍ଛା ନୁହେଁ।" ଡାକ୍ତର ସୁଜାତା ବ୍ରତରେ ସେହିପରି ଦୃଢ଼ପ୍ରତିଜ୍ଞ ଥିଲେ। ନିୟମିତ ଉପାସନା, ସନ୍ଧ୍ୟାରେ ସତ୍‌ସଙ୍ଗ ଓ ମାସରେ ତିନିଦିନ ସମ୍ବଲପୁରରୁ ଚଉଦମାଇଲ ଦୂରରେ ବଉଁଶଗ ଗାଁରେ ଥିବା 'କଲ୍ୟାଣ ଆଶ୍ରମ'କୁ ଯିବା ବ୍ରତରେ ସେ ବ୍ୟତିକ୍ରମ କରୁ ନ ଥିଲେ। ତୀର୍ଥଯାତ୍ରା-ଜନିତ ଅନୁପସ୍ଥିତି ଛାଡ଼ିଦେଲେ।

ମୃତ୍ୟୁର ଠିକ ଚାରିମାସ ପୂର୍ବରୁ ସେ ଅନୁଭବ କରିଥିଲେ ତାଙ୍କର ପରିଶ୍ରମ ବୟସକୁ ବଳି ଯାଉଛି; କିନ୍ତୁ କର୍ତ୍ତବ୍ୟ ଅଛି । ରୋଗୀ ଅଛନ୍ତି । ଉପାସନା ଅଛି, ସତ୍ସଙ୍ଗ ଅଛି, ଦଶହରା ମାସରେ ଉପବାସ କରିବାକୁ ହୁଏ । ହଠାତ୍ ଦିନେ ତାଙ୍କର ଛାତିରେ ଭୀଷଣ ଦରଦ ହେଲା ସକାଳ ବେଳେ । ପୂଜା ବନ୍ଦ କରି ଶୋଇବାକୁ ପଡ଼ିଲା । ଡାକ୍ତରମାନେ ଆସି ପରୀକ୍ଷା କରି ଦେଖିଲେ, 'Coronary thrombosis !' ୬୮ ବର୍ଷ ବୟସରେ ଅସ୍ୱାଭାବିକ କିଛି ନୁହେଁ । ଯଥେଷ୍ଟ କାଳ ବିଶ୍ରାମ ନେଲେ ପୁଣି ସ୍ୱାଭାବିକ ସ୍ୱାସ୍ଥ୍ୟ ଫେରି ଆସିବ । ଡାକ୍ତର ପୂଜାରୀ କିଛି ସୁସ୍ଥ ହେଲା ପରେ ହସିଦେଇ କହିଲେ, "ଛୁଟିର ଘଣ୍ଟି ବାଜିଲା । ଧୋତି ଚିରି ଯାଇଛି । ଆଉ ବେଶୀଦିନ ଯିବ ନାହିଁ । ଜୀର୍ଣ୍ଣବାସ ତ୍ୟାଗ କରି ନୂତନ ବସ୍ତ୍ର ବଦଳାଇବାକୁ ହେବ ।" ଗରିବ ଲୋକ ଲୁଗା ସିଲେଇ କରି ଦୁଇ-ଚାରି ମାସ ଅଧିକ ଚଳେଇ ନେବାକୁ ଚାହେଁ । ଧନୀ ଲୋକ ସେହିଠି ଲୁଗା ବଦଳାଇ ଦିଏ । ଡାକ୍ତର ପୂଜାରୀ ବହୁବର୍ଷ ଧରି ଚିକିତ୍ସା କାର୍ଯ୍ୟ କରି ଶରୀରର ମରତ୍ୱ ଜାଣିଥିଲେ, କେଉଁଠି ହୃତ୍ପିଣ୍ଡର ଗୋଳମାଳ ହୋଇଛି ଜାଣିଥିଲେ କ'ଣ କଲେ ପୁଣି ପୂର୍ବ ଅବସ୍ଥାକୁ ଆସି ପାରିବେ ଜାଣିଥିଲେ; କିନ୍ତୁ ନିଜ ଶରୀରରେ ତାଙ୍କର ମମତା ନ ଥିଲା । ପତ୍ନୀ ଗୁରୁତର ବ୍ୟାଧିଗ୍ରସ୍ତା, ସେ ଆଡ଼େ ମଧ୍ୟ ମମତା ନାହିଁ । ଯେତିକି ବିଶ୍ରାମ ଦରକାର ସ୍ୱାସ୍ଥ୍ୟ ଫେରି ପାଇବାକୁ ତାହା ସେ ନେଲେ ନାହିଁ । ଫେରି ଦୀପାବଳୀ ଅମାବାସ୍ୟାକୁ ଆଉ ଥରେ ହୃଦ୍‌ରୋଗ ଆକ୍ରମଣ କଲା । ଏକାଧିକବାର ଏତେ ଅଳ୍ପ ସମୟ ବ୍ୟବଧାନରେ ହୃଦ୍‌ରୋଗର ଆକ୍ରମଣ ଲୋକକୁ ଅଧିକ ସତର୍କ କରି ଦେବାର କଥା; କିନ୍ତୁ ଡାକ୍ତର ପୂଜାରୀ ସତର୍କ ହେଲେ ନାହିଁ । କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଦିନ 'କଲ୍ୟାଣ ଆଶ୍ରମ'କୁ ଯିବାର ଦିନ । ନିଜର ଅବସ୍ଥା ବିଷୟରେ ଡାକ୍ତର ହିସାବରେ ସମ୍ପୂର୍ଣ୍ଣ ସଚେତନ ଥିଲେ ସୁଦ୍ଧା ତାଙ୍କର ବ୍ରତ-ପାଳନ ପାଇଁ ସେ 'କଲ୍ୟାଣ ଆଶ୍ରମ'କୁ ଗଲେ ।

ପୂର୍ବେ ଯତିମାନେ, ବାନପ୍ରସ୍ଥମାନେ, ପରିବାରଠାରୁ ବହୁ ଦୂରରେ ସମସ୍ତଙ୍କର ଅଜ୍ଞାତରେ ତନୁତ୍ୟାଗ କରୁଥିଲେ । ଶ୍ରୀ ରାମଚନ୍ଦ୍ର, କୃଷ୍ଣ ଚନ୍ଦ୍ର, ଯୌବନରେ ଯେଉଁମାନେ ବିଳାସର ବାତାବରଣରେ, ରାଜ୍ୟ ସମ୍ଭୋଗ କରୁଥିଲେ, ମୃତ୍ୟୁ ପୂର୍ବରୁ ସେମାନେ ମରଣକୁ ଖୋଜିବାକୁ ଯାଇଛନ୍ତି ଅଜଣା ଅରଣ୍ୟକୁ । 'କଲ୍ୟାଣ ଆଶ୍ରମ'ରେ ଶେଷ ଥର ପାଇଁ ଅବସ୍ଥାନ କାଳରେ ତାଙ୍କର ସ୍ୱାସ୍ଥ୍ୟ ଭଲ ନ ଥିଲା । ସେ ସେଠାକୁ ଯାଇ ନ ଥିଲେ ହୁଏତ ତାଙ୍କର ସ୍ୱାସ୍ଥ୍ୟର ଗତି ଏତେ ଶୋଚନୀୟ ହୋଇ ନ ଥାନ୍ତା ।

'କଲ୍ୟାଣ ଆଶ୍ରମ'ରୁ ଫେରିଲା ପରେ ଡାକ୍ତର ପୂଜାରୀଙ୍କର ଅବସ୍ଥା ସଙ୍କଟଜନକ ହୋଇ ପଡ଼ିଲା । ହୃଦ୍‌ଯନ୍ତ୍ରଣାରେ ସେ ବହୁତ କଷ୍ଟ ପାଇଲେ । ଡାକ୍ତରମାନେ ସବୁବେଳେ ତାଙ୍କ ପାଖରେ ରହିଲେ । ଶେଷରେ କଲିକତା ମେଡ଼ିକାଲ କଲେଜର ତାଙ୍କର ବନ୍ଧୁ ଡାକ୍ତର ନଳିନୀରଞ୍ଜନ ସେନ୍‌ଗୁପ୍ତଙ୍କୁ ଡକାଗଲା । ଡାକ୍ତର ସେନଗୁପ୍ତ ଆସି ଦେଖିଲେ ଅବସ୍ଥା ଖରାପ । ଔଷଧ ବ୍ୟବସ୍ଥା କଲେ । କହିଲେ," ଓହେ ଜନାର୍ଦ୍ଦନ । ତୁମି ନିଷ୍କାମ ସେବା କରେ ଏସେଛୋ । ଏବାର ଏକ୍‌ଟୁ ସକାମ ହତେ ଶେଖୋ । ତୋମାର ଦରକାର R. E. S. T. ଆର ଦଶ ବଛର ବାଁଚବେ । ଲୋକେର ଅନେକ ସେବା କରବେ ।"

ଡାକ୍ତର ପୂଜାରୀଙ୍କର ରୋଗ ସମୟରେ ପ୍ରତିଦିନ ଶତ ଶତ ସଂଖ୍ୟାରେ ଲୋକ ସ୍ତ୍ରୀ ପୁରୁଷ ତାଙ୍କୁ ଦେଖିବାକୁ ଆସୁଥିଲେ । ଦୁଃଖର ବିଷୟ ରୋଗୀ ସଙ୍ଗରେ ଯେଉଁ ପରିସ୍ଥିତିରେ କଥାବାର୍ତ୍ତା କରିବା ବା ସାକ୍ଷାତ୍‌କାର କରିବା ମୋଟେ ବାଞ୍ଛନୀୟ ନୁହେଁ, ସେହି ପରିସ୍ଥିତିରେ ମଧ୍ୟ ଆମେ ଭାବୁଁ "କେମିତି ଅଛନ୍ତି ?" ବୋଲି ନ ପଚାରିବା ଭଲ ଦେଖାଯିବ ନାହିଁ । ଲୋକଙ୍କ ସହିତ ଆଳାପରେ କିନ୍ତୁ ଡାକ୍ତର ପୂଜାରୀ କେବେ ବିବ୍ରତ ବା ଚିନ୍ତିତ ନ ଥିଲେ ।

ଡାକ୍ତର ସେନଗୁପ୍ତ ସମ୍ବଲପୁରରୁ ଆସିବା ପରେ ଡାକ୍ତର ପୂଜାରୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତିର ଉପକ୍ରମ ହେଲା; କିନ୍ତୁ ସ୍ଥାନୀୟ ଡାକ୍ତରମାନଙ୍କୁ ଡାକ୍ତର ସେନଗୁପ୍ତ ସାବଧାନ କରାଇ ଦେଇଥିଲେ ଯେ ଯଦି ଆଉ ଥରେ ହୃଦ୍‌ରୋଗ ଆକ୍ରମଣ କରେ, ତାହା ହେଲେ ତାହା ନିଶ୍ଚୟ ମାରାତ୍ମକ ହେବ ।

ଡାକ୍ତର ପୂଜାରୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବାର ଦେଖି ସମସ୍ତେ ଆଶ୍ୱସ୍ତ ହେଲେ । ତାଙ୍କର ସ୍ୱାସ୍ଥ୍ୟ ସାଧାରଣ ଅବସ୍ଥାକୁ ଫେରି ଆସିଛି ମନେ କରି ତାଙ୍କର ଦୁଇ ବଡ଼ ଝିଅ ସମ୍ବଲପୁରରୁ ବାହାରି ଗଲେ, ତାଙ୍କର ସାନ ପୁଅ ଯତୀନ୍ଦ୍ର ମଧ୍ୟ ବଲାଙ୍ଗୀରକୁ ଚାକିରି କରିବା ପାଇଁ ଚାଲିଗଲେ ।

ଡିସେମ୍ବର ୫ ତାରିଖ ମଙ୍ଗଳବାର ମାର୍ଗଶୀର କୃଷ୍ଣ ତ୍ରୟୋଦଶୀ ଦିନ ତାଙ୍କର ଅସାଧାରଣ ପ୍ରଫୁଲ୍ଲତା ଦେଖାଗଲା । ଘରୁ ସବୁ ଔଷଧ ଆଲମାରି ଆଦି ବାହାର କରି ଦେଇ ଶ୍ରୀକୃଷ୍ଣ ମୂର୍ତ୍ତି ତାହାଙ୍କର ସାମନାରେ ରଖାଇଲେ ଓ ସମସ୍ତଙ୍କ ସଙ୍ଗରେ ହସି ଖୁସିରେ କଥାବାର୍ତ୍ତା କଲେ । ରାତିରେ କୃଷ୍ଣଙ୍କର ପ୍ରତିମୂର୍ତ୍ତି ଭଲ ଦେଖା ନ ଯିବାରୁ ତାହା ଆଉ ଟିକିଏ ଟେକି ଦେବା ପାଇଁ କହିଲେ । ରାତି ପ୍ରାୟ ନଅଟା ବାଜି ପନ୍ଦର ମିନିଟ୍ ସମୟରେ ସେ ଭଗବନ୍ନାମ ସ୍ମରଣ କରି ଜୀବନତ୍ୟାଗ କଲେ । ଶ୍ରୀମଦ୍‌ଭଗବଦ୍ ଗୀତାରେ ଅଛି :—

"ଅନ୍ତକାଳେ ଚ ମାମେବ ସ୍ମରନ୍ମୁକ୍ତ୍ୱା କଳେବରମ୍
ଯଃ ପ୍ରୟାତି ସ ମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ।"

ଡାକ୍ତର ପୂଜାରୀଙ୍କ ଜୀବନ ଯେପରି ଭଗବାନଙ୍କର ଭକ୍ତି ଓ ଜ୍ଞାନରେ କଟିଥିଲା, ମୃତ୍ୟୁ ସମୟରେ ମଧ୍ୟ ଭଗବାନଙ୍କର ନାମ ନେଇ ସେ ଇହଧାମ ତ୍ୟାଗ କଲେ ।

ତାଙ୍କର ମୃତ୍ୟୁସମ୍ବାଦ ଦାବାନଳ ପରି ସାରା ସହରରେ ଅଳ୍ପ କାଳ ମଧ୍ୟରେ- ବ୍ୟାପିଗଲା ଓ ଗୃହଅଙ୍ଗେ ଶୋକର ଛାୟା ଖେଳିଗଲା । ବ୍ରାହ୍ମଣ ପଡ଼ାର ନିୟମ ଅନୁସାରେ ରାତିରେ ଘରେ ମୃତ ଦେହ ରଖନ୍ତି ନାହିଁ । ତେଣୁ ଡାକ୍ତର ପୂଜାରୀଙ୍କ ନଶ୍ୱର ଶରୀରକୁ ନିକଟବର୍ତ୍ତୀ ମହା-ଦେବ ମନ୍ଦିର ସମ୍ମୁଖକୁ ନିଆଯାଇ, ସାରା ରାତି ସେଠାରେ ନାମ ସଙ୍କୀର୍ତ୍ତନ କରାଗଲା । ସକାଳେ ପ୍ରାୟ ପାଞ୍ଚ ହଜାର ଲୋକଙ୍କର ଏକ ଶୋକ-ଯାତ୍ରାରେ ଡାକ୍ତର ପୂଜାରୀଙ୍କୁ ସହରର ଗୃହଅଙ୍ଗେ ନିଆଗଲା ଓ ଡାକ୍ତର ପୂଜାରୀଙ୍କ ମୃତ ଦେହ ଉପରେ ପୁଷ୍ପ ବୃଷ୍ଟି ଓ ମାଲ୍ୟାର୍ପଣ ରାସ୍ତାରେ ବହୁସ୍ଥାନରେ କରାଗଲା । ପ୍ରାୟ ନଅଟା ବେଳେ ତାଙ୍କର ମର ଦେହ ଚିତା ଭସ୍ମସାତ୍ ହେଲା ।

ଜୀବନ ପରେ ମୃତ୍ୟୁ ଅବଶ୍ୟମ୍ଭାବୀ; କିନ୍ତୁ ଯେ କୌଣସି ମନୁଷ୍ୟର ମୃତ୍ୟୁ ପରେ ସାଧାରଣ ହିସାବୀ ମନୁଷ୍ୟ ପ୍ରଶ୍ନ କରେ, ଲୋକଟି ଜୀବନରେ କ'ଣ ନେଇଛି ଓ କ'ଣ ଦେଇଛି ? ପ୍ରତି ଦିନର ଭୋଜନ ଓ ଦୈନନ୍ଦିନ ଅଭାବ ମୋଚନ ପାଇଁ ଅର୍ଥ ଉପାର୍ଜନ କରି ଲୋକ ସମାଜରୁ ଯାହା ନିଏ, ତା'ର ବଦଳରେ ସେ ସମାଜକୁ ଦିଏ କ'ଣ ? ଯେଉଁ ଲୋକ ଯେତେ ବେଶୀ ଦିଏ, ଲୋକେ ତା'ର ମୃତ୍ୟୁରେ ସେତିକି ଝୁରି ହୁଅନ୍ତି । ଡାକ୍ତର ପୂଜାରୀଙ୍କ ଶରୀର ନଶ୍ୱର ଥିଲା, ଆଜି ନ ହେଲେ ଆଉ ଦିଶ କୋଡ଼ିଏ ବର୍ଷ ପରେ ତାହିଁଉ ଅନ୍ତ ଘଟିଥାନ୍ତା; କିନ୍ତୁ ଏହି ଜୀବନରେ ସେ ସମାଜ ପାଇଁ [ଅନ୍ୟ ଲୋକଙ୍କ ପାଇଁ ଯାହା କରିଛନ୍ତି, ସେଥିପାଇଁ ଲୋକେ ତାଙ୍କୁ ଝୁରୁଛନ୍ତି ।

ଜୀବନରେ ଈଶ୍ୱରଙ୍କ ଉପରେ ଅସୀମ, ଅଟଳ ବିଶ୍ୱାସ ରଖି ତାଙ୍କର ପ୍ରେରଣାରେ ସେ ଜୀବନ ଯାପନ କରୁଥିଲେ । ସେଥିପାଇଁ ସେ ଇଂରେଜ କବିଙ୍କ ଭାଷାରେ କହି ପାରୁଥିଲେ :—

Courage, brother, do not stumble,
Though thy Path be dark as night
There is a star to guide the humble
Trust in God and do the right.
Some will hate thee, Some will love thee
Some will flatter, some will slight
Cease from men and look above thee
Trust in God and do the right.

କିନ୍ତୁ ମନୁଷ୍ୟ ଜୀବନର ସାର୍ଥକତା କେବଳ ମୃତ୍ୟୁ ପରେ ଲୋକପ୍ରିୟତାରେ ସୀମିତ ନୁହେଁ । ଲୋକୋକ୍ତି ଅଛି :—

“ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି ।”

ଏ ଉକ୍ତିର ଆଉ ଗୋଟିଏ ଦିଗ ଅଛି । ସାଧାରଣ ଲୋକ ବା ଧର୍ମପରାୟଣ ଲୋକ ମଧ୍ୟ ଅନ୍ତିମ କାଳ ଉପସ୍ଥିତ ହେବା ଜାଣି ପାରିଲେ ବିଦାୟ ନେବା ପୂର୍ବରୁ ସ୍ତ୍ରୀ, ପୁତ୍ର ବିଷୟ ସମ୍ପତ୍ତିର ବ୍ୟବସ୍ଥା କରିଯାଏ । ତା’ର କୌଣସି ସ୍ୱତନ୍ତ୍ର ଆସକ୍ତି ଥିଲେ ତାହା ସୁସ୍ପଷ୍ଟ ହୋଇପଡେ; କିନ୍ତୁ ସାଂସାରିକ ବିଷୟରେ ଅନାସକ୍ତ ଡାକ୍ତର ପୂଜାରୀଙ୍କ ଅନ୍ତିମ କାଳରେ ଯେପରି ଅତି ସ୍ପଷ୍ଟ ଜଣା ପଡ଼ୁଥିଲା, ତହିଁରୁ ତାଙ୍କର ସ୍ଥିତପ୍ରଜ୍ଞତାର ସର୍ବୋତ୍କୃଷ୍ଟ ପରିଚୟ ମିଳେ । ଏଠାରେ ଡାକ୍ତର ପୂଜାରୀଙ୍କର ‘ଗୀତାର୍ଥ ଦୀପିକା’ର କେତେ ପଙ୍‌କ୍ତି ଉଦ୍ଧାର କରାଯାଉଛି :—

ଛାନ୍ଦୋଗ୍ୟାଦ ଶ୍ରୁତିରେ ଅଛି—“ଯଥା କ୍ରତୁରସ୍ମିନ୍ ଲୋକେ ପୁରୁଷୋ ଭବତି, ଯଥେତଃ ପ୍ରେତ୍ୟ ଭବତି’ ‘ପ୍ରାଣସ୍ତେଜସା ଯୁକ୍ତା

ଯଥା ସଙ୍କଳ୍ପିତଂ ଲୋକଂ ନୟତି । ମନୁଷ୍ୟର ଯେଉଁପରି ଇଚ୍ଛା ଅର୍ଥାତ୍ ସଙ୍କଳ୍ପ ହୋଇଥାଏ, ସେହି ଅନୁସାରେ ମୃତ୍ୟୁର ପରେ ଗତି ହୋଇଥାଏ । ଏହି ସଙ୍କଳ୍ପ ମୃତ୍ୟୁ ସମୟରେ ସେତେବେ ଯାଇ ଦୃଢ଼ ରହିପାରେ, ଯେବେ ସାରା ଜୀବନ ଭରି ଏହି ଭାବରେ ଭାବିତ ହୋଇ ସେ ବ୍ୟତୀତ କରେ । କାହିଁକି ନା ମୃତ୍ୟୁରୂପୀ ଭୀଷଣ ସନ୍ଧି ସମୟରେ ସୂକ୍ଷ୍ମ ଶରୀର ସ୍ୱଭାବତଃ କିଛି ଦୁର୍ବଳ ହୋଇ ପଡ଼େ ଓ ଦୁର୍ବଳ ଚିତ୍ତରେ ପ୍ରାରବ୍ଧରୂପେ ସେହି ସଂସ୍କାର ତା'ର ସାମନାକୁ ଆସି ପଡ଼େ, ଯାର ବେଗ ବହୁକାଳ ପୂର୍ବରୁ ତା'ର ଚିତ୍ତରେ ଦୃଢ଼ ହୋଇଥିଲା । ଅତଏବ ଏହି ଭାବନା ଏକାନ୍ତ ବୃଥା ଯେ, ସାରା ଜୀବନ ଯାହା ଖୁସି ତାହା କରିବୁଁ ଓ ମୃତ୍ୟୁ ସମୟରେ ପରମାତ୍ମାଙ୍କର ଚିନ୍ତନ କରି ପରମ ଗତି ପାଇଯିବୁଁ । ଏପରି ହେବାର କଦାପି ସମ୍ଭବ ନୁହେଁ । ଏଥିପାଇଁ ଶ୍ଳୋକରେ 'ସଦା ତଦ୍ଭାବଭାବିତଃ' ଅର୍ଥାତ୍ ସବୁ ସମୟରେ ଯେଉଁ ଭାବରେ ଚିତ୍ତ ଭାବିତ ରହେ, ତାହାରି ଅନୁଯାୟୀ ଗତି ମିଳିଥାଏ ବୋଲି କୁହା ହୋଇଛି ଓ ସେଥିପାଇଁ ଅର୍ଜ୍ଜୁନଙ୍କୁ ମଧ୍ୟ ଶ୍ରୀ ଭଗବାନ୍ ସର୍ବଦା ତାଙ୍କୁ ସ୍ମରଣ ରଖି ଯାହା କିଛି ସବୁ ତାଙ୍କଠାରେ ସମର୍ପଣ କରି ସ୍ୱଧର୍ମ ପାଳନ କରିଯିବାକୁ ଉପଦେଶ କରିଛନ୍ତି ।"

(ଗୀତା — ଅଷ୍ଟମ ଅଧ୍ୟାୟ ସପ୍ତମ ଶ୍ଳୋକ)

ମୃତ୍ୟୁକାଳ ମନୁଷ୍ୟର ଧର୍ମପ୍ରବଣତାର କଷଟି ପଥର ବୋଲି ଉପରି ଲିଖିତ ସନ୍ଦର୍ଭରୁ ଜଣାଯାଏ । ସେହି କଷଟି ପଥରରେ ଡାକ୍ତର ପୂଜାରୀ ଖାଣ୍ଟି ସୁନା ବୋଲି ପ୍ରମାଣିତ ହେଲେ । ସାଧାରଣ ଲୋକ ଘରୁ କିଛି ଦିନ ପାଇଁ କଲିକତା ବା ଅନ୍ୟ ସହରକୁ ଗଲେ ଯାହା, ଡାକ୍ତର ପୂଜାରୀଙ୍କ ପକ୍ଷରେ ପରିବାର ଓ ପରିଜନଙ୍କଠାରୁ ଚିର ବିଦାୟ ନେବା ସେହି ପ୍ରକାର ଥିଲା । ଚିରି ଲୁଗା ଉପରେ ଲୋକର ଯେତିକି ମମତା ଥାଏ, ଆପଣାର ଜୁର୍ଣ୍ଣ ହୃତ୍ପିଣ୍ଡ ପ୍ରତି ତାଙ୍କର ମମତା ସେତିକି ଥିଲା । ଏ କଥା ଅତ୍ୟୁକ୍ତି ନୁହେଁ ବୋଲି ଡାକ୍ତର ପୂଜାରୀଙ୍କର ଅନ୍ତିମ କାଳରେ

ଯେଉଁମାନେ ତାଙ୍କର ସଂସ୍ପର୍ଶରେ ଆସିଥିଲେ ସେମାନେ ସ୍ପଷ୍ଟ ଅନୁଭବ କରିଥିବେ । ଜଣେ ସନ୍ନ୍ୟାସୀ ପକ୍ଷରେ ସଂସାର ପ୍ରତି ପୂର୍ଣ୍ଣ ଅନାସକ୍ତି ସହିତ ମରିବା ବିଶେଷ ଅଭ୍ୟାସସାଧ୍ୟ ନୁହେଁ; କିନ୍ତୁ ସ୍ତ୍ରୀ, ପୁତ୍ର, ବନ୍ଧୁ ପରିଜନ ମଧ୍ୟରେ ଥାଇ ଏପରି ଭାବରେ ସଂସାରରୁ ବିଦାୟ ନେବା ହିଁ ଜୀବନ୍ମୁକ୍ତିର ଲକ୍ଷଣ ।

---

ମୁଦ୍ରାକର ବିଶ୍ୱମ୍ଭର ପରିଡ଼ା, ପ୍ରଜାତନ୍ତ୍ର ପ୍ରେସ, କଟକ

ମୁଦ୍ରାକର

ଶ୍ରୀ ବିଶ୍ୱମ୍ଭର ପଣ୍ଡା

ପ୍ରଜାତନ୍ତ୍ର ପ୍ରେସ, କଟକ—୨